RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-62 ♦WEDNESDAY ♦26 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୬୨ ♦ବୁଧବାର ♦୨୬ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



ଅଷ୍ଟ୍ରେଲିଆରେ ଖେଳିବେ ଅନନ୍ୟା

▶ପୃଷ୍ଠା ୧୨ ଦେଖନ୍ତୁ...




## 'ସକାଳ' ଓ 'ନନ୍ଦିଘୋଷ ଟିଭି'ର 'ଓଡ଼ିଶା ଅଭ୍ୟୁଦୟ' କନ୍‌କ୍ଲେଭ୍

### ବିକଶିତ ଓଡ଼ିଶା ପାଇଁ ଚାରି ସ୍ତମ୍ଭ

# ସୁଯୋଗ, ବିଶ୍ୱାସ, ମର୍ଯ୍ୟାଦା ଓ ବିକାଶ

■ ଭୁବନେଶ୍ୱର, ୨୫।୮ (ସମିସ): ଆମକୁ ଏମିତି ଏକ ଓଡ଼ିଶା ଗଢ଼ିବାକୁ ହେବ; ଯେଉଁଠି ଶିଶୁମାନେ ସୁଯୋଗ ସହିତ ଶିକ୍ଷା ଗ୍ରହଣ କରିପାରିବେ, ପ୍ରତ୍ୟେକ ଯୁବକ ବିଶ୍ୱାସର ସହ ସ୍ୱପ୍ନ ଦେଖିପାରିବେ, ମହିଳାମାନେ ମର୍ଯ୍ୟାଦାର ସହ ନେତୃତ୍ୱ ନେଇପାରିବେ। ସର୍ବୋପରି ସମାଜର ଶେଷ ଧାଡ଼ିର ବ୍ୟକ୍ତି ପାଖରେ ବିକାଶ ପହଞ୍ଚି ପାରିବ। ଏହିପରି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ସମ୍ମିଳିତ ପ୍ରୟାସ କରିବା ଓ ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ବୋଲି ଆହ୍ୱାନ ଦେଇଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି।

ମଙ୍ଗଳବାର ଦୈନିକ ଓଡ଼ିଆ 'ସକାଳ' ଓ 'ନନ୍ଦିଘୋଷ' ଟିଭି ପକ୍ଷରୁ ଆୟୋଜିତ 'ଓଡ଼ିଶା ଅଭ୍ୟୁଦୟ' କନ୍‌କ୍ଲେଭ୍‌ର ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଡଃ କମ୍ଭମପାଟି କହିଛନ୍ତି ଯେ ସମ୍ପ୍ରତି ଓଡ଼ିଶା ଏକ ନୂଆ ଦ୍ୱାରଦେଶରେ ଠିଆ ହୋଇଛି। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ ଅର୍ଥନୈତିକ ସ୍ଥିର ରାଜ୍ୟରେ ପରିଣତ ହୋଇଛି। ଏକଦା ଏକ ଗରିବ ରାଜ୍ୟ ଭାବେ ଜଣାଥିବା ଓଡ଼ିଶା ଆଜି ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅର୍ଥନୈତିକ ଭାବେ ସମୃଦ୍ଧ। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଆଜି ରାଜ୍ୟ ପାଇଁ ଗର୍ବର ବିଷୟ ପାଲଟିଛି। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ପ୍ରାକ ସତର୍କ ସୂଚନା ବ୍ୟବସ୍ଥା, ସ୍ଥାୟୀ ଭିତ୍ତିଭୂମି ଏବଂ ଗୋଷ୍ଠୀ ସହଭାଗିତା ମାଧ୍ୟମରେ ବିପର୍ଯ୍ୟୟ

### ଓଡ଼ିଶାର ଭବିଷ୍ୟତ ନିର୍ମାଣ ପାଇଁ ମିଳିତ ପ୍ରୟାସ ଆବଶ୍ୟକ: ରାଜ୍ୟପାଳ

### ଏବେ ପ୍ରତି ମୋବାଇଲ୍ ଫୋନ୍ ଗୋଟିଏ ଗୋଟିଏ ନ୍ୟୁଜରୁମ୍: ମାନସ

ପରିଚାଳନା ଲୋକଙ୍କ ମଧ୍ୟରେ ଆତ୍ମ ବିଶ୍ୱାସକୁ ବୃଦ୍ଧି କରିଛି ବୋଲି ରାଜ୍ୟପାଳ କହିଛନ୍ତି।

ଏହି ଅବସରରେ ରାଜ୍ୟପାଳ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଉତ୍ଥାନକୁ ପ୍ରଶଂସା କରିବା ସହ ଶିକ୍ଷାକୁ ବିକାଶର ପ୍ରମୁଖ ପ୍ରାଥମିକତା ପ୍ରଦାନ କରି ଜ୍ଞାନ, ଗବେଷଣା, ନବୀକରଣ ଓ ନେତୃତ୍ୱ ଉପରେ କେନ୍ଦ୍ରିତ ଉତ୍କର୍ଷ କେନ୍ଦ୍ର ଗଢ଼ିବା ଆବଶ୍ୟକ ବୋଲି କହିଛନ୍ତି। ଯୁବପିଢ଼ିକୁ କେବଳ ଚାକିରି ପାଇଁ ନୁହେଁ, ଚାକିରି ସୃଷ୍ଟି କରିବା ପାଇଁ ମଧ୍ୟ ପ୍ରସ୍ତୁତ କରାଯିବା, ମହିଳା ନେତୃତ୍ୱାଧୀନ ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ମହିଳାମାନଙ୍କ ପାଇଁ ଶିକ୍ଷା, ପ୍ରଯୁକ୍ତି, ଅର୍ଥ, ସମ୍ପତ୍ତି, ଉଦ୍ୟମିତା ଓ ନେତୃତ୍ୱ ସୁଯୋଗ ବୃଦ୍ଧି ପରି କାହାଣୀଗୁଡ଼ିକ ଲୋକଙ୍କୁ କେବଳ ସୂଚନା ଦିଏ ନାହିଁ, ସାଧାରଣ ଲୋକଙ୍କୁ ଅନୁପ୍ରେରିତ, ଉତ୍ସାହିତ କରିବା ସହ ପରିବର୍ତ୍ତନ ସୃଷ୍ଟି ନିମନ୍ତେ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। ତେଣୁ ଗଣମାଧ୍ୟମ ଏହି ଖବରଗୁଡ଼ିକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ 'ସକାଳ' ଓ 'ନନ୍ଦିଘୋଷ' ଟିଭିର ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଯୋଗ ଦେଇ ବର୍ତ୍ତମାନ ସମୟରେ ଗଣମାଧ୍ୟମ ସମ୍ମୁଖୀନ ହୋଇଥିବା ସମସ୍ୟା ଓ ଆହ୍ୱାନ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଯେ ଗଣମାଧ୍ୟମ ଏକ ବ୍ୟବସାୟ ନୁହେଁ; ଏହା ଏକ ସାମାଜିକ ଉତ୍ତରଦାୟିତ୍ୱ। ସାମ୍ପ୍ରତିକ ସମୟରେ ଗଣମାଧ୍ୟମ ଏକ ସ୍ପର୍ଶକାତର ସ୍ଥିତି ଦେଇ ଗତିକରୁଛି। ଆଜି ପ୍ରତ୍ୟେକ ମୋବାଇଲ୍ ଫୋନ୍ ଏକ ନ୍ୟୁଜରୁମ୍। ପ୍ରତ୍ୟେକ ସୋସିଆଲ ମିଡିଆ ଆକାଉଣ୍ଟ ଏକ ପ୍ରକାଶନ ସଂସ୍ଥା। ▶ପୃଷ୍ଠା-୭

## ସେପ୍ଟେମ୍ବର ୨୨ରୁ ବିଧାନସଭାର ମୌସୁମୀ ଅଧିବେଶନ

■ ଭୁବନେଶ୍ୱର, ୨୫।୮ (ସମିସ): ସପ୍ତଦଶ ବିଧାନସଭାର ସପ୍ତମ ତଥା ମୌସୁମୀ ଅଧିବେଶନ ସେପ୍ଟେମ୍ବର ୨୨ ତାରିଖରୁ ଆରମ୍ଭ ହେବ। ୨୩ ତାରିଖ ବୁଧବାର ଓ ୨୪ ତାରିଖ ଗୁରୁବାର ସରକାରୀ କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ଥିବାବେଳେ ୨୫ ତାରିଖ ଶୁକ୍ରବାରରେ ବେସରକାରୀ ସଦସ୍ୟ କାର୍ଯ୍ୟ ଅର୍ଥାତ୍ ବିଲ୍ ଓ ପ୍ରସ୍ତାବ ଉପରେ ଆଲୋଚନା ହେବ। ୨୬ ଓ ୨୭ ତାରିଖ ଶନିବାର ଓ ରବିବାର ବିଧାନସଭା ଛୁଟି ରହିବ। ୨୮, ୨୯, ୩୦ ଓ ଅକ୍ଟୋବର ୧ ତାରିଖରେ ଗୃହକାର୍ଯ୍ୟ ଚାଲିବ ଓ ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଛୁଟି ରହିବ। ୩ ତାରିଖରେ ▶ପୃଷ୍ଠା-୭

## ଶୋଇଥିବାବେଳେ କାମୁଡ଼ିଲା ସାପ; ୪ ମୃତ

### ଭାଇ-ଭଉଣୀ, ଅଜା-ନାତି ମୃତ

■ ବଣାଇଁଗଡ଼, ୨୫।୮ (ସମିସ): ଶୋଇଥିବାବେଳେ କାମୁଡ଼ିଲା ସାପ। ଚାଲିଗଲା ଅଜା-ନାତି ଓ ଭାଇ-ଭଉଣୀଙ୍କ ଜୀବନ। ମୃତକ ହେଲେ ବଣାଇଁ ବ୍ଲକ ଟିକାୟତପାଲି ଥାନା ଅନ୍ତର୍ଗତ ତିଲେଇମାଲ ଗ୍ରାମର ରବି ଭୂୟାଁ (୭୬) ଓ ତାଙ୍କ ନାତି ସଞ୍ଜୟ ନାଏକ (୮) ଓ ଗୁରୁଣ୍ଡିଆ ବ୍ଲକ ଚାନ୍ଦିପୋଷ ଥାନା ଅନ୍ତର୍ଗତ ଗିର୍ଜାଟୋଲି ଗାଁର ସମୀର ହାରୋ (୧୦) ଏବଂ ତାଙ୍କ ଭଉଣୀ ସାଇରେନ ହାରୋ (୭)।

ପ୍ରକାଶ ଯେ, ବଣାଇଁ ବ୍ଲକ ଟିକାୟତପାଲି ଥାନା ଅନ୍ତର୍ଗତ ତିଲେଇମାଲ ଗ୍ରାମ ଭୂୟାଁସାହିର ରବି ଭୂୟାଁ ଓ ତାଙ୍କ ନାତି ସଞ୍ଜୟ ସୋମବାର ରାତିରେ ଖାଇପିଇ ଶୋଇଥିଲେ। ମାତ୍ର ବିଳମ୍ବିତ ରାତିରେ ଉଭୟଙ୍କୁ ସାପ କାମୁଡ଼ି ଦେଇଥିଲା। ଅଜା-ନାତିଙ୍କୁ ବଣାଇଁ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହକୁ ▶ପୃଷ୍ଠା-୭





15001/94/2627





ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା।

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି।

ଏହି ପବିତ୍ର ଅବସର ଆମ ସମାଜରେ ଶାନ୍ତି, ପାରସ୍ପରିକ ସମ୍ମାନ ଓ ସଦ୍‌ଭାବନାକୁ ଅଧିକ ସୁଦୃଢ଼ କରିବ ବୋଲି ମୋର ଆଶା ଓ ବିଶ୍ୱାସ।

(ହରି ବାବୁ କମ୍ଭମପାଟି)



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0094

















'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଆୟୋଜିତ ଦୁଇ ଦିନିଆ 'ଓଡ଼ିଶା ଅଭ୍ୟୁଦୟ' କନ୍‌କ୍ଲେଭ୍‌କୁ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଉଦ୍‌ଘାଟନ କରିଛନ୍ତି । ମଙ୍ଗଳବାର ପ୍ରଥମ ଦିବସରେ ୪ଟି ଅଧିବେଶନରେ 'ଏକବିଂଶ ଶତାବ୍ଦୀରେ ଓଡ଼ିଶାର ବିକାଶ ଯାତ୍ରା', 'ରାଜନୀତିରୁ ଊର୍ଦ୍ଧ୍ୱରେ ଜନନାୟକ ନବୀନ ପଟ୍ଟନାୟକ', 'ମହିଳା ସଶକ୍ତୀକରଣ ଦିଗରେ ଆହ୍ୱାନ ଓ ଉପଲବ୍ଧି' ଏବଂ 'ଶିକ୍ଷା ସଂସ୍ଥାନର ପ୍ରମୁଖ କେନ୍ଦ୍ର ଓଡ଼ିଶା' ଶୀର୍ଷକ ପ୍ରସଙ୍ଗ ଉପରେ ବିଶିଷ୍ଟ ବ୍ୟକ୍ତିମାନେ ନିଜ ନିଜର ମତ ଉପସ୍ଥାପନ କରିଛନ୍ତି ।




















# ରାଜନେତା ନିର୍ବାଚନକୁ ଦେଖେ; ଜନନେତା ଆଗାମୀ ପିଢ଼ିକୁ ଦେଖେ




- 'ଆର୍ଥିକ ନିଅଣ୍ଟିଆ' ରାଜ୍ୟକୁ ବିକାଶର ମଡେଲ କରିଛନ୍ତି ନବୀନ: ପ୍ରଫୁଲ୍ଲ
- ନବୀନ ହିମାଳୟ, ଆମେ ଗୋଡ଼ି ସଦୃଶ୍ୟ: ସୁରେଶ
- ନବୀନ କମ୍ କୁହନ୍ତି, ଅଧିକ କୁହେ ତାଙ୍କ ବିକାଶ: ପ୍ରହଲ୍ଲାଦ
- ଓଡ଼ିଶାକୁ ଏକ 'ବ୍ରାଣ୍ଡ ଓଡ଼ିଶା'ରେ ପରିଣତ କହିଦେଇଛନ୍ତି ନବୀନ: କେଦାର

ଭୁବନେଶ୍ୱର, ୨୫।୮ (ସମିସ): ଜନନାୟକ ହେବାକୁ ଉଦ୍ୟମ କରିବାକୁ ପଡ଼େନାହିଁ; ଜନନାୟକ ସେ ଲୋକ ହୁଏ, ଯାହାଙ୍କୁ ଦେଖି ସାମ୍ନାରେ ଥିବା ଲୋକଙ୍କ ମଧ୍ୟରେ ଉତ୍ସାହ ଆସେ। ସିଏ ଜିତନ୍ତୁ କିମ୍ବା ହାରନ୍ତୁ; କ୍ଷମତାରେ ଥା'ନ୍ତୁ କି ନ ଥା'ନ୍ତୁ, ତାଙ୍କ ପ୍ରତି ଲୋକଙ୍କ ଭଲ ପାଇବା କମି ନଥାଏ। ୨୪ ବର୍ଷର ମୁଖ୍ୟମନ୍ତ୍ରୀତ୍ୱ ଯେତିକି ଗୁରୁତ୍ୱ, ତା' ଠାରୁ ଅଧିକ ଗୁରୁତ୍ୱ କ୍ଷମତାରୁ ଗଲା ପରେ ବି ସେ ଭଲ ପାଇବା ସେମିତି ଅକ୍ଷୁଣ୍ଣ ରହେ। ତାହା ହିଁ ଫୁଟିଉଠିଛି ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱରେ। ତେଣୁ ଯଥାର୍ଥରେ କହିବାକୁ ଗଲେ ସେ ରାଜନୀତିଠାରୁ ଉର୍ଦ୍ଧ୍ୱରେ। କେବଳ ଜଣେ ରାଜନେତା କହିଲେ ହେବନି, ତାଙ୍କୁ ଯଥାର୍ଥରେ ଜନନେତା କୁହାଯାଇପାରେ ବୋଲି ମତ ପ୍ରକାଶ ପାଇଛି। ଦୈନିକ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଅନୁଷ୍ଠିତ ଦୁଇଦିନିଆ କନ୍‌କ୍ଲେଭ୍ 'ଓଡ଼ିଶା ଅଭ୍ୟୁଦୟ' କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସ ଦ୍ୱିତୀୟ ଅଧିବେଶନରେ ଯୋଗ ଦେଇ ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି।

'ରାଜନୀତିରୁ ଉର୍ଦ୍ଧ୍ୱରେ ଜନନାୟକ ନବୀନ ପଟ୍ଟନାୟକ' ଶୀର୍ଷକ ଏହି ଆଲୋଚନାଚକ୍ରକୁ ସଂଚାଳନ କରିଥିଲେ ଉପସ୍ଥାପିକା ଗାୟତ୍ରୀ ମହାନ୍ତି। ଏଥିରେ ଆଲୋଚକ ଭାବେ ଯୋଗଦେଇଥିଲେ ବରିଷ୍ଠ ରାଜନେତା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, କଂଗ୍ରେସର ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସ୍ତମ୍ଭକାର ପ୍ରହଲ୍ଲାଦ ସିଂ ଏବଂ ବରିଷ୍ଠ ସାମ୍ବାଦିକ, ଲେଖକ, ସ୍ତମ୍ଭକାର କେଦାର ମିଶ୍ର।

ଏହି ଅବସରରେ ନିଜର ମତ ରଖି ବରିଷ୍ଠ ରାଜନେତା ଶ୍ରୀଯୁକ୍ତ ଘଡ଼ାଇ କହିଥିଲେ, ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଗରିବ ଓଡ଼ିଶାରେ 'ନୂତନ ସୂର୍ଯ୍ୟୋଦୟ' ଭଳି ବିଜୁବାବୁଙ୍କ ଦୂରଦୃଷ୍ଟି ଏବଂ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ରାଜନୀତିରେ ପ୍ରବେଶ କରିଥିଲେ ନବୀନ। ରାଜନୀତିରେ ସଂପୂର୍ଣ୍ଣ 'ନବୀନ' ନବୀନ ପଟ୍ଟନାୟକ ଧୀରେଧୀରେ କ୍ଷମତାର ଅଳନ୍ଧୁ ମଧ୍ୟରୁ ରାଜ୍ୟକୁ ବିକାଶର ରାଜମାର୍ଗରେ ନେଇ ଯାଇଥିଲେ। ଏକ ଆର୍ଥିକ ନିଅଣ୍ଟିଆ ରାଜ୍ୟକୁ 'ବିକାଶଶୀଳ ରାଜ୍ୟରେ' ପରିଣତ କରିବାରେ ତାଙ୍କର ବିଚକ୍ଷଣ ବୁଦ୍ଧି, ଧୀସଂପନ୍ନ କାର୍ଯ୍ୟଶୈଳୀ ତାଙ୍କୁ କେବଳ ରାଜନେତା ନୁହେଁ, ଜଣେ ଜନନେତା ଭାବେ ଗଢ଼ିତୋଳିଛି। ରାଜନୈତିକ ପରିବାରର ହୋଇଥିଲେ, ମଧ୍ୟ ରାଜନୈତିକ ପୃଷ୍ଠଭୂମିଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ପରିବେଶରେ ବଢ଼ିଥିବା ନବୀନଙ୍କ ରାଜନୀତି ପ୍ରବେଶ ଅନେକଙ୍କ ଅଡୁଆ ଲାଗିଥିଲା। କିନ୍ତୁ ତାଙ୍କ କାର୍ଯ୍ୟଧାରା, ବିକାଶର ଚିନ୍ତାଧାରା ତଥା ରାଜ୍ୟକୁ ସମୃଦ୍ଧ ପଥରେ ବାହିନେବାର ଦୁର୍ବାର ଉଦ୍ୟମ ତାଙ୍କୁ କେବଳ ରାଜ୍ୟ ଭିତରେ ନୁହେଁ, ସାରା ଦେଶରେ ଜଣେ ଜନନାୟକର ଆଖ୍ୟା ଦେଇପାରିଛି। ବିପର୍ଯ୍ୟୟ ପ୍ରଶମନରୁ ଆରମ୍ଭ କରି ମହିଳା ସଶକ୍ତୀକରଣ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ତାଙ୍କ ବିକାଶ ଧାରା ଗୋଟେ ଗୋଟେ ମଡେଲ ହୋଇ ରହିଛି। ପଦପଦବୀ, କ୍ଷମତା, ରାଜନୀତିଠାରୁ ସଂପୂର୍ଣ୍ଣ ଭିନ୍ନ ଜଣେ ଜନନାୟକ ଭାବେ ଗଢ଼ିତୋଳିଛି ବୋଲି ଶ୍ରୀଯୁକ୍ତ ଘଡ଼ାଇ ମତବ୍ୟକ୍ତି କରିଥିଲେ।

ସେହିପରି ବରିଷ୍ଠ ରାଜନେତା ଶ୍ରୀଯୁକ୍ତ ରାଉତରାୟ ନିଜର ମତ ଦେଇଥିଲେ, ନବୀନ ଏକ ଭିନ୍ନ ବ୍ୟକ୍ତିତ୍ୱ। ସବୁବେଳେ ଦଳମତ ନିର୍ବିଶେଷରେ ସେ ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ପାଇଁ 'ଦଳ' ନୁହେଁ, ବଡ଼ ରାଜ୍ୟର 'ବିକାଶ'। ମୁଁ ବିରୋଧୀ ଦଳରେ ହେଲେ ମଧ୍ୟ ମୋ ଅଞ୍ଚଳର ବିକାଶରେ ଯେତେବେଳେ ଯେଉଁ ଦାବି ରଖିଛି, ତାହା ସେ ଦ୍ୱିଧାରେ ପୂରଣ କରିଛି। ତାଙ୍କର ଏହି ବ୍ୟକ୍ତିତ୍ୱ ତାଙ୍କୁ ରାଜନୀତିଠାରୁ ଉର୍ଦ୍ଧ୍ୱରେ ଜଣେ ଜନନାୟକ ଭାବେ ଲୋକପ୍ରିୟ କରିପାରିଛି। ନବୀନ ଲୋକପ୍ରିୟତାରେ ହିମାଳୟ, ଆମେ ତାଙ୍କ ସମ୍ମୁଖରେ ଗୋଡ଼ି ସଦୃଶ୍ୟ।

ବରିଷ୍ଠ ସ୍ତମ୍ଭକାର ପ୍ରହଲ୍ଲାଦ ସିଂ, ଏହି ଅବସରରେ ନିଜର ମତ ଦେଇ କହିଥିଲେ, ରାଜନେତାମାନେ ଆଗାମୀ ନିର୍ବାଚନକୁ ଦୃଷ୍ଟି ଦେଇ କାମ କରୁଥିବା ବେଳେ, ନବୀନ କିନ୍ତୁ, ଆଗାମୀ ପିଢ଼ିକୁ ଦୃଷ୍ଟି ଦେଇଥାନ୍ତି। ସରଳ ଜୀବନ, ଉଚ୍ଚ ଚିନ୍ତାଧାରାର ବ୍ୟକ୍ତିତ୍ୱ ନବୀନଙ୍କ ଜିନ୍‌ରେ ହିଁ ରହିଛି ଷ୍ଟେଟ୍‌ସମ୍ୟାନ୍‌ର ପ୍ରକୃତି। ତାଙ୍କ ଜେଜେବାପା ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଠାରୁ ଆରମ୍ଭ ହୋଇଥିବା ଏହି ଗୁଣ, ତାଙ୍କ ବାପା ବିଜୁ ପଟ୍ଟନାୟକଙ୍କ ମାଧ୍ୟମ ଦେଇ ଉତ୍ତରାଧିକାରୀ ସୂତ୍ରରେ ନବୀନ ପଟ୍ଟନାୟକଙ୍କୁ ମିଳିଛି। ନବୀନ କମ୍ କୁହନ୍ତି, ଅଧିକ କୁହେ ତାଙ୍କ ବିକାଶ। ଶ୍ରୀମନ୍ଦିରଠାରୁ ଆରମ୍ଭ କରି ଏସ୍‌ସିବି ମେଡିକାଲ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ, କୋରାପୁଟରୁ କେନ୍ଦୁଝର, କଳାହାଣ୍ଡିରୁ କେନ୍ଦ୍ରାପଡ଼ା, ପଶ୍ଚିମ ଓଡ଼ିଶାରୁ ଉପକୂଳ ଓଡ଼ିଶା, ସବୁଠାରେ ତାଙ୍କ ବିକାଶ କଥା କୁହେ। ରାଜନୀତିରେ ସେ ସମଦୂରତା ରକ୍ଷା କରୁଥିଲେ ମଧ୍ୟ ରାଜ୍ୟର ସ୍ୱାର୍ଥ ପାଇଁ କେଉଁଠି ବି ବୁଝାମଣା କରିନାହାନ୍ତି। ବରଂ ଆବଶ୍ୟକ ସ୍ଥଳରେ ରାଜ୍ୟ ପାଇଁ ଲଢ଼େଇ କରିଛନ୍ତି। ରାଜ୍ୟର ସ୍ୱାର୍ଥହାନୀକୁ ପ୍ରତିବାଦ କରିଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ।

ବରିଷ୍ଠ ସାମ୍ବାଦିକ କେଦାର ମିଶ୍ର ଏହି ଅବସରରେ ନିଜର ମତଦେଇ କହିଥିଲେ, ଦିନେ ଭୋକ ଓ ଅନାହର ମୃତ୍ୟୁକୁ ନେଇ ଅପବାଦ ମୁଣ୍ଡାଉଥିବା ଓଡ଼ିଶାକୁ ଏକ 'ବ୍ରାଣ୍ଡ ଓଡ଼ିଶା'ରେ ପରିଣତ କହିଦେଇଛନ୍ତି ନବୀନ। ନବୀନଙ୍କ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶସନ କଥା ହେଉ, କିମ୍ବା ନାରୀ ସଶକ୍ତୀକରଣ କଥା, ରୋଗୀ କଲ୍ୟାଣ ବ୍ୟବସ୍ଥା ହେଉ କିମ୍ବା ଭୋକର ଦମନ ପାଇଁ ୧ ଟଙ୍କିଆ, ଦୁଇ ଟଙ୍କିଆ ଚାଉଳ ବ୍ୟବସ୍ଥା, ବିକାଶ ହେଉ କିମ୍ବା ରାଜନୀତି; ସବୁ କିଛି ଆଜି କେବଳ ରାଜ୍ୟରେ ନୁହେଁ, ରାଜ୍ୟ ବାହାରେ, ଏପରିକି ଦେଶ ବାହାରେ ମଧ୍ୟ ଏକ 'ବ୍ରାଣ୍ଡ' ଭାବେ ଅନ୍ୟ ପାଇଁ ଅନୁକରଣୀୟ ହୋଇଛି। ନବୀନଙ୍କ ବିକାଶ ମଡେଲକୁ ଅନ୍ୟମାନେ ଗ୍ରହଣ କରିଛନ୍ତି। ତାଙ୍କ ପ୍ରଭାବ ସାଧାରଣ ଜନତାଙ୍କ ହୃଦୟରେ ଏପରି ଛାପ ଛାଡ଼ିଯାଇଛି, ଯଥାର୍ଥରେ ତାଙ୍କୁ ଜନନାୟକ କହିବାରେ କିଛି ବି ଭୁଲ ହେବ ନାହିଁ ବୋଲି ସେ କହିଥିଲେ। ଏହି ଅବସରରେ ସମସ୍ତ ଆଲୋଚକ ଅତିଥିଙ୍କୁ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଅଧ୍ୟକ୍ଷ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ସଂପାଦକ ସମରେନ୍ଦୁ ଦାସ ଉପସ୍ଥିତ ଥିଲେ।

# ଭୋକର ଭୂଗୋଳରେ ବିକାଶର ଛବି



- କେବଳ ଘୋଷଣାରେ ହେବନି ରାଜ୍ୟର ବିକାଶ: ଜୟଦେବ
- ୨୦୦୧ ପରେ ଓଡ଼ିଶା ପ୍ରଥମ ଥର ତା'ର ହକ୍ ମାଗିଛି: ଭୃଗୁ
- ନିଜର ସ୍ୱତନ୍ତ୍ର ବିକାଶ ମଡେଲ୍ ଓଡ଼ିଶାର ପରିଚୟ: ରାଜୀବ

ଭୁବନେଶ୍ୱର,୨୫।୮ (ସମିସ): ଦିନ ଥିଲା ୧୯୯୯ ମହାବାତ୍ୟା ଦେଶରେ ଓଡ଼ିଶା ପାଇଁ ବଡ଼ ପରିଚୟ ଥିଲା। ମହାବାତ୍ୟା ପରେ ଅର୍ଥାତ୍ ୨୦୦୧ ପୂର୍ବରୁ ଓ ପରଠାରୁ ଓଡ଼ିଶାର ଛବିରେ ବଡ଼ ପରିବର୍ତ୍ତନ ହୋଇଛି। ଶାସନ ବ୍ୟବସ୍ଥାଠାରୁ ଆର୍ଥିକ ନୀତିରେ ହୋଇଛି ଅନେକ ବଡ଼ ପରିବର୍ତ୍ତନ। ପୂର୍ବତନ ମୁଖ୍ୟ ମନ୍ତ୍ରୀ ନୀବନ୍ ପଟ୍ଟନାୟକଙ୍କ ନେତୃତ୍ୱର ୨୫ ବର୍ଷର ଶାସନରେ ଶିଳ୍ପଠାରୁ ଆରମ୍ଭ କରି ଭିତ୍ତିଭୂମି, ସ୍ୱାସ୍ଥ୍ୟ,କ୍ରୀଡା, ଆର୍ଥିକ ଓ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କ୍ଷୁଧାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ ନବୀନ୍ ବାବୁଙ୍କ ବଡ଼ ସଫଳତା ଥିଲା। ୨୦୦୧ ପରେ ଓଡ଼ିଶା ପ୍ରଥମ ଥର କେନ୍ଦ୍ର ନିକଟରେ ତା'ର ହକ୍ ମାଗିଛି। ବର୍ତ୍ତମାନ ଅଣାଯାଇଥିବା ଖଣି ଓ ଖଣିଜ ସାମଗ୍ରୀ ବିକାଶ ଓ ନିୟାମକ ଆଇନ (ଏମ୍‌ଏମ୍‌ଡିଆର୍)ରେ ସଂଶୋଧନ ରାଜ୍ୟକୁ ବଡ଼ କ୍ଷତି ପହଞ୍ଚାଇଛି। ହେଲେ ଦିନେ ଯେଉଁ ଖଣି ଓଡ଼ିଶାର ଭାଗ୍ୟ ବଦଳାଇଥିଲା ଏବେ ସେହି ଖଣି କ୍ଷେତ୍ରରେ ଓଡ଼ିଶା ସବୁକିଛି ହରାଇବାକୁ ଯାଉଛି। ତେଣୁ ଏକ ବିଂଶ ଶତାବ୍ଦୀ ପାଇଁ ଯେତେବେଳେ ରାଜ୍ୟର ବିକାଶ ଲାଗି ଯୋଜନା ପ୍ରସ୍ତୁତ କରିବା ସେତେବେଳେ ବିଭିନ୍ନ ନୀତି ନିର୍ଦ୍ଧାରଣ ସେହି ଅନୁଯାୟୀ ହେବା ଉଚିତ୍। କେବଳ ଘୋଷଣାରେ ଓଡ଼ିଶାର ବିକାଶ ହେବ ନାହିଁ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି।

ମଙ୍ଗଳବାର ରେଳ ଅଡିଟୋରିୟମ୍‌ଠାରେ ଦୈନିକ ଓଡ଼ିଆ 'ସକାଳ' ଓ 'ନନ୍ଦିଘୋଷ' ଟିଭି ପକ୍ଷରୁ ଆୟୋଜିତ 'ଓଡ଼ିଶା ଅଭ୍ୟୁଦୟ' କନ୍‌କ୍ଲେଭ୍‌ରେ 'ଏକବିଂଶ ଶତାବ୍ଦୀରେ ଓଡ଼ିଶାର ବିକାଶ ଯାତ୍ରା' ଶୀର୍ଷକ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଲେ, ସରକାର ଆସିବେ, ଯିବେ। ନେତା ବଛା ହେବେ। ବିଜୁ ବାବୁଙ୍କଠାରୁ ଆରମ୍ଭ କରି ନନ୍ଦିନୀ ଦେବୀ,ଜାନକୀ ବାବୁ ଏବଂ ନବୀନ୍ ପଟ୍ଟନାୟକଙ୍କ ଭଳି ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମୟରେ ରାଜ୍ୟର ବିକାଶ ପାଇଁ ଯୋଜନା ମାନ ଅଣାଯାଉଛି। ଜାନକୀ ବାବୁ ରାଜ୍ୟରେ ହଜାରରେ ଦିନରେ ହଜାରେ ଶିଳ୍ପ ଭଳି ଗଢ଼ିଥଲେ। ନୀବନ୍ ବାବୁ ତାକୁ ଆଉ ଆଗକୁ ନେଇ ବୃହତ୍ ଶିଳ୍ପ ଗଢ଼ିଥିଲେ। ତେଣୁ ରାଜ୍ୟ ପାଇଁ ବଡ଼ ବଡ଼ ଯୋଜନା ପ୍ରସ୍ତୁତ ହେଉ, କିନ୍ତୁ ସେଗୁଡିକୁ ଜନତାଙ୍କ ଲାଭ ଦିଗରେ କାର୍ଯ୍ୟକାରୀ କରାଯାଉ। ନ ହେଲେ ଏକ ବିଂଶ ଶତାବ୍ଦୀ ପାଇଁ ଓଡ଼ିଶାର ବିକାଶ ଲାଗି ପ୍ରସ୍ତୁତ କରାଯାଉଥିବା ଏହି ସବୁ ଯୋଜନା କେବଳ ଘୋଷଣାରେ ରହିଯିବ।

କାର୍ଯ୍ୟକ୍ରମରେ ଯୋଗଦେଇ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଲେ, ୨୦୦୦ ମସିହା ପରେ ଓଡ଼ିଶାର ପ୍ରଶାସନିକ ବ୍ୟବସ୍ଥା ଏବଂ ନୀତିରେ ବଡ଼ପରିବର୍ତ୍ତନ ହୋଇଛି। ରାଜ୍ୟର ଭିତ୍ତିଭୂମି ବିକାଶଠାରୁ ଆରମ୍ଭ କରି ମହିଳା, ଯୁବ,ବାତ୍ୟା ପରିଚାଳନା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆସିଛି। ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିରେ ଓଡ଼ିଶା ଅନେକ ଆଗକୁ ଯାଇଥିବାବେଳେ ରାଜ୍ୟର ବଜେଟ୍ ୧୫ ଗୁଣା ବଢ଼ି ୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏସବୁ ରାଜ୍ୟର ପରିବର୍ତ୍ତିତ ବିକାଶ ଯାତ୍ରାକୁ ଦର୍ଶାଉଥିବା ଶ୍ରୀ ପାତ୍ର କହିଛନ୍ତି। ରାଜ୍ୟ ସମ୍ପ୍ରତି ଏମ୍‌ଏମ୍‌ଡିଆର୍ ଆଇନରେ ସଂଶୋଧନ ପାଇଁ ବଡ଼ ଧରଣର ରାଜସ୍ୱ କ୍ଷତି ସହିବାକୁ ଯାଉଛି। ନବୀନ୍ ସରକାରରେ ଖଣି ରାଜସ୍ୱରେ ଓଡ଼ିଶା ଯେଉଁ ରେକର୍ଡ ହାସଲ କରିଥିଲା, ତାହା ଏବେ ଆଉ ନାହିଁ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଚାର୍ଟାଡ୍ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ କହିଛନ୍ତି ଯେ, ଦିନେ ମହାବାତ୍ୟା ଓଡ଼ିଶା ପାଇଁ ପରିଚୟ ଥିଲା। ଆଜି ଓଡ଼ିଶା ଏହାର ବିକାଶ ମହେଲ ପାଇଁ ପରିଚୟ ହାସଲ କରିଛି। ଭିତ୍ତିଭୂମି ବିକାଶ. ଶିଳ୍ପ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ସଫଳତା ଆଜି ଦେଶରେ ବେଶ ଜଣାଶୁଣା। ପୂର୍ବରୁ କେବଳ ଖଣି କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ହେଲେ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବା ଅଣ-ଖଣି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଥିଲେ ଆଜି ରାଜ୍ୟର ବିକାଶ ଆହୁରି ହୋଇପାରିଥାନ୍ତା ବୋଲି ଶ୍ରୀ ସାହୁ କହିଛନ୍ତି।

# ଆତ୍ମସମ୍ମାନର ସହ ଆଗକୁ ବଢ଼ିବା ହିଁ ପ୍ରକୃତ ମହିଳା ସଶକ୍ତୀକରଣ




- ନିଷ୍ପତ୍ତି ନେଇପାରିବାର ଅଧିକାର ହିଁ ପ୍ରକୃତ ସଶକ୍ତୀକରଣ: ସୁଲୋଚନା
- ଜଣେ ମହିଳା ପ୍ରଥମେ ନିଜ ପରିବାରରୁ ସଶକ୍ତ ହେବା ଉଚିତ୍: ସ୍ନିଗ୍ଧା
- ପୁରୁଷ କୈନ୍ଦ୍ରିକ ସମାଜରେ ମହିଳାଙ୍କ ଆତ୍ମନିର୍ଭରଶୀଳତା ବଢ଼ିଛି: ଶର୍ମିଷ୍ଠା
- ଜଣେ ସଶକ୍ତ ମହିଳା ପଛରେ ଜଣେ ପୁରୁଷର ହାତ ରହିବା ଜରୁରୀ : ମିନତି

ଭୁବନେଶ୍ୱର,୨୫।୮ (ସମିସ): ମହିଳାମାନେ କେବଳ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳତା ନୁହେଁ; ଶିକ୍ଷା, ସାମାଜିକ ଓ ବ୍ୟକ୍ତିଗତ କ୍ଷେତ୍ରରେ ମଧ୍ୟ ସଶକ୍ତ ହେବା ଉଚିତ୍। ବିଶେଷକରି ନିଜେ ଆତ୍ମସମ୍ମାନର ସହ ନିଜର ନିଷ୍ପତ୍ତି ନେବା ହେଉଛି ପ୍ରକୃତ ମହିଳା ସଶକ୍ତୀକରଣ। 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ସ୍ଥାନୀୟ ରେଲୱେ ଅଡିଟୋରିୟମରେ ଆୟୋଜିତ 'ଓଡ଼ିଶା ଅଭ୍ୟୁଦୟ' କାର୍ଯ୍ୟକ୍ରମରେ 'ମହିଳା ସଶକ୍ତୀକରଣ ଦିଗରେ ଆହ୍ୱାନ ଓ ଉପଲବ୍ଧି' ଶୀର୍ଷକ ଆଲୋଚନାରେ ଏହି ମତ ପ୍ରକାଶ ପାଇଛି।

କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ଅନେକ ମହିଳା ଶିକ୍ଷା କ୍ଷେତ୍ରରେ ଅଗ୍ରଗତି କରିଥିଲେ ମଧ୍ୟ ପରିବାର ଏବଂ ବାହାରେ (କର୍ମକ୍ଷେତ୍ର କିମ୍ବା ସମାଜ) ନିର୍ଯାତନାର ଶିକାର ହେଉଛନ୍ତି। ଯଦିଓ ମହିଳାଙ୍କୁ ଭଗବାନ ମାତୃତ୍ୱ ଲାଭ କରିବାର କ୍ଷମତା ଦେଇଛନ୍ତି ଏବଂ ପରିବାର ତଥା ନିଜ ପିଲାମାନଙ୍କ ଲାଳନପାଳନରେ ମହିଳାଙ୍କର ପ୍ରମୁଖ ଭୂମିକା ରହିଛି, କିନ୍ତୁ ଆଜି ମଧ୍ୟ ମହିଳାମାନେ ନିଜେ ନିଜର ନିଷ୍ପତ୍ତି ନେବାକୁ ଆଗକୁ ଆସିପାରୁ ନାହାନ୍ତି। ଯାହାକି ବର୍ତ୍ତମାନ ସମାଜରେ ଏକ ଆହ୍ୱାନ ପାଲଟିଛି ବୋଲି ମେୟର ଶ୍ରୀମତୀ ଦାସ କହିଛନ୍ତି।

ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ତଥା ବିଶିଷ୍ଟ ଆଇନଜୀବୀ ସ୍ନିଗ୍ଧା ପାଣିଗ୍ରାହୀ ଯୋଗଦେଇ କହିଛନ୍ତି, ଜଣେ ମହିଳା ପ୍ରଥମେ ନିଜ ପରିବାରରୁ ସଶକ୍ତ ହେବା ଉଚିତ୍। ଯେଉଁଠି ନିଜର ବ୍ୟକ୍ତିଗତ ସ୍ୱରକୁ ନିଜେ ଉଠାଇବାରେ ସକ୍ଷମ ହୋଇପାରିବ। କାରଣ ମହିଳା ସଶକ୍ତୀକରଣ ଏକ ପ୍ରକ୍ରିୟା। ଯାହା ଥରକେ କିମ୍ବା ହଠାତ୍ ହୋଇନଥାଏ। ଏଥିପାଇଁ ସମୟ ଓ ପାରିପାର୍ଶ୍ୱିକ ସହଯୋଗ ସହ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ। କାରଣ ଆଜିର ସମୟରେ ମହିଳାମାନେ ଶିକ୍ଷା କ୍ଷେତ୍ରରେ ଆଗକୁ ଆସିବା ସହ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ପୁରୁଷଙ୍କ ଠାରୁ କମ୍ ନୁହଁନ୍ତି। କହିବାକୁ ଗଲେ ମହିଳାମାନେ ଆର୍ଥିକ କ୍ଷେତ୍ରରେ ପୁରୁଷଙ୍କ ସହ ସମାନ ଭାବେ ଆତ୍ମନିର୍ଭର। କିନ୍ତୁ କେବଳ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେଲେ ତାହାକୁ ମହିଳା ସଶକ୍ତୀକରଣ କୁହାଯାଇପାରିବ ନାହିଁ। ବରଂ ଏଥିପାଇଁ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

ପୂର୍ବତନ ଲୋକସଭା ସାଂସଦ ଶର୍ମିଷ୍ଠା ସେଠୀ ମହିଳା ସଶକ୍ତୀକରଣ କ୍ଷେତ୍ରରେ 'ମିଶନ ଶକ୍ତି'ର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖି କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ୭୦ ହଜାର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇ ଏକ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କରିଥିଲେ। ସାଧାରଣ ଭୋଟରରୁ ରାଜନୀତି କ୍ଷେତ୍ରରେ ଡିସିସନ୍ ମେକର୍ ହେବା ସହ 'ଏସ୍‌ଏଚ୍‌ଜିରୁ ଏସ୍‌ଏମ୍‌ଇ'ର ସଫଳ ଯାତ୍ରା ଉପରେ ଆଲୋଚନା କରି କହିଥିଲେ ଯେ ଏହି ସଫଳତା ମହିଳାମାନଙ୍କ ଆତ୍ମବିଶ୍ୱାସକୁ ଆହୁରି ସୁଦୃଢ଼ କରିଛି। ପୁରୁଷକୈନ୍ଦ୍ରିକ ସମାଜରେ ମହିଳାମାନଙ୍କୁ ସମ୍ମାନର ସହ ଆତ୍ମନିର୍ଭର ହେବାକୁ ଆଗେଇ ନେଇଛି। ବିଭିନ୍ନ କ୍ଷେତ୍ରରେ ଦିନେ ଯେଉଁ ମହିଳାମାନେ ପୁରୁଷମାନଙ୍କ ଉପରେ ନିର୍ଭର କରୁଥିଲେ ବର୍ତ୍ତମାନ ନିଜର ଦୃଢ଼ ମନୋବଳରେ ସଫଳତାର ଶୀର୍ଷରେ ମଧ୍ୟ ପହଞ୍ଚିବାକୁ ଆରମ୍ଭ କଲେଣି। ଏହାହିଁ ପ୍ରକୃତ ସଶକ୍ତୀକରଣ ବୋଲି ଶ୍ରୀମତୀ ସେଠୀ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟତମ ଆଲୋଚିକା ଭାବେ ବରିଷ୍ଠ ସାମ୍ବାଦିକା ମିନତି ସିଂହ ଯୋଗଦେଇ କହିଛନ୍ତି, ଯେଉଁ ମହିଳା ନିଜ ସହ ନିଜ କମ୍ୟୁନିଟି କିମ୍ବା ନିଜ ଅଞ୍ଚଳର ମହିଳାମାନଙ୍କୁ ସଶକ୍ତ କରାଇଥାଏ ସେ ହିଁ ପ୍ରକୃତରେ ସଶକ୍ତ ମହିଳା ଭାବେ ପରିଗଣିତ ହୋଇଥାଏ। ତେବେ ମହିଳା ସଶକ୍ତୀକରଣର ପ୍ରକୃତ ଅର୍ଥ ପୁରୁଷମାନେ ବୁଝିବା ସହ ଏଦିଗରେ ମହିଳାଙ୍କୁ ପୂର୍ଣ୍ଣ ସହଯୋଗ କରିବା ମଧ୍ୟ ମହିଳା ସଶକ୍ତୀକରଣ। ମହିଳାଙ୍କ ବିଭିନ୍ନ ସମସ୍ୟା ବିଷୟରେ କେବଳ ମହିଳାମାନେ ଆଲୋଚନା କଲେ ହେବ ନାହିଁ; ବରଂ ପୁରୁଷମାନଙ୍କୁ ମଧ୍ୟ ସାମିଲ କରାଯିବା ଉଚିତ୍। କାରଣ ଜଣେ ପୁରୁଷର ସଫଳତା ପଛରେ ମହିଳାଙ୍କ ହାତ ଥାଏ, ଠିକ୍ ସେମିତି ଜଣେ ସଶକ୍ତ ମହିଳା ପଛରେ ପୁରୁଷଙ୍କ ଭୂମିକା ନିହାତି ଜରୁରୀ ବୋଲି ସମାଜ ବୁଝିବା ଆବଶ୍ୟକ ବୋଲି ସେ କହିଥିଲେ। ଆଲୋଚନାକୁ ଗାୟତ୍ରୀ ମହାନ୍ତି ସଂଯୋଜନା କରିଥିଲେ।

# ସମୟର ଆବଶ୍ୟକତା ଅନୁସାରେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଜରୁରୀ



- ଚକାଚକ୍ ସ୍କୁଲ ବିଲ୍ଡିଂ ନୁହେଁ, ତାଲିମପ୍ରାପ୍ତ ଶିକ୍ଷକ ହିଁ ଉନ୍ନତ ଶିକ୍ଷାର ମାନଦଣ୍ଡ: ଅଜୟ
- ଶିକ୍ଷକଙ୍କୁ ଶିକ୍ଷା ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟଭାର ଦିଆ ନ ଯାଉ: ସତ୍ୟବ୍ରତ
- ଭବିଷ୍ୟତରେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଅନ୍ୟ ରାଜ୍ୟକୁ ଟପିବ: ସଞ୍ଜୀବ

ଭୁବନେଶ୍ୱର,୨୫।୮ (ସମିସ): ରାଜ୍ୟର ଶିକ୍ଷାନୁଷ୍ଠାନ ପରିସରରେ ଚମକୁଥିବା ବଡ ବଡ ଅଟ୍ଟାଳିକା ବା ବିଲ୍ଡିଂ ରାଜ୍ୟ ଶିକ୍ଷା ବ୍ୟବସ୍ଥାର ପରିଚୟ ନୁହେଁ। ସ୍କୁଲ ଗୁଡ଼ିଗରେ ପର୍ଯ୍ୟାପ୍ତ ମାତ୍ରରେ ତାଲିମପ୍ରାପ୍ତ ଶିକ୍ଷକ ସଂଖ୍ୟା ହିଁ ରାଜ୍ୟର ଶିକ୍ଷାର ମାନଦଣ୍ଡକୁ ଦର୍ଶାଏ। ବହୁ ବର୍ଷ ପୂର୍ବରୁ ଶିକ୍ଷକ ସଂକଟ ବୋଲି ସେଭଳି କୌଣସି ସମସ୍ୟା କିମ୍ବା ଦାବି ନଥିଲା। ସ୍କୁଲ ଗୁଡ଼ିକରେ ପ୍ରତେକ ବିଷୟ ପ୍ରତି ଜଣେ ଶିକ୍ଷକ ଥିଲେ। ହେଲେ ଏବେ ଜଣେ ମାତ୍ର ଶିକ୍ଷକଙ୍କୁ ନେଇ ରାଜ୍ୟର ୧୪୫୮ ସ୍କୁଲ ଚାଲିଛି। ବିଶ୍ୱବିଦ୍ୟାଳୟ ଅତିଥି ଅଧ୍ୟାପକଙ୍କ ଭରଷାରେ ଚାଲିଛି। ଏଥିରୁ ଅନୁମାନ କରାଯିବା ଉଚିତ ରାଜ୍ୟର ଶିକ୍ଷା ବ୍ୟବସ୍ଥା କେଉଁ ଅବସ୍ଥାରେ ରହିଛି। ଓଡ଼ିଶାକୁ ଦେଶର ଶିକ୍ଷା ସଂସ୍ଥାର ପ୍ରଣକେନ୍ଦ୍ର କରିବାକୁ ହେଲେ ଗୁଣାତ୍ମକ ପାଠପଢା ଏବଂ ଶିକ୍ଷକ ନିଯୁକ୍ତି ଉପରେ ବିଶେଷ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ପ୍ରଫେସର ଅଜୟ ପଟ୍ଟନାୟକ ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ଆୟୋଜିତ ଓଡ଼ିଶା ଅଭ୍ୟୁଦୟ ନାମକ ଆଲୋଚନାଚକ୍ରର ତୃତୀୟ ଅଧିବେଶନ ଶିକ୍ଷା ସଂସ୍ଥାନର ପ୍ରମୁଖ କେନ୍ଦ୍ର ଓଡ଼ିଶାରେ ଯୋଗ ଦେଇ ଏହା କହିଛନ୍ତି। ଓଡ଼ିଶା ପାଠ୍ୟ ପୁସ୍ତକରେ ତ୍ରୁଟିକୁ ନେଇ ଶ୍ରୀ ପଟ୍ଟନାୟକ କହିଥିଲେ ଶିକ୍ଷା ବିଶାରଦଙ୍କୁ ଛାଡି ଏଭଳି ଲୋକଙ୍କ ଉପରେ ଭରସା ନକଲେ ଏଭଳି ତ୍ରୁଟି ବାରମ୍ବାର ହେବ। ସେହିପରି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସମବିଚାରଧାରା ଓ ରାଜନୈତିକ ବ୍ୟକ୍ତିତ୍ୱଙ୍କ ନିଯୁକ୍ତି ଠିକ୍ ନୁହେଁ।

ଅନ୍ୟପକ୍ଷରେ ତାଙ୍କ ଯୁକ୍ତିକୁ ସମର୍ଥନ କରି ଓଡିଏମ୍ ଏଜୁକେସନାଲ୍ ଗ୍ରୁପର ଅଧ୍ୟକ୍ଷ ସତ୍ୟବ୍ରତ ମୀନକେତନ କହିଛନ୍ତି ରାଜ୍ୟରେ ଶିକ୍ଷକ ପଦବୀ ପୂରଣ ସହ ପ୍ରାଥମିକ ସ୍କୁଲ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଅତ୍ୟନ୍ତ ଆବଶ୍ୟକ। ପ୍ରଥମିକ ଶିକ୍ଷା ଘର ମୂଳଦୁଆ ଭଳି। ଏହି ସମୟରୁ ହିଁ ପିଲାଙ୍କ ପ୍ରକୃତ ବିକାଶ ଆରମ୍ଭ ହୁଏ। ଶିକ୍ଷକଙ୍କ ପ୍ରଶିକ୍ଷଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ସେ କହିଥିଲେ କେବଳ ଯେ ଶିକ୍ଷାନୁକୁଳ ଶିକ୍ଷାବ୍ୟବସ୍ଥା ପ୍ରସ୍ତୁତି ଏବଂ ନିୟମିତ ପାଠ୍ୟକ୍ରମରେ ପରିବର୍ତ୍ତନ କଲେ ଚଳିବ ନାହିଁ ବରଂ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ସମୟରେ ଟ୍ରେଣ୍ଡ ଅନୁଯାୟୀ, ନିଜ ଦକ୍ଷତାକୁ ପରିବର୍ତ୍ତନ କରି ଖାପଖୁଆଇବା ଆବଶ୍ୟକ। ଏହା ସହ ଶ୍ରୀ ମୀନକେତନ କହିଛନ୍ତି ଶିକ୍ଷକ ମାନଙ୍କ ଉପରେ ପାଠ ପଢା ବ୍ୟତୀତ ଅନ୍ୟ କୌଣସି ବୋଝ ରହିବା କଥା ନୁହଁ। ପୂର୍ବରୁ ସରକାରୀ ସ୍କୁଲ ଶିକ୍ଷକମାନଙ୍କୁ ଭୋଟ ଭଳି କାମରେ ଲଗାଯାଉ ଥିଲା ଏଭଳି ସମସ୍ୟା ହେବାରୁ ଅଭିଭାବକ ପିଲାମାନଙ୍କୁ ଘରୋଇ ସ୍କୁଲରେ ଟଙ୍କା ଦେଇ ଭର୍ତ୍ତି କଲେ, ହେଲେ ସରକାର ଘରୋଇ ସ୍କୁଲ ଶିକ୍ଷକଙ୍କୁ ବି ଭୋଟ ତାଲିକା ପ୍ରସ୍ତୁତ କାର୍ଯ୍ୟରେ ନିୟୋଜିତ କରୁଛନ୍ତି।

ଅତିଥି ଭାବେ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୀବ ରାଉତ କହିଛନ୍ତି, ବିଗତ କିଛି ଦଶନ୍ଧି ଧରି ରାଜ୍ୟରେ ବୈଷୟିକ ଶିକ୍ଷାରେ ବିକାଶ ଘଟିଛି। ଆଇଟିଆଇ, ପଲି ଟେକ୍‌ନିସକ୍, ଇଞ୍ଜିନିୟରିଂ ସମେତ ଅନ୍ୟାନ୍ୟ ବୈଷୟୀକ ଶିକ୍ଷାରେ ବିକାଶ ଘଟିଛି। ସରକାର ଏଥିରେ ଘରୋଇ ଅନୁଷ୍ଠାନ ଗୁଡ଼ିକୁ ସଶକ୍ତ କରିଛନ୍ତି। ନିଯୁକ୍ତ କ୍ଷେତ୍ରରେ ଦେଶର ପ୍ରମୁଖ ଶିଳ୍ପାନୁଷ୍ଠାନ ଗୁଡ଼ିକ ରାଜ୍ୟରୁ ଆଇଟିଆଇ ଏବଂ ପଲି ଟେକ୍‌ନିକ୍ ପିଲାଙ୍କୁ ନେବାକୁ ପାଇଁ ଏବେ ସମ୍ପୂର୍ଣ୍ଣ ଭାବେ ଆଗ୍ରହୀ। ଭବିଷ୍ୟତରେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଅନ୍ୟ ରାଜ୍ୟ ତୁଳନାରେ ବହୁ ଆଗରେ ରହିବ ବୋଲି ଶ୍ରୀ ରାଉତ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ସବୁ ସମୟରେ ଯୁକ୍ତି କରାଯାଉଛି ଯେ ବହୁ ପିଲା ରାଜ୍ୟ ବାହାରକୁ ପାଠ ପଢ଼ିବାକୁ ଚାଲି ଯାଉଛନ୍ତି। ଏହାର ପ୍ରମୁଖ କାରଣ ହେଲା ସେଠାରେ ବିକଶିତ ଶିଳ୍ପ ବ୍ୟବସ୍ଥା ରହିଛି। ପାଠ ପଢା ସମୟରେ ବା ଶେଷ ହେବା ପରେ ଚାକିରି କରି ଟଙ୍କା ରୋଜଗାର କରିବାର ବ୍ୟବସ୍ଥା ରହିଛି। ଓଡ଼ିଶା ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ଭିତରେ ବାନ୍ଧି ରଖିବାକୁ ହେଲେ ଏଠାରେ ଅଧିକରୁ ଅଧିକ ଶିଳ୍ପ ପ୍ରତିଷ୍ଠା କରିବାକୁ ପଡ଼ିବ। ଶିଳ୍ପ ପ୍ରତିଷ୍ଠା ଉପଯୋଗୀ ପରିବେଶ ସୃଷ୍ଟି କରିବାକୁ ପଡ଼ିବ। ଯାହାଫଳରେ ବ୍ରେନ୍ ଡ୍ରେନ୍ ଭଳି ସମସ୍ୟାକୁ ରୋକା ଯାଇ ପାରିବ। ଶେଷରେ ସକାଳ ସିଇଓ ସୁବ୍ରତ ଦାସ ଏବଂ ନନ୍ଦିଘୋଷ ସିଇଓ ଜବର ସିଂ ପନୱାର ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ମରେଇଗାଁ ସମିତିରେ ୪ ଲକ୍ଷ ସାର ଟଙ୍କା ହେର୍‌ଫେର

ଆନନ୍ଦପୁର, ୨୫।୮ (ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ମରେଇଗାଁ ସେବା ସମବାୟ ସମିତିରେ ଚାଷୀଙ୍କ ପାଇଁ ଆସିଥିବା ସାରକୁ ବିକ୍ରି କରି ୪ ଲକ୍ଷ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି । କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟିର ୩ ଜଣ ହାଟଡ଼ିହୀ ଶାଖା ସମବାୟ ବ୍ୟାଙ୍କକୁ ପରିଦର୍ଶନ ଏବଂ ସ୍ଥିତି ଅନୁଧ୍ୟାନ ସମୟରେ ହେରଫେର ହୋଇଥିବା ଧରିଛନ୍ତି । ତୁରନ୍ତ ଉକ୍ତ ଟଙ୍କା ବ୍ୟାଙ୍କରେ ଜମା କରିବା ପାଇଁ ସମ୍ପୃକ୍ତ ସମିତି ସମ୍ପାଦକଙ୍କୁ ତାଗିଦା କରାଯାଇଛି । ପ୍ରକାଶ ଯେ ଗୁରୁବାର କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟିର ସଭାପତି କାନନ ବିହାରୀ ପହି, ସମ୍ପାଦକ ପ୍ରମୋଦ ଦାସ, ନିର୍ଦ୍ଦେଶକ ଦେବପ୍ରିୟ ପାତ୍ର ହାଟଡ଼ିହୀ ଶାଖା ସମବାୟ ବ୍ୟାଙ୍କ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ମରେଇଗାଁ ସମିତି ସମ୍ପାଦକ ଶରତ ସେଠୀଙ୍କୁ ଚାଷୀଙ୍କ ପାଇଁ ସମିତିକୁ ପ୍ରଦାନ କରାଯାଇଥିବା ସାରର ବିକ୍ରି ଏବଂ ସାର ଟଙ୍କା ବାବଦରେ ପଚାରି ବୁଝିଥିଲେ । ୨୦୨୫-୨୬ ଆର୍ଥିକ ବର୍ଷରେ ସମିତିକୁ ଆସିଥିବା ସାର ବିକ୍ରି କରି ୪ ଲକ୍ଷ ୧୫ ଟଙ୍କା ହେରଫେର ହୋଇଥିବା ଘଟଣାରେ ଟଙ୍କା ବ୍ୟାଙ୍କରେ ଜମା କରାଯାଇ ନ ଥିବା ଜଣାପଡ଼ିଛି । ଏପରିକି ସାର ଟଙ୍କା ବ୍ୟାଙ୍କରେ ଜମା ହୋଇଛି କି ନାହିଁ, ସେ ବାବଦରେ ଡିଆରସିଏସ୍‌ଙ୍କ ପାଖରେ ଖବର ନାହିଁ । ବ୍ୟାଙ୍କ ପରିଚାଳନା କମିଟି ସଭାପତି କାନନ ବିହାରୀ ପହି କହିଛନ୍ତି, ସମିତିର ରେକର୍ଡ ଅନୁସାରେ, ସାର ନେଇଥିବା କେତେଜଣ ଚାଷୀଙ୍କୁ ଡାକି ପଚାରିଥିଲେ । ଚାଷୀ ସମିତିରୁ ସାର ନେଇ ନ ଥିବା କହିଥିଲେ । ଏପରିକି ହାଟଡ଼ିହୀ ଅଞ୍ଚଳର ଏକ କଲେଜର ଅଧ୍ୟକ୍ଷ ସାର ନେଇଥିବା ରେକର୍ଡରେ ଦର୍ଶାଯାଇଛି । ଅଧ୍ୟକ୍ଷ ସାର ନେଇ ନାହାନ୍ତି ବୋଲି କରିଥିଲେ । ସମିତି ସମ୍ପାଦକ ଚାଷୀଙ୍କୁ ସାର ବିକ୍ରି ନ କରି ରେକର୍ଡରେ ୬୯ ଜଣ ଚାଷୀଙ୍କୁ ସାର ବିକ୍ରି କରାଯାଇଥିବା ଦର୍ଶାଇଛନ୍ତି । ସମ୍ପାଦକ ଶରତ ସେଠୀ ଟଙ୍କା ବ୍ୟାଙ୍କରେ ଜମା କରିବେ ବୋଲି ସ୍ପଷ୍ଟ କରିଥିଲେ । ମିଳିଥିବା ସୂଚନା ଅନୁସାରେ, ସମିତି ସମ୍ପାଦକ ୧୬ ହଜାର ୫ ଶହ ଟଙ୍କା ସମିତି ବ୍ୟାଙ୍କରେ ଜମା କରିଥିବା ଅବଶିଷ୍ଟ ଟଙ୍କା ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଜମା କରିବେ ବୋଲି ସମ୍ପାଦକ ସମୟ ନେଇଥିବା ଜଣାଯାଇଛି । ବ୍ୟାଙ୍କ ପରିଚାଳନା କମିଟିର ସମ୍ପାଦକ ପ୍ରମୋଦ ଦାସ ସାର ବାବଦରେ ଡିଆରସିଏସ୍ ଏବଂ ଏଆର୍‌ସିଏସ୍ ବୁଝନ୍ତି । ବ୍ୟାଙ୍କରେ କେବଳ ସାର ବାବଦରେ ଟଙ୍କା ଜମା କରିବାକୁ ହୁଏ ବୋଲି ପ୍ରକାଶ କରିଛନ୍ତି । ସମିତି ସମ୍ପାଦକ ଶରତ ସେଠୀ କହିଛନ୍ତି, ସାର ବିକ୍ରି ଟଙ୍କା ଚାଷୀଙ୍କଠାରୁ ଆଦାୟ ହୋଇ ନ ଥିଲା ଆଦାୟ ହେବା ପରେ ବ୍ୟାଙ୍କରେ ଜମା କରାଯାଇଛି ।

**ବ୍ୟାଙ୍କ ପରିଚାଳନା କମିଟିର ଯାଞ୍ଚ**

# ଆଦିବାସୀ ଇଲାକା ଉଲେଇକୁଣ୍ଡି ଗାଁକୁ ରାସ୍ତା ନାହିଁ





ଆନନ୍ଦପୁର, ୨୫।୮ (ସମିସ): ଗାଁର ଚିତ୍ର ବଦଳୁ ନାହିଁ । କେନ୍ଦୁଝର ଜିଲ୍ଲାର ଆଦିବାସୀ ଅଧୁଷିତ ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଗୟମୁଣ୍ଡା ପଞ୍ଚାୟତର ଉଲେଇକୁଣ୍ଡି ଗାଁ ଡୁଙ୍ଗୁରିସାହିକୁ ସବୁଦିନିଆ ରାସ୍ତା ନାହିଁ । ଏହି ସାହିର ଅଧିବାସୀ ଧାନବିଲରେ ପଶି ଗାଁକୁ ଯାଇଥାନ୍ତି । ଗାଁ ମୁଣ୍ଡରେ ଥିବା ନାଳରେ ସବୁଦିନେ ପାଣି ରହୁଥିବା ବେଳେ ବର୍ଷା ଦିନରେ ଅଧିକ ମାତ୍ରାରେ ପାଣି ରହୁଥିବାରୁ ବିପଦଜନକ ଯାତାୟାତ ଜୀବନଯାତ୍ରାକୁ ପ୍ରଭାବିତ କରିଛି । ଏପରି ଅବସ୍ଥାରେ ନାଳ ପାରି ହୋଇ ଯାତାୟାତ କରୁଥିବା ଛାତ୍ରଛାତ୍ରୀ ଓ ସାହିବାସିନ୍ଦା ବ୍ଲକ ପ୍ରଶାସନ ନିକଟରେ ହାରିଗୁହାରି କରିଥିଲେ ମଧ୍ୟ କାହାରି ଦୃଷ୍ଟିଗୋଚର ହେଉ ନଥିବା ଅଭିଯୋଗ ହୋଇଛି । ଏହି ନାଳ ଉପରେ ନିର୍ମାଣ ହେବାକୁ ଥିବା ସେତୁ କାର୍ଯ୍ୟ ନିର୍ମାଣ ହୋଇପାରିନାହିଁ । କେବଳ ହ୍ୟୁମ୍‌ପାଇପ ପକାଇ ଦେଇ ଠିକାଦାର କାର୍ଯ୍ୟ ଅଧପନ୍ତରିଆ ଭାବେ ଛାଡିଦେଇଥିଲେ ମଧ୍ୟ ତଦାରଖ ହେଉ ନଥିବାରୁ ଏହି କାର୍ଯ୍ୟ ଆଗେଇ ପାରୁ ନଥିବା ଅଭିଯୋଗ ହୋଇଛି । ଆଜକୁ ଦୁଇ ବର୍ଷହେବ ଅଧପନ୍ତରିଆ ହୋଇପଡିଛି ଏହି ରାସ୍ତା । ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଅଧପନ୍ତରିଆ ଭାବେ ପଡ଼ିଥିଲେ ମଧ୍ୟ ପ୍ରଶାସନର ନିଘା ନଥିବା ଚିନ୍ତାର କାରଣ ହୋଇଛି ।

**ନାଳପାଣି ମଧ୍ୟରେ ବିପଜ୍ଜନକ ଯାତ୍ରା**

# ବାର୍‌ହା ଉପଦ୍ରବରେ ଫସଲ ଉଜୁଡ଼ିଲା; ଚାଷୀ ଅତିଷ୍ଠ

ଚମ୍ପୁଆ, ୨୫।୮ (ସମିସ): ହାତୀ ଉପଦ୍ରବ ପରେ ଏବେ ଗୋଧୂଳି ଅଞ୍ଚଳର ଚାଷୀଙ୍କ ଦୁଃଖ ବଢ଼ାଇଛି ଜଙ୍ଗଲୀ ବାର୍‌ହା । ଦଳ ଦଳ ହୋଇ ଖେତରେ ପଶି ମକା ଓ କନ୍ଦମୂଳ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ହଜାର ହଜାର ଟଙ୍କାର କ୍ଷତି ସହୁଛନ୍ତି । ଫସଲ ନଷ୍ଟ ହେବା ସହ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି । ବାର୍‌ହା ଉପଦ୍ରବରେ ଅତିଷ୍ଠ ହୋଇ ଗୋଧୂଳି ଗ୍ରାମର ଏକାଧିକ ଚାଷୀ ଚମ୍ପୁଆ ବନାଞ୍ଚଳ କାର୍ଯ୍ୟାଳୟରେ ପହଞ୍ଚି ବନାଞ୍ଚଳ ଅଧିକାରୀ ସାଗରରାଜ ନାୟକଙ୍କୁ ଭେଟିଛନ୍ତି । ନଷ୍ଟ ହୋଇଥିବା ଫସଲର କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରିବା ସହ ବରାହ ଉପଦ୍ରବ ରୋକିବା ପାଇଁ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି । ଚାଷୀଙ୍କ କହିବାନୁଯାୟୀ, ଗତ କିଛିଦିନ ହେଲା ଜଙ୍ଗଲୀ ବାର୍‌ହାଙ୍କ ଦଳ ରାତି ସମୟରେ ଖେତରେ ପଶି ମକା ଓ କନ୍ଦମୂଳ ଫସଲ ନଷ୍ଟ କରୁଛନ୍ତି । ବହୁ ପରିଶ୍ରମ ଓ ଖର୍ଚ୍ଚ କରି ଚାଷ କରିଥିବା ଫସଲ ଆଖି ସାମ୍ନାରେ ନଷ୍ଟ ହେଉଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ବରାହଙ୍କ ଉପଦ୍ରବ ଯଦି ଏଭଳି ଜାରି ରହେ, ତେବେ ଚଳିତ ବର୍ଷ ଚାଷୀମାନେ ବଡ଼ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି । ମକା ଓ କନ୍ଦମୂଳ ଚାଷକୁ ନେଇ ଗୋଧୂଳି ଗ୍ରାମର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଗ୍ରାମର ପ୍ରାୟ ୮୦ ପ୍ରତିଶତ ଲୋକ ଏହି ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି । ତେଣୁ ବରାହ ଉପଦ୍ରବ ଯୋଗୁଁ ଫସଲ ନଷ୍ଟ ହେବା ଚାଷୀଙ୍କ ଜୀବିକା ଉପରେ ସିଧାସଳଖ ପ୍ରଭାବ ପକାଉଛି । ଏପରିସ୍ଥଳେ ବନ ବିଭାଗ ପକ୍ଷରୁ ତୁରନ୍ତ ଅଞ୍ଚଳରେ ଗସ୍ତ କରି ଫସଲର କ୍ଷୟକ୍ଷତି ଆକଳନ କରିବା ସହ ବରାହ ଉପଦ୍ରବ ରୋକିବା ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି । ଏଥିସହ ନଷ୍ଟ ହୋଇଥିବା ଫସଲ ପାଇଁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଯୋଗାଇ ଦେବାକୁ ମଧ୍ୟ ସେମାନେ ଅନୁରୋଧ କରିଛନ୍ତି ।




**କ୍ଷତିପୂରଣ ଦାବିରେ ଚମ୍ପୁଆ ରେଞ୍ଜରଙ୍କ ଦ୍ୱାରସ୍ଥ**

# ଝାଡ଼େଶ୍ୱର ଶ୍ରାବଣୀ ମହୋତ୍ସବରେ ପ୍ରସାଦ ବିତରଣ

ଆନନ୍ଦପୁର, ୨୫।୮ (ସମିସ): ଘସିପୁରା ଝାଡ଼େଶ୍ୱର ମନ୍ଦିରରେ ଶ୍ରାବଣୀ ଉତ୍ସବ ଅବସରରେ ଭକ୍ତମାନଙ୍କୁ ଚା ଥଣ୍ଡାପାଣି ଓ ପ୍ରସାଦ ବିତରଣ କରାଯାଇଥିଲା । ଘସିପୁରା ବୋଲ୍‌ବମ୍ ସଂଘ ପକ୍ଷରୁ ଶ୍ରାବଣୀ ଉତ୍ସବରେ ମାସର ଶେଷ ସୋମବାର ହୋଇଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଶେଷ ଦିନରେ ୨୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ପୀଠ ଦିନତମାମ ଚଳଚଞ୍ଚଳ ରହିଥିଲା । ଜିଲ୍ଲା ତଥା ଜିଲ୍ଲା ବାହାରୁ ମାନସିକଧାରୀମାନେ ଲମ୍ବାଧାଡ଼ିରେ ଆସି ଜଳାଭିଷେକ କରିଥିଲେ । ନିକଟସ୍ଥ ବୈତରଣୀ ନଦୀରୁ ଶ୍ରଦ୍ଧାଳୁମାନେ ପାଣି ଉଠାଇ ଝାଡେଶ୍ୱରଙ୍କ ମଥାରେ ଢାଳିଥିଲେ । ଆଜି ଭୋରରୁ ମନ୍ଦିର ଦ୍ୱାର ଖୋଲା ଯାଇଥିଲା । ଝାଡ଼େଶ୍ୱରଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେବା ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ମନ୍ଦିର ପରିସରରେ ଓଡ଼ିଆ ଭାଷା ସଂସ୍କୃତି ବିଭାଗ ପକ୍ଷରୁ କଳାକାରମାନଙ୍କ ଦ୍ୱାରା ଶିବ ଭଜନ ପରିବେଷଣ କରାଯାଇଥିଲା । ସାଇ କମ୍ପ୍ୟୁଟର ଓ ଅମୃତ ସାଗର ପକ୍ଷରୁ ବାପୁ ରାଉତ ଓ ଅଭିମନ୍ୟୁ ନାହାକଙ୍କ ଦ୍ୱାରା ଚା ଓ ଥଣ୍ଡା ପାଣି ବଣ୍ଟନ କରାଯାଇଥିଲା । ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଆନନ୍ଦପୁର ଡ଼ିଏଫଓ ପ୍ରଶାନ୍ତ କୁମାର ପଣ୍ଡା ଜଳଲାଗି କରିଥିଲେ । ପୂଜକ କୃଷ୍ଣଚନ୍ଦ୍ର ଶତପଥୀ, ସୁଦାମ ପଣ୍ଡା, ଅନ୍ତର୍ଯ୍ୟାମୀ ଦାଶ, ସୁରେଶ ମିଶ୍ର, ସନ୍ତୋଷ ପଣ୍ଡା, ସାରଙ୍ଗଧର ନନ୍ଦଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । କୋଠ ତହସିଲଦାର ସୁଶାନ୍ତ ସାମଲଙ୍କ ତତ୍ତ୍ୱାବଧାନରେ ଝାଡ଼େଶ୍ୱର ବୋଲବମ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ବୈତରଣୀରେ ବନ୍ୟା ଜଳ ଆସିଥିବାରୁ ଘସିପୁରା ପୁଲିସ ଓ ଅଗ୍ନିଶମ ବାହିନୀ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ମନ୍ଦିର ପ୍ରସାଦ ଖାଇ ମନ ଜିଣିଲା ଚର୍ଚ୍ଚିତ ହନୁ



ତୁରୁମୁଙ୍ଗା, ୨୫।୮ (ସମିସ): ରାସ୍ତାକଡ଼ରୁ ଦୋକାନଙ୍କଠାରୁ ଗୁପଚୁପ ଖାଇବା, ତା'ପରେ ଗୁପଚୁପ ବାକ୍ସ ଉପରେ ଆରାମରେ ଶୋଇପଡ଼ିବା ଘଟଣାରେ ବେଶ୍ କୌତୁହଳ ସୃଷ୍ଟି କରିଥିବା ହନୁ ମାଙ୍କଡ଼ ପୁଣି ଚର୍ଚ୍ଚାକୁ ଆସିଛି । ଏଥର ମନ୍ଦିରର ପ୍ରସାଦ ଖାଇ ମନ ଜିଣିଛି । କେନ୍ଦୁଝର ଜିଲ୍ଲା ପାଟଣା ବଜାରରେ ଘୂରି ବୁଲୁଥିବା ଏହି ହନୁ ମାଙ୍କଡ଼ କିଛିଦିନ ହେଲା ସ୍ଥାନୀୟ ଲୋକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି । ଗତକାଲି ଶ୍ରାବଣ ମାସର ଶେଷ ସୋମବାର ଅବସରରେ ପାଟଣା ଆନନ୍ଦେଶ୍ୱର ଶିବ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିବା ବେଳେ ହଠାତ୍ ମନ୍ଦିର ଭିତରକୁ ପଶିଥିଲା ସେହି ହନୁ ମାଙ୍କଡ଼ । କିଛି ସମୟ ଠାକୁରଙ୍କ ନିକଟରେ ରହିବା ପରେ ଭୋଗ ଥାଳି ନିକଟକୁ ଯାଇ ଭୋଗ ନେଇ ଖାଇଥିଲା । ଏହି ଅନନ୍ୟ ଦୃଶ୍ୟକୁ ମନ୍ଦିରରେ ଉପସ୍ଥିତ ଜଣେ ଭକ୍ତ ନିଜ ମୋବାଇଲରେ କଏଦ କରିଥିଲେ । ଏବେ ଭିଡିଓଟି ବେଶ୍ ଭାଇରାଲ ହେବା ସହ ହନୁ ମାଙ୍କଡ଼ର ଏଭଳି ଆଚରଣକୁ ନେଇ ପାଟଣା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଗୁପଚୁପ ଦୋକାନରୁ ମନ୍ଦିର ପର୍ଯ୍ୟନ୍ତ ଏହି ହନୁ ମାଙ୍କଡ଼ର ଭିନ୍ନ ଭିନ୍ନ ଦୃଶ୍ୟ ଏବେ ଲୋକଙ୍କ ମୁହଁରେ ହସ ଫୁଟାଇବା ସହ କୌତୁହଳ ସୃଷ୍ଟି କରିବା ସହ ଲୋକଙ୍କ ମନକୁ ଛୁଇଁଯାଉଛି ।


# ବନବିଭାଗ ପକ୍ଷରୁ ଚାରା ବଣ୍ଟନ



ତୁରୁମୁଙ୍ଗା, ୨୫।୮ (ସମିସ): ପରିବେଶ ସୁରକ୍ଷା ସହ ଜଙ୍ଗଲ ସୃଷ୍ଟି ଓ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ପକ୍ଷରୁ ଚାରା ବଣ୍ଟନ ଅଭିଯାନକୁ ବ୍ୟାପକ କରାଯାଇଛି । ମଙ୍ଗଳବାର ବିଭିନ୍ନ ସ୍ଥାନରେ ଲୋକଙ୍କୁ ମାଗଣା ଚାରା ବଣ୍ଟନ କରାଯାଇଛି । ଖିରେଇଟାଙ୍ଗିରୀ ସାପ୍ତାହିକ ହାଟ, କିଆପଡା ଉଚ୍ଚ ବିଦ୍ୟାଳୟ, ଡେଣୁଆଁ ଝାଲମଣୀ ଉଚ୍ଚବିଦ୍ୟାଳୟ, ଜଜପଶି ଗ୍ରାମପଞ୍ଚାୟତ ଏବଂ ହତବାରୀ ଗ୍ରାମ ସମେତ ବିଭିନ୍ନ ସ୍ଥାନରେ ଲୋକଙ୍କୁ ଚାରା ପ୍ରଦାନ କରାଯାଇଥିଲା । ସେହିପରି ଖିରେଇଟାଙ୍ଗିରୀ ସେକ୍ସନ କାର୍ଯ୍ୟାଳୟରେ ମାତ୍ର ୧ ଟଙ୍କା ବିନିମୟରେ ମଧ୍ୟ ଲୋକଙ୍କୁ ଚାରା ଯୋଗାଇ ଦିଆଯାଇଥିଲା । ଏହି ଅଭିଯାନରେ ସମୁଦାୟ ୩ ହଜାର ୨୫୦ଟି ଚାରା ଲୋକଙ୍କୁ ବଣ୍ଟନ କରାଯାଇଥିଲା । ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବନରକ୍ଷୀ ଡଲିରାଣୀ ସାହୁ, ଅନନ୍ୟା ପ୍ରିୟଦର୍ଶିନୀ ନାଏକ, ସୁଜାତା ସାହୁ ଚାରା ବଣ୍ଟନ କରିଥିଲେ ।

# ପରିବେଶବିତ୍ ବୈଲୋଚନ ସୁତାରଙ୍କ ଦେହାନ୍ତ

ଆନନ୍ଦପୁର, ୨୫।୮ (ସମିସ): ଆନନ୍ଦପୁର ଅଞ୍ଚଳର ଜଣାଶୁଣା ପରିବେଶବିତ୍ ତଥା ପ୍ରକୃତି ବନ୍ଧୁ ବୈଲୋଚନ ସୂତାର (୮୧)ଙ୍କର ଦେହାନ୍ତ ହୋଇଯାଇଛି । ସେ ଆଜକୁ କିଛିଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ବେଳେ ଆଜି ଅପରାହ୍ନରେ ବିୟୋଗ ହୋଇଥିଲା । ଅନେକ ପ୍ରତିଭାର ଅଧିକାରୀ ଓ ଶିଶୁ ସାହିତ୍ୟିକ ଭାବେ ପ୍ରଜାତନ୍ତ୍ର ପ୍ରଚାର ସମିତି ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ଆନନ୍ଦପୁର ସବୁଜିମା ସାହିତ୍ୟ ସଂସଦର ପୃଷ୍ଠପୋଷକ ନାରାୟଣ ନନ୍ଦ ସ୍ମୃତି କମିଟିର ସଦସ୍ୟ ଥାଇ ତାଙ୍କର ଅନେକ କାବ୍ୟ କବିତା ସଂକଳନ ପ୍ରକାଶିତ ହୋଇଥିଲା । ବିୟୋଗ ଖବର ପାଇ ନାରାୟଣ ନନ୍ଦ ସ୍ମୃତି କମିଟି ଫକିରପୁର ସାହିତ୍ୟ ସଂସଦର ସମ୍ପାଦକ ଅନିଲ ସାହୁ, ସଭାପତି ସରୋଜ ସାହୁ ଏବଂ ସବୁଜିମା ସାହିତ୍ୟ ସଂସଦର ସଭାପତି ପ୍ରଦୀପ ହଜାରି ଓ ସମ୍ପାଦକ ବିଜୟ ସୁର ତଥା ଅଞ୍ଚଳବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ବଡ଼ପୁଅ ମୁଖାଗ୍ନି ଦେଇଥିବା ବେଳେ ଫକୀରପୁରସ୍ଥିତ ବୈତରଣୀ ନଦୀର ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।



# ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ତୁରୁମୁଙ୍ଗା, ୨୫।୮ (ସମିସ): ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ମଞ୍ଚ, ସ୍ୱାମପାଟଣା ପକ୍ଷରୁ ମଙ୍ଗଳବାର ପାଟଣା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲାର ନିଟ୍ ପାଇଥିବା ଦୁଇଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ଥସାରଥି ବେଜ୍‌ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବଡ଼ପାଟଣା ସରପଞ୍ଚ ବିନତୀ ବାନରା ମୁଖ୍ୟଅତିଥି, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ କମଳାକାନ୍ତ ପତି ମୁଖ୍ୟବକ୍ତା, ପିପିଲିଆ ଡିଗ୍ରୀ କଲେଜ ଅଧ୍ୟକ୍ଷ ଦୈତାରି ମହାନ୍ତ, ଅନୁଷ୍ଠାନର ଆବାହକ ତଥା ସାମାଜିକ କର୍ମୀ ବିଦ୍ୟାଧର ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ ବଳଭଦ୍ର କର, ପ୍ରସନ୍ନ ପରିଡ଼ା, ଶାନ୍ତନୁ ସାହୁ, କୁଡୁମି ସେନାର ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତଙ୍କ ସମେତ ଅନ୍ୟମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ନିଟ ପାଇଥିବା ଚମ୍ପୁଆ ବ୍ଲକ୍ ବାଙ୍କିଆ ଗ୍ରାମର ବିସ୍ମୟୀ ବାଳିକା ସୋନାଲିସା ମହାନ୍ତ ଏବଂ ଘଟଗାଁ ବ୍ଲକ୍ ଆମ୍ବୁଆପଡ଼ା ଗ୍ରାମର ମିହିର ରଞ୍ଜନ ମହାନ୍ତଙ୍କୁ ଉପଢୌକନ, ମାନପତ୍ର ଓ ନଗଦ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

**ଖଣି ଅଞ୍ଚଳ ପାଇଁ ଗୌରବ ଆଣିଲେ ଭୁବନେଶ୍ୱର ଫିଫା ଏକାଡେମୀ ପ୍ରଶିକ୍ଷାର୍ଥୀ**

# ଜୁନିୟର ଫୁଟ୍‌ବଲ ପାଇଁ ବେଙ୍ଗାଲୁରୁ ଗସ୍ତରେ ଅନୁଭବ

ଯୋଡ଼ା, ୨୫।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଭଦ୍ରାସାହି ଗ୍ରାମପଞ୍ଚାୟତର ଯୁବ ଫୁଟବଲ ପ୍ରତିଭା ଅନୁଭବ ନାଏକ ନିଜ ପ୍ରତିଭା ବଳରେ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ସ୍ୱର୍ଗତ ମୁନା ନାଏକଙ୍କ ପୁତ୍ର ଅନୁଭବ ଭୁବନେଶ୍ୱରସ୍ଥିତ ଫିଫା ଏକାଡେମୀ ହଷ୍ଟେଲରେ ପ୍ରଶିକ୍ଷଣ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଗତ ୨୦୨୪ ସିଏମ୍ ଟ୍ରଫି ଫୁଟବଲ ପ୍ରତିଯୋଗିତାରେ ଅନୁଭବ ଚମତ୍କାର ଖେଳ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତାଙ୍କର ଉତ୍ତମ ପ୍ରଦର୍ଶନ ଓ ଖେଳ ପ୍ରତି ନିଷ୍ଠା ତାଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦେଇଛି । ବର୍ତ୍ତମାନ ଅନୁଭବ ତାରିଣୀ ଫୁଟବଲ ଏକାଡେମୀରେ ଏଆଇଏଫଏଫ୍-ବି ଲାଇସେନ୍ସପ୍ରାପ୍ତ କୋଚ୍ ସଞ୍ଜୀବ ପାଠସାଣୀଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି । ଏହାସହିତ ଜୁନିୟର ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଗତ ୨୪ ତାରିଖରୁ ସେ ବେଙ୍ଗାଲୁରୁ ଗସ୍ତରେ ଅଛନ୍ତି । ଭଦ୍ରାସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀର ଛାତ୍ର ଅନୁଭବ ପିଲାଦିନରୁ ନିଜ ପିତାଙ୍କୁ ହରାଇଥିଲେ । ପିତାଙ୍କ ଅନୁପସ୍ଥିତି ସତ୍ତ୍ୱେ ନିଜ ଲକ୍ଷ୍ୟରୁ ବିଚ୍ୟୁତ ନହୋଇ ଫୁଟବଲ କ୍ଷେତ୍ରରେ ଆଗକୁ ବଢ଼ିଚାଲିଛନ୍ତି । ତାଙ୍କ କାକା ବାବୁଲୁ ନାଏକ ଅନୁଭବଙ୍କ ପାଠପଢ଼ା ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ କରି ତାଙ୍କ ସ୍ୱପ୍ନ ପୂରଣରେ ସହଯୋଗ କରୁଛନ୍ତି । ଅନୁଭବଙ୍କ ଏହି ସଫଳତାରେ ଭଦ୍ରାସାହି ସମେତ ସମଗ୍ର ଯୋଡ଼ା ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି । ଖଣି ଅଞ୍ଚଳରୁ ଜାତୀୟ ସ୍ତରର ଫୁଟବଲ ପ୍ରତିଭା ଭାବେ ଆଗକୁ ବଢ଼ିବାର ସୁଯୋଗ ପାଇଥିବା ଅନୁଭବ ଆଗାମୀ ଦିନରେ ଓଡ଼ିଶା ପାଇଁ ଗୌରବ ଆଣିବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି ।



# ପାଟଣା ବ୍ଲକ୍: ୪୧ ଶିକ୍ଷକଙ୍କ ପଦୋନ୍ନତି



ତୁରୁମୁଙ୍ଗା, ୨୫।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ୪୧ ଜଣ ଶିକ୍ଷକଶିକ୍ଷୟିତ୍ରୀ ୪ର୍ଥ ବର୍ଗରୁ ୩ୟ ବର୍ଗକୁ ପଦୋନ୍ନତି ପାଇଛନ୍ତି । ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ପାଟଣା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିବା ବେଳେ ଅନ୍ୟ ୧୧ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତି ମିଳିଛି । ଏହି ଅବସରରେ ସୋମବାର ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏକ ପଦୋନ୍ନତି ଓ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦୋନ୍ନତି ପାଇଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନୂତନ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ କମଳାକାନ୍ତ ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଥିସହ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରକାଶ କୁମାର ରାୟ, ସଚ୍ଚିଦାନନ୍ଦ ସେଠୀ ଓ ଜଗଦୀଶ ଚନ୍ଦ୍ର ନାଏକଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ପଦୋନ୍ନତି ଶିକ୍ଷକମାନଙ୍କ ମନରେ ନୂଆ ଉତ୍ସାହ ଭରିବା ସହ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ହେବ ବୋଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ କମଳାକାନ୍ତ ପତି କହିଛନ୍ତି ।

# ଆନନ୍ଦପୁର ବ୍ଲକ୍: ୪୯ ଶିକ୍ଷକଙ୍କ ପଦୋନ୍ନତି



ଆନନ୍ଦପୁର, ୨୫।୮ (ସମିସ): ଦୀର୍ଘ ୬ ବର୍ଷ ପରେ କେନ୍ଦୁଝର ଜିଲ୍ଲାରେ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ପଦୋନ୍ନତି ହୋଇଛି । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅନୁମୋଦନକ୍ରମେ ଜିଲ୍ଲାରେ ମୋଟ ୫୯୦ ଶିକ୍ଷକଙ୍କୁ ପଦୋନ୍ନତି ମିଳିଛି । ସେଥିମଧ୍ୟରୁ ଆନନ୍ଦପୁର ବ୍ଲକରେ ୪୯ ଜଣ ସ୍ନାତକ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ପଦୋନ୍ନତି ମିଳିଛି । ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପଦୋନ୍ନତିପତ୍ର ବଣ୍ଟନ ହୋଇଥିଲା । ବିଇଓ ହରିହର ଦଳେଇ, ଏବିଇଓ ହେମେନ୍ଦ୍ର ମହାନ୍ତି, ପ୍ରତିଷ୍ଠାନ ଅଧିକାରୀ ରବିନାରାୟଣ ମିଶ୍ର, ବରିଷ୍ଠ ସହାୟକ ସଞ୍ଜୁଲତା ଓଝା ଯୋଗ ଦେଇଥିଲେ । ବ୍ଲକ ଶିକ୍ଷାଧିକାରୀ ପଦୋନ୍ନତି ପାଇଥିବା ପ୍ରଧାନ ଶିକ୍ଷକଙ୍କୁ ସେମାନଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ । ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ମଦନ ମୋହନ ମୁଦୁଲି, ଚିତ୍ତରଞ୍ଜନ ଘଡେଇ, ଅଫିସର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ଡାକବଙ୍ଗଳା ଛକ ରାସ୍ତା ଶୋଚନୀୟ
# ରାସ୍ତାରେ ଚାଲିଛି ନର୍ଦ୍ଦମା ପାଣି; ଯାତାୟାତରେ ସମସ୍ୟା

ମୋରଡା,୨୫।୮ (ସମିସ):



ମୋରଡା ପଞ୍ଚାୟତ ଅଧୀନ ମୋରଡା ପୂର୍ତ୍ତ ବିଭାଗଠାରୁ ଡାକବଙ୍ଗଳା ଛକ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ନର୍ଦ୍ଦମା ପାଣି ଚାଲିଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଡ୍ରେନ ନ ଥିବାରୁ ବର୍ଷା ହେଲେ ରାସ୍ତା ଉପରେ ନର୍ଦ୍ଦମା ପାଣି ଜମି ରହୁଛି। ଉକ୍ତ ରାସ୍ତା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ମୁତାବକ, ପୂର୍ବ ସରକାର ସମୟରେ ଡାକବଙ୍ଗଳା ରାସ୍ତାର ଦୁରବସ୍ଥା ଦୂର କରିବା ସହ ଡ୍ରେନ୍ କରିବା ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏ ନେଇ ସୂଚନା ଫଳକ ଲଗାଯାଇ କାମ ମଧ୍ୟ ଆରମ୍ଭ ହୋଇଥିଲା। ତେବେ କାମକୁ ନେଇ ସ୍ଥାନୀୟ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିବାରୁ କିଛିଦିନ ପାଇଁ କାମ ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ନିର୍ବାଚନ ଯୋଗୁଁ ଉକ୍ତ ରାସ୍ତା ଓ ଡ୍ରେନ୍ କାମ ଅଧୁରା ପଛକୁ ଠେଲି ହୋଇଯାଇଥିଲା।

### ଡ୍ରେନ କରିବାକୁ ଅଞ୍ଚଳବାସୀଙ୍କ ଦାବି

ନିର୍ବାଚନ ପରେ ନୂଆ ସରକାରଙ୍କ ନିକଟରେ ମଧ୍ୟ ଏହି ରାସ୍ତା ଓ ଡ୍ରେନ କାମ ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ଦାବି ସତ୍ତ୍ୱେ ଏ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ ବ୍ୟବସ୍ଥାର ସ୍ଥାୟୀ ସମାଧାନ ହୋଇପାରିନାହିଁ। ଯଥାଶୀଘ୍ର ଡ୍ରେନେଜ ବ୍ୟବସ୍ଥା କରିବାକୁ ମୋରଡା ବିଡିଓ ଅଣାକାର ନାୟକଙ୍କୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଓଡ଼ିଶା ଜନତା କଂଗ୍ରେସର ପ୍ରଥମ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ବାରିପଦା, ୨୫।୮ (ସମିସ): ମୟୂରଭଞ୍ଜରେ ଓଡ଼ିଶା ଜନତା କଂଗ୍ରେସର ପ୍ରଥମ ପ୍ରସ୍ତୁତି ବୈଠକ ଦଳର ରାଜ୍ୟ ସଭାପତି ତଥା ବାରବାଟୀ କଟକ ପୂର୍ବତନ ବିଧାୟକ ମହମ୍ମଦ



ମୋକିମଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସମ୍ପାଦକ ଅଂଶୁମାନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳର ବରିଷ୍ଠ ନେତା ତଥା ରାଜ୍ୟ ଉପସଭାପତି ନିକୁଞ୍ଜ ପଶାୟତ, ରାଜ୍ୟ ଉପସଭାପତି ପ୍ରଦୀପ ପ୍ରଧାନ ଓ ଓଡ଼ିଶା ଯୁବ ଜନତା କଂଗ୍ରେସର ରାଜ୍ୟ ସଭାପତି ଆର୍ଯ୍ୟନବାର ଲେଙ୍କା ଯୋଗଦେଇ ମୟୂରଭଞ୍ଜ ଜିଲ୍ଲାର ମୌଳିକ ସମସ୍ୟା, ଆଗାମୀ ଦିନରେ ସଂଗଠନକୁ କିଭଳି ମଜବୁତ କରାଯିବ ସହ ଲୋକଙ୍କ ଅଧିକାର ପାଇଁ, ଲୋକଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୁଦ୍ଧରେ ଏକତ୍ରିତ ହୋଇ କେମିତି ଲଢେଇ କରାଯିବ, ସେ ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଓଡ଼ିଶା ଜନତା କଂଗ୍ରେସ ମୟୂରଭଞ୍ଜରୁ ନରୋତ୍ତମ ମହାନ୍ତ, ଧନୁଜୟ ସିଂ, ସେକ୍ ସିଦ୍ଦିକି, ମନୋରଞ୍ଜନ ସିଂ, ମୋନାଲିଶା କବାଟ, ସୁମିତ୍ରା ରାଉତ ଓ ମୋନାଲିସା ଗିରି ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ସଂଗଠନକୁ କିଭଳି ମଜବୁତ କରାଯିବା ସହ ୱାର୍ଡ ସ୍ତରରେ ଲୋକଙ୍କ ପାଖରେ ଦଳ ପହଞ୍ଚିବ, ସେ ଦିଗରେ ମତ ରଖିଥିଲେ।

## ବଡ଼ସାହି ଥାନା ପରିସରରେ ଚିତ୍ରଡ଼ାରୁ ଚୋରି ବାଇକ୍



ମୋରଡା,୨୫।୮ (ସମିସ): ମୋରଡା ଥାନାଞ୍ଚଳରେ ପ୍ରତିଦିନ ଚୋରି ଘଟଣା ସାମ୍ନାକୁ ଆସୁଛି। ଫଳରେ ପୁଲିସ ଉପରୁ ଲୋକଙ୍କ ଭରସା ତୁଟିବା ସହ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଗତ ମାସ ୨୧ ତାରିଖ ବିଳମ୍ବିତ ରାତିରେ ମୋରଡା ଥାନା ତଥା ଚିତ୍ରଡା ଫାଣ୍ଡି ଅଧୀନ ହଲଦୀପାଳ ଗ୍ରାମର ତାପସ ବେହେରାଙ୍କ ବାଇକ୍ ଚୋରି ହୋଇଯାଇଥିଲା। ଏ ନେଇ ତାଙ୍କ ଭାଇ ଶିବପ୍ରସାଦ ବେହେରା ମୋରଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ଏକମାସ ବିତିଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ତେବେ ମଙ୍ଗଳବାର ଶିବପ୍ରସାଦ ବେହେରାଙ୍କ ସାଙ୍ଗ ଜଗୁ ମହାନ୍ତ ବଡସାହି ଥାନାକୁ କୌଣସି କାମରେ ଯାଇଥିବାବେଳେ ସେ ତାପସଙ୍କ ଚୋରି ବାଇକ୍ ସେଠାରେ ଥିବା ଦେଖି ଶିବଙ୍କୁ ଖବର ଦେଇଥିଲେ। ଆମ ପ୍ରତିନିଧି ଦୀପକ ବେହେରା ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳଙ୍କୁ ଯୋଗାଯୋଗ କରି ଚୋରି ହୋଇଥିବା ବାଇକ ସମ୍ପର୍କରେ ଅବଗତ କରାଇବା ସହ ଉକ୍ତ ବାଇକ ଯେଉଁ ବ୍ୟକ୍ତି ନିକଟରୁ ଜବତ କରାଯାଇଥିଲା, ସେହି ବ୍ୟକ୍ତି ଜଣକ ବାଇକ ଚୋରିରେ ସମ୍ପୃକ୍ତ ଥିବା ସ୍ପଷ୍ଟ ଜଣାପଡୁଛି। ବଡ଼ସାହି ଥାନାରେ ଦୀର୍ଘଦିନ ଧରି ଚୋରି ବାଇକ ଥିବା ଖବର ମୋରଡା ପୁଲିସ ନିକଟରେ ନ ଥିବାରୁ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ପାର୍ଶଲ ଦେବାରେ ବିଳମ୍ବ ହେବାରୁ ସରପଞ୍ଚଙ୍କ ଧମକ

ମୋରଡା,୨୫।୮ (ସମିସ): ମୋରଡା ବ୍ଲକ ଅଧୀନ ବରକନ୍ଦ ପଞ୍ଚାୟତର ସରପଞ୍ଚ ରଘୁନାଥ ମୁର୍ମୁ ଝିଙ୍କିଆ ଗ୍ରାମର ରଜନୀକାନ୍ତ ବେହେରାଙ୍କୁ ତାଙ୍କ ମାଆଙ୍କ ନାମରେ ଆସିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପକ୍କା ଘରରୁ ବଞ୍ଚିତ କରିବେ ବୋଲି ଧମକ ଦେଇଥିବା ରଜନୀକାନ୍ତ ଅଭିଯୋଗ ଆଣିଛନ୍ତି। ରଜନୀକାନ୍ତଙ୍କ ଅଭିଯୋଗ ମୁତାବକ ଗତ କିଛିଦିନ ତଳେ ସରପଞ୍ଚ ଏକ ମୋବାଇଲ ଫୋନ କଭର ଅନଲାଇନ ଜରିଆରେ ଅର୍ଡର କରିଥିଲେ। ଦୁଇଦିନ ତଳେ ମୋବାଇଲ କଭରକୁ ଡେଲିଭରି କରିବାକୁ ରଜନୀକାନ୍ତ ବାହାରିଥିଲେ। ତେବେ ଡେଲିଭରି କରିବାକୁ ପାଞ୍ଚ ମିନିଟ ବିଳମ୍ବ ହେବାରୁ ସରପଞ୍ଚ ରଘୁନାଥ ରଜନୀକାନ୍ତଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ କରି ସରକାରୀ ଗୃହରୁ ବଞ୍ଚିତ କରିବେ ବୋଲି ଧମକ ଦେଇଥିଲେ। ସରପଞ୍ଚଙ୍କ ଏପରି ମନ୍ତବ୍ୟକୁ ନେଇ ରଜନୀକାନ୍ତଙ୍କ ପରିବାର ଚିନ୍ତାରେ ପଡିଛନ୍ତି। ତେବେ ରଜନୀକାନ୍ତଙ୍କ ମାଆଙ୍କ ନାମ ସରକାରୀ ଯୋଜନାରେ ଘର ପାଇବାକୁ ଲିଷ୍ଟରେ ଅଛି ଓ ସରପଞ୍ଚଙ୍କ ଏପରି ଧମକକୁ ନେଇ ରଜନୀକାନ୍ତଙ୍କ ପରିବାର ବିଡିଓଙ୍କୁ ଅଭିଯୋଗ କରିବେ ବୋଲି ରଜନୀକାନ୍ତ କହିଛନ୍ତି।

## ଶିକ୍ଷକ ବଦଳି ରୋକିବା ଦାବିରେ ଛାତ୍ରଛାତ୍ରୀଙ୍କ ଧାରଣା

ରାସଗୋବିନ୍ଦପୁର,୨୫।୮ (ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଗୋପୀନାଥଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଚାନକ ୫ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳିକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବଦଳି ସ୍ଥଗିତ ଦାବିରେ ମଙ୍ଗଳବାର ଛାତ୍ରଛାତ୍ରୀ ବିଦ୍ୟାଳୟର ମୁଖ୍ୟ ଫାଟକ ବନ୍ଦ କରି ଧାରଣାରେ ବସିଥିଲେ। ବଦଳି ହୋଇଥିବା ୫ ଜଣଙ୍କ ମଧ୍ୟରୁ ୩ ଜଣ ଏଲ୍‌ଟିଆଇ ଶିକ୍ଷକ ଥିବାବେଳେ ଅନ୍ୟ ଦୁଇଜଣ ଶିକ୍ଷକ ହେଉଛନ୍ତି ଚିନ୍ମୟ ସାମଲ ଓ ମୃତ୍ୟୁଞ୍ଜୟ ରାଉତ। ଛାତ୍ରଛାତ୍ରୀ ୩ ଜଣ ଶିକ୍ଷକଙ୍କ ବଦଳିକୁ ବିରୋଧ କରି ନ ଥିବାବେଳେ ଚିନ୍ମୟ ସାମଲ ଓ ମୃତ୍ୟୁଞ୍ଜୟ ରାଉତଙ୍କ ବଦଳିକୁ ବିରୋଧ କରିଛନ୍ତି। ଉଭୟ ଶିକ୍ଷକଙ୍କ ପାଠ ପଢ଼ାଇବା ଶୈଳୀ ଉତ୍ତମ ହୋଇଥିବାରୁ ସେମାନଙ୍କଠାରୁ ଛାତ୍ରଛାତ୍ରୀ ଭଲ ଭାବେ ଶିକ୍ଷା ଗ୍ରହଣ କରୁଛନ୍ତି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ଆଉ ପ୍ରାୟ ୫ ମାସ ବାକି ଥିବାବେଳେ ଏ ସମୟରେ ଶିକ୍ଷକ ଦୁଇଜଣଙ୍କ ବଦଳି ହେଲେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବ ବୋଲି ଛାତ୍ରଛାତ୍ରୀ ଆଶଙ୍କା ପ୍ରକାଶ କରିଛନ୍ତି। ବ୍ଲକ ଏବିଇଓ ବିଜୟ ବାରିକ, ଏବିଇଓ ସଙ୍ଗୀତା ଜେନା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ପରେ ପରବର୍ତ୍ତୀ କୌଣସି ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ କୌଣସି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯିବନାହିଁ ବୋଲି ପ୍ରଧାନଶିକ୍ଷକ ଲିଖିତ ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀ ଧାରଣାରୁ ଓହରିଥିଲେ। ଦୁଇ ଶିକ୍ଷକଙ୍କ ବଦଳି ହେଲେ ପୁନର୍ବାର ବିଦ୍ୟାଳୟରେ ଧାରଣା ଦିଆଯିବ ବୋଲି ଛାତ୍ରଛାତ୍ରୀ ପ୍ରଧାନଶିକ୍ଷକଙ୍କୁ ଜଣାଇଥିବା ସୂଚନା ମିଳିଛି।



## ଭୁବନେଶ୍ୱର ଆଇକନିକ ଆଦର୍ଶ ସ୍କୁଲରେ ପଢ଼ିବେ ୨ ଛାତ୍ର

ରାଇରଙ୍ଗପୁର, ୨୫।୮ (ସମିସ):ରାଇରଙ୍ଗପୁର ଆଦର୍ଶ ସ୍କୁଲର ୨ ଜଣ ଛାତ୍ର ଚଳିତବର୍ଷ ଭୁବନେଶ୍ୱରସ୍ଥ ଆଇକନିକ ଆଦର୍ଶ ବିଦ୍ୟାଳୟରେ ପଢ଼ିବାକୁ ଯୋଗ୍ୟତା ହାସଲ କରିଛନ୍ତି।



ଭୁବନେଶ୍ୱର ଆଇକନିକ ଆଦର୍ଶ ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ପଢ଼ିବା ପାଇଁ ରାଜ୍ୟର ସମସ୍ତ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ପାଇଁ ମେଧା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଦଶମ ଶ୍ରେଣୀରେ ଶତକଡା ୯୦ରୁ ଅଧିକ ପ୍ରତିଶତ ମାର୍କ ରଖିଛନ୍ତି ସେମାନେ କେବଳ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ପରୀକ୍ଷାରେ ରାଇରଙ୍ଗପୁର ଆଦର୍ଶ ସ୍କୁଲର ଦୁଇଜଣ ଛାତ୍ର ସଫଳ ହୋଇଛନ୍ତି। ଭୁବନେଶ୍ୱର ଆଦର୍ଶ ସ୍କୁଲରେ ମାଗଣାରେ ରହିବା, ପଢିବା, ପୋଷାକ ସରକାର ବହନ କରନ୍ତି। ସେମାନଙ୍କୁ ଜାତୀୟ ସ୍ତରର ପରୀକ୍ଷା ଜେଇଇ, ନିଟ୍ ପରୀକ୍ଷା ପାଇଁ ମାଗଣା କୋଚିଂ ବ୍ୟବସ୍ଥା ରହିଛି। ଚଳିତବର୍ଷ ରାଇରଙ୍ଗପୁର ଆଦର୍ଶ ବିଦ୍ୟାଳୟର ୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯୁବଲ ଅଗ୍ରୱାଲ ଓ ଦୀପକ ସୋରେନ ଯୋଗ୍ୟତା ଲାଭ କରିଛନ୍ତି।

## ଜାତୀୟ ରଗ୍‌ବୀ ଦଳରେ ସନ୍ଧ୍ୟାରାଣୀ




ବାରିପଦା, ୨୫।୮ (ସମିସ): ବାରିପଦା ବ୍ଲକ ଅନ୍ତର୍ଗତ ରାଧିକାଶୋଳ ଗ୍ରାମର ଅତି ସାଧାରଣ ଚାଷୀ ପରିବାରର ଝିଅ ସନ୍ଧ୍ୟାରାଣୀ ଟୁଡୁ ନିଜର ଦୃଢ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ଚୀନରେ ଅନୁଷ୍ଠିତ ହେବାକୁ ଥିବା ଏସୀୟ ରଗବୀ ସେଭେନ୍ସ ସିରିଜରେ ଭାରତୀୟ ବରିଷ୍ଠ ମହିଳା ଦଳରେ ସ୍ଥାନ ପାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ବାରିପଦାସ୍ଥ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀ କୋଚ୍ ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କୁ ଶ୍ରେୟ ଦେଇଛନ୍ତି। ଗତବର୍ଷ ମଧ୍ୟ ସେ ଏସୀୟ ରଗବୀ ସିରିଜରେ ଟପ ସ୍କୋରର ଭାବେ ପୁରସ୍କୃତ ହୋଇଥିଲେ। ଜାତୀୟ ସ୍ତରରେ ଓଡିଶା ପାଇଁ ବହୁବାର ପଦକ ଜିତିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ସମସ୍ତ କ୍ରୀଡ଼ାପ୍ରେମୀ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲାବାସୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ ଦେଶ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି କାମନା କରିଛନ୍ତି। ସନ୍ଧ୍ୟାରାଣୀଙ୍କୁ ମଧ୍ୟ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ବିଜୟ ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, ସହପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ଶୁଭେଚ୍ଛା ଜଣାଇଛନ୍ତି।

## ପଟିସାରି ପଞ୍ଚାୟତ ଏଡିଓଙ୍କ ବଦଳି ଦାବି

ବଡ଼ସାହି,୨୫।୮ (ସମିସ): ବଡ଼ସାହି ବ୍ଲକ ଅଧୀନ ପଟିସାରି ପଞ୍ଚାୟତର ଏଡିଓ ଭାବେ ହାମ୍ବିର ମୁର୍ମୁ କାର୍ଯ୍ୟ କରୁଛନ୍ତି। ସେ ପଞ୍ଚାୟତରେ ମନମୁଖୀ କାର୍ଯ୍ୟ କରୁଛନ୍ତି। ଅଧିକାଂଶ ସମୟରେ ପଞ୍ଚାୟତରେ ତାଙ୍କୁ ଦେଖିବାକୁ ମିଳୁନାହିଁ। ବିଭିନ୍ନ କାମରେ ଆସି ଲୋକମାନେ ତାଙ୍କୁ ନ ପାଇ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପ୍ରତିବାଦ କଲେ ଅଭଦ୍ରୋଚିତ ବ୍ୟବହାର କରୁଛନ୍ତି। ଗରିବ ଲୋକଙ୍କ ପାଇଁ ଆସୁଥିବା ଅନ୍ତୋଦୟ ଘର ଓ ପ୍ରଧାନମନ୍ତ୍ରୀ ଆବାସ ପାଇଁ ୧୦ରୁ ୨୦ ହଜାର ପର୍ଯ୍ୟନ୍ତ ଟଙ୍କା ଦାବୀ କରାଯାଉଛି। ଏପରିକି ପଞ୍ଚାୟତରେ କାର୍ଯ୍ୟ ହେଉଥିବା ଭିଜିବିରାମ ଜୀ ଯୋଜନା କାମରେ ଜେସିବି ଲଗାଇ କାମ କରି ମିଥ୍ୟା ମାଷ୍ଟରରୋଲ ପ୍ରସ୍ତୁତ ବିଲକୁ ଠିକାଦାର ସହିତ ମିଶି ହଡପ କରୁଛନ୍ତି। ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ। ଗ୍ରାମବାସୀ କୌଣସି କାମ ବାବଦରେ ଏଡିଓଙ୍କୁ ପଚାରିବାରୁ ଦୁର୍ବ୍ୟବହାରପୂର୍ଣ୍ଣ ବ୍ୟବହାର କରିବା ସହିତ ତାଙ୍କ ହାତ ବହୁତ ଲମ୍ବା ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ଧମକପୂର୍ଣ୍ଣ କଥାବାର୍ତ୍ତା କରୁଛନ୍ତି। ଏଭଳି ଦୁର୍ନୀତିଗ୍ରସ୍ତ ଏଡିଓଙ୍କୁ ବଦଳି କରିବାକୁ ଦାବି ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି। ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ, ପଞ୍ଚାୟତିରାଜ ମନ୍ତ୍ରୀ ଓ ଭିଜିଲାନ୍ସ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଧାରଣା, ପ୍ରତିବାଦ ଓ ପଞ୍ଚାୟତ ଘେରଉ ଭଳି ପରିସ୍ଥିତି ସୃଷ୍ଟି ହେଲେ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଏଡିଓ ଶ୍ରୀ ମୁର୍ମୁଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

## ୪୫ ଲିଟର ମଦ ଜବତ, ୨ ଗିରଫ

କୁଆମରା,୨୫।୮ (ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିସହ ଏକ ନମ୍ବର ବିହୀନ ବାଇକ୍ ଓ ୪୫ ଲିଟର ଦେଶୀମଦ ଜବତ ହୋଇଛି। ଖୁଣ୍ଟା ଥାନା ଅନ୍ତର୍ଗତ ସାନରାଇକାଳୀ ଗ୍ରାମର ରାମେଶ୍ୱର ମାରାଣ୍ଡି ଏକ ନମ୍ବର ବିହୀନ ବାଇକ ଯୋଗେ ମଦ ନେଇ ଯାଉଥିବାବେଳେ ନହରା ଛକରେ ଧରାପଡ଼ିଥିଲେ। ବାଇକ ସହ ୩୦ ଲିଟର ମଦ ଜବତ ହୋଇଛି। ସେହିପରି ପୁରୁଣା ବାରିପଦା ପଞ୍ଚାୟତ ମାଙ୍କଡକେନ୍ଦା ଗ୍ରାମର ରଘୁନାଥ ସିଂଙ୍କଠାରୁ ୧୫ ଲିଟର ମଦ ଜବତ ହୋଇଛି। ଅବକାରୀ ଥାନା ଉପନିରୀକ୍ଷକ ଅଞ୍ଜନ ଜେନା, ସହନିରୀକ୍ଷକ କୃଷ୍ଣସୁନ୍ଦର ସେଠୀଙ୍କ ସମେତ ନିରଞ୍ଜନ ମହାନ୍ତ, କିଶୋର ସୋରେନ, ପାର୍ବତୀ ମାରାଣ୍ଡି ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ଠାକୁରମୁଣ୍ଡା,୨୫।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଶରତ-ଠାକୁରମୁଣ୍ଡା ରାସ୍ତାର ଜାମଖଞ୍ଜରୀ ନିକଟରେ କୁକୁର ଦୌଡ଼ି ଆସିବାରୁ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଦୁଇ ଜଣ ଯୁବକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଗୁରୁତର ଅଛନ୍ତି। କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ମାଛଗଡ଼ ବାଉଁଶନାଳି ଅଞ୍ଚଳର ଦୁଇସାଙ୍ଗ ରବୀନ୍ଦ୍ର ମୁଣ୍ଡା ଓ ବାବୁଲୁ ମୁଣ୍ଡା ବାଲେଶ୍ୱର ଜିଲ୍ଲା କୁପାରୀସ୍ଥ ମାମୁଁ ଘରକୁ ଯାଇଥିଲେ। ଉଭୟେ ଏକ ବାଇକ୍ ଯୋଗେ ସେଠାରୁ ଫେରୁଥିଲେ। ଜାମଖଞ୍ଜରୀ ନିକଟରେ ଏକ କୁକୁର ରାସ୍ତା ଉପରକୁ ଦୌଡ଼ି ଆସିଥିଲା। ଫଳରେ ବାଇକ୍ ଭାରସାମ୍ୟ ହରାଇ ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ରବୀନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବାବୁଲୁଙ୍କ ଚିକିତ୍ସା ଚାଲିଛି।

## ମହିଳାଙ୍କୁ ନିର୍ଯାତନା ଅଭିଯୋଗ

କୁଆମରା,୨୫।୮ (ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଆରପଟା ପଞ୍ଚାୟତ ଖିରିପଦା ଗ୍ରାମର ଜଣେ ମହିଳାଙ୍କୁ ଶାଶୂଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଭାବଗ୍ରାହୀ ବେହେରାଙ୍କ ଝିଅ ବନଲତା ୨୦୨୧ରେ ଉଦଳା ୬ ନମ୍ବର ୱାର୍ଡର ଅମିତ ସାହୁଙ୍କୁ ବିବାହ କରିଥିଲେ। ଦାବି ମୁତାବକ ଯୌତୁକ ଦିଆଯାଇଥିଲେ ମଧ୍ୟ ଅଧିକ ଯୌତୁକ ଦାବି କରି ବନଲତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଛି। ନିର୍ଯାତନା ସହି ନ ପାରି ବନଲତା ଏବେ ବାପଘରେ ରହୁଛନ୍ତି। ସ୍ୱାମୀ ଅମିତଙ୍କ ସମେତ ଶାଶୂ ଭାରତୀ ସାହୁ, ଶଶୁର ଦିଲ୍ଲୀପ ସାହୁ ଓ ନଣଦ ଲିସା ବେହେରା ନିର୍ଯାତନା ଦେଉଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ମାମଲା ରୁଜୁ ହେବା ସହ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତଭାର ଗ୍ରହଣ କରିଛନ୍ତି।

## କଂଗ୍ରେସ ପକ୍ଷରୁ ଏମଏମଡିଆର ବିରୋଧୀ ମଶାଲ ଶୋଭାଯାତ୍ରା




ରାଇରଙ୍ଗପୁର,୨୫।୮ (ସମିସ): କେନ୍ଦ୍ର ସରକାରଙ୍କ କଳା ଆଇନ ଏମଏମଡିଆର ସଂଶୋଧିତ ଅଧିନିୟମ- ୨୦୨୬ ବାତିଲ ପାଇଁ ସାରା ଦେଶରେ କଂଗ୍ରେସ ଦଳ ଓ ଇଣ୍ଡିମେଣ୍ଟ ପକ୍ଷରୁ ପ୍ରତିବାଦ ସଭା ଚାଲୁ ରହିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶରେ ରାଇରଙ୍ଗପୁର କଂଗ୍ରେସ ଦଳ ପକ୍ଷରୁ ଆଜି ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଦଳୀୟ ନେତୃବୃନ୍ଦ ଓ କର୍ମୀ ହାତରେ ମଶାଲ ଧରି ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଆସିଥିଲେ। ଏହି ଶୋଭାଯାତ୍ରାରେ ପ୍ରାକ୍ତନ କଂଗ୍ରେସ ବିଧାୟକ ଶାମଚରଣ ହାଁସଦା, ପ୍ରାକ୍ତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତି, ବରିଷ୍ଠ କଂଗ୍ରେସ ନେତା ବସନ୍ତ ପଟ୍ଟନାୟକ, ତିରିଂ ବ୍ଲକ କଂଗ୍ରେସ ସଭାପତି ଭାଗୀରଥି ପାତ୍ର, ଯୁବ କଂଗ୍ରେସ ନେତା ବାବୁଲା ଅମର ଦେଓ ହେମ୍ବ୍ରମ, ପ୍ରାକ୍ତନ ନଗର ଅଧ୍ୟକ୍ଷ କଂଗ୍ରେସ ପ୍ରାର୍ଥୀ ଭଜହରି ମହାନ୍ତ, ରୁପକ ମହାନ୍ତି, ଶଙ୍କର ଲାଲ କ୍ଷେତ୍ରୀ, ମାନସିଂହ ସୋରେନ, ଅନୁପ ସୋରେନ, ନିଶାକର ପାତ୍ର ପ୍ରମୁଖ ସାମିଲ ଥିଲେ।

## ୨୭ରେ ଏମଏସସିବିରେ 'ବିକଶିତ ଭାରତ ଯୁବ କନେକ୍ଟ ସ୍ପୋର୍ଟ୍ସ ଏଡିସନ'

ବାରିପଦା, ୨୫।୮ (ସମିସ): ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ମେରା ଯୁବା ଭାରତ ମୟୂରଭଞ୍ଜ ଶାଖା ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନଏସଏସ ଶାଖା ମିଳିତ ସହଯୋଗରେ ଆସନ୍ତା ୨୭ ଅଗଷ୍ଟରେ "ବିକଶିତ ଭାରତ ଯୁବ କନେକ୍ଟ ସ୍ପୋର୍ଟସ୍ ଏଡିସନ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଦେଶବ୍ୟାପୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ସମ୍ବୋଧନ କରିବେ।




ଏଥିରେ ପ୍ରଧାନମନ୍ତ୍ରୀ ସିଧାସଳଖ ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ସିଧାସଳଖ ପ୍ରଶ୍ନ ପଚାରିବାର ସୁଯୋଗ ପାଇବେ। ଦେଶର ୧,୭୦୦ରୁ ଅଧିକ ସ୍ଥାନରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଯୁବପିଢ଼ି ଏହି ଅଭିଯାନ ସହ ଯୋଡ଼ି ହେଉଥିବାବେଳେ ମୟୂରଭଞ୍ଜ ଜିଲ୍ଲାର ଏମଏସସିବି ବିଶ୍ୱବିଦ୍ୟାଳୟକୁ ଏଥିପାଇଁ ଚୟନ କରାଯାଇଛି। ଜିଲ୍ଲାର ପ୍ରମୁଖ କ୍ରୀଡ଼ାବିତ୍, ମନ୍ତ୍ରୀ, ସାଂସଦ, ବିଧାୟକ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବେ। ବିଶ୍ୱବିଦ୍ୟାଳୟର ଏନଏସଏସ ସ୍ୱେଚ୍ଛାସେବୀ, "ମାଇ ଭାରତ' ପୋର୍ଟାଲରେ ପଞ୍ଜିକୃତ ଯୁବକ/ଯୁବତୀ ଓ ଛାତ୍ରଛାତ୍ରୀ ପୂର୍ବାହ୍ନ ୧୦ଟାରୁ ଏଥିରେ ସାମିଲ ହେବେ ବୋଲି ବିଶ୍ୱବିଦ୍ୟାଳୟ ଏନଏସଏସ୍ ପ୍ରୋଗ୍ରାମ କୋ-ଅର୍ଡିନେଟର ଡ ପ୍ରିୟରଞ୍ଜନ ଦେବତା ଓ ମାଇ ଭାରତ ମୟୂରଭଞ୍ଜର ଡେପୁଟି ଡାଇରେକ୍ଟର ସାଥୀ ରାୟ ସୂଚନା ଦେଇଛନ୍ତି।

### ■ ୧୨.୩୦ରେ ମଧ୍ୟାହ୍ନଭୋଜନ ଦେଇ ୧ଟାରେ ସ୍କୁଲ ଛୁଟି
## ଟିଆଁସି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ମୋରଡା,୨୫।୮ (ସମିସ): ମୋରଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଆରସିସି ପୃଥୁନାଥ ବାସ୍କେ ଟିଆଁସି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିବା ସମୟରେ ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ଅନିୟମିତତା ହେଉଥିବା ଦେଖିବାକୁ ପାଇଥିଲେ। ଫଳରେ ସେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରମୋହନ ମହାନ୍ତଙ୍କୁ ସୋମବାର କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ମୋରଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା-୧୭୪୬,୨୪/୦୮/୨୬ ଅନୁଯାୟୀ ବିଆରସିସି ଉକ୍ତ ବିଦ୍ୟାଳୟକୁ ୧୨ଟା ୪୦ମିନିଟ ସମୟରେ ଯାଇଥିବାବେଳେ ବିଦ୍ୟାଳୟ ଶ୍ରେଣୀ କକ୍ଷରେ ଗାଈ ଶୋଇଥିବାବେଳେ ୧୨ଟା ୩୦ ମିନିଟରେ ପିଲାଙ୍କୁ ମଧ୍ୟାହ୍ନଭୋଜନ ଖାଦ୍ୟ ଦିଆଯାଇଥିଲା। ବିଦ୍ୟାଳୟକୁ ଛାତ୍ରଛାତ୍ରୀ ବିନା ସ୍କୁଲ ପୋଷାକରେ ଆସିଥିବାବେଳେ ତିନିଜଣ ଛାତ୍ର ଖାଲି ଦେହରେ ଥିବା ଦେଖିବାକୁ ପାଇଥିଲେ। ତେବେ ଚନ୍ଦ୍ରମୋହନ ପ୍ରତିଦିନ ୧୨ଟା ୩୦ରେ ମଧ୍ୟାହ୍ନଭୋଜନ ଦେଇ ୧ଟା ବେଳକୁ ସ୍କୁଲକୁ ଛୁଟି କରିଦେଉଥିବା ସେ ଜାଣିବାକୁ ପାଇଥିଲେ। ବିଆରସିସି ପୃଥୁନାଥ ଚିଠି ମାଧ୍ୟମରେ ତିନିଦିନ ମଧ୍ୟରେ ଉପଯୁକ୍ତ ଉତ୍ତର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନଚେତ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଉଲ୍ଲେଖ ରହିଛି। ଉକ୍ତ ଘଟଣା ସମ୍ପର୍କରେ ସେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ମଧ୍ୟ ଅବଗତ କରାଇଥିବା ଚିଠିରେ ଉଲ୍ଲେଖ ରହିଛି।

### ବିଦ୍ୟାଳୟରେ ଲାଗୁ ହେଉନି ଖାଦ୍ୟ ସୁରକ୍ଷା ଆଇନ
# ବିନା ଲାଇସେନ୍ସରେ ଚାଲିଛି ମଧ୍ୟାହ୍ନଭୋଜନ

ମୋରଡା,୨୫।୮ (ସମିସ):



ଦେଶରେ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେବା ପରେ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମସ୍ତ ସରକାରୀ ବିଭାଗକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଖୋଦ ସରକାର ଏହି ଆଇନର ଉଲ୍ଲଙ୍ଘନ କରୁଥିବା ଦେଖାଯାଇଛି। ସରକାରଙ୍କ ଦ୍ୱାରା ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସ୍ତରରେ ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ଚାଲିଥିବା ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଏହାର ଉଦାହରଣ ସାଜିଛି। ମଧ୍ୟାହ୍ନଭୋଜନ ରନ୍ଧା ଯାଉଥିବା ବିଦ୍ୟାଳୟରେ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ଖାଦ୍ୟ ସୁରକ୍ଷା ଲାଇସେନ୍ସ କରିବା ବାଧ୍ୟତାମୂଳକ ହୋଇଥିବାବେଳେ ମୋରଡା, ରାସଗୋବିନ୍ଦପୁର ଓ ଶୁଳିଆପଦା ବ୍ଲକରେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ହୋଇଥିବା ଦେଖାଯାଇଛି। ଏପରିକି ଏ ସମ୍ପର୍କିତ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଥିଲେ ସୁଦ୍ଧା ଦୀର୍ଘ ୧୦ ବର୍ଷ ହେଲା ସେହି ଆଇନ ବର୍ତ୍ତମାନ ସରକାରୀ ବାବୁଙ୍କ ଫାଇଲ୍ ତଳେ ରହିଥିବା ଦେଖାଯାଇଛି। ଫଳରେ ଏହି ଆଇନର ସଫଳ କାର୍ଯ୍ୟକାରିତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମୋରଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନରେ ବ୍ଲକ୍‌ରେ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ ଓ ସେବାଶ୍ରମ ବିଦ୍ୟାଳୟକୁ ମିଶାଇ ପ୍ରାୟ ୩୦୦ଟି ବିଦ୍ୟାଳୟରେ ଶିକ୍ଷକ କିମ୍ବା ଏସଏଚ୍‌ଜିଙ୍କ ଦ୍ୱାରା ବିଦ୍ୟାଳୟରେ ରୋଷେଇ କରି ପିଲାଙ୍କୁ ଖାଦ୍ୟ ପରଷା ଯାଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବ୍ଲକ୍‌ର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ମଧ୍ୟ ହଜାର ହଜାର ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କୁ ରନ୍ଧାଖାଦ୍ୟ ଦେବା ବ୍ୟବସ୍ଥା ରହିଛି। କିନ୍ତୁ ଏସବୁ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନଭୋଜନ, ଆଶ୍ରମ ବିଦ୍ୟାଳୟ ଅଙ୍ଗନବାଡି କେନ୍ଦ୍ରରେ ଦିଆଯାଉଥିବା ରନ୍ଧାଖାଦ୍ୟ ପାଇଁ ଖାଦ୍ୟ ସୁରକ୍ଷା ଲାଇସେନ୍ସ ବାଧ୍ୟତାମୂଳକ ରହିଥିବାବେଳେ ଆଜି ପର୍ଯ୍ୟନ୍ତ କେହି ସେହି ଲାଇସେନ୍ସ ସମ୍ପର୍କରେ ଜାଣି ନ ଥିବା ଦେଖିବାକୁ ମିଳିଛି। ଦେଶର ଖାଦ୍ୟ ସୁରକ୍ଷା ଆଇନ ୨୦୦୬ କାର୍ଯ୍ୟକାରୀ ହେବା ସହ ଫୁଡ ସେଫ୍ଟି ଏଣ୍ଡ ଷ୍ଟାଣ୍ଡାର୍ଡ (ଲାଇସେନ୍ସିଂ ଆଣ୍ଡ ରେଜିଷ୍ଟ୍ରେସନ ଅଫ୍ ଫୁଡ ବିଜନେସ) ରେଗୁଲେସନ ୨୦୧୧ର ଧାରା ୨.୧.୨ ଅନୁସାରେ ପ୍ରତ୍ୟେକ କ୍ୟାଣ୍ଟିନ, ମେସ ଓ ସରକାରୀ ଶିକ୍ଷାନୁଷ୍ଠାନରେ ଖାଦ୍ୟ ବ୍ୟବସ୍ଥା ପାଇଁ ଖାଦ୍ୟ ଲାଇସେନ୍ସ ବାଧ୍ୟତାମୂଳକ ରହିଥିବା ସମ୍ପର୍କରେ ଏଫ୍‌ଏସଏଆଇ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ରାଜ୍ୟ ଖାଦ୍ୟ ସୁରକ୍ଷା କମିସନର ୨୭ ଡିସେମ୍ବର ୨୦୧୬ ସୁଦ୍ଧା ସମସ୍ତ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ରିପୋର୍ଟ ମାଗିଥିଲେ। ଯାହାକି ୯ ବର୍ଷ ବିତିଗଲେ ମଧ୍ୟ ଫାଇଲ ତଳେ ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶ ଚାପି ହୋଇଯାଇଛି। ଏ ସମ୍ପର୍କରେ ମୋରଡା ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯତୀନ୍ଦ୍ର ନାଥ ଦତ୍ତଙ୍କୁ ପଚାରିବାରୁ ଜିଲ୍ଲା ପକ୍ଷରୁ ଏ ସମ୍ବନ୍ଧୀୟ କୌଣସି ସୂଚନା ଆସିନାହିଁ, ଆସିଲେ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି।

ସକାଳ
THE SAKALA




# ସମ୍ପାଦକୀୟ



ମହାକାଶ ଯାତ୍ରାର ସଫଳତା ତୁଳନାରେ ଲକ୍ଷ୍ୟ ହାସଲ ଅଧିକ ଗୁରୁତ୍ୱପୂର୍ଣ୍ଣ।

-କଳ୍ପନା ଚାୱାଲା

## ଏଆଇର ନୂତନ ପନ୍ଥା

ଉପଭୋକ୍ତାଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ପ୍ରଥମ ଉଦ୍ୟୋକ୍ତା 'ଓପନ୍ ଏଆଇ' ୧୩ ବର୍ଷରୁ କମ୍ ବୟସର ବ୍ୟବହାରକାରୀଙ୍କ ପାଇଁ 'ଚାଟ୍‌ଜିପିଟି'ର ନୂତନ ସଂସ୍କରଣ ବଜାରକୁ ଛାଡ଼ିଛି। ପ୍ରତି ୧୦ ଜଣ 'ଚାଟ୍‌ଜିପିଟି' ବ୍ୟବହାରକାରୀଙ୍କ ମଧ୍ୟରୁ ୯ ଜଣ ଅପ୍ରାପ୍ତବୟସ୍କ ହୋଇଥିବାରୁ ସେମାନଙ୍କ ପାଇଁ ନୂତନ ସଂସ୍କରଣ ସୁବିଧାଜନକ ହେବ ବୋଲି 'ଓପନ୍ ଏଆଇ' କହିଛି। କିନ୍ତୁ 'ଚାଟ୍‌ଜିପିଟି' ବୟସ ନିର୍ଦ୍ଧାରଣ ପ୍ରକ୍ରିୟାରେ କେତେ ସଫଳ ହେବ ତାହାକୁ ନେଇ ବିଶେଷଜ୍ଞମାନଙ୍କ ଗୋଟିଏ ମହଲ ପ୍ରଶ୍ନ ଉଠାଇଥିବା ବେଳେ ଆଉ ଏକ ମହଲ ନୂତନ ସଂସ୍କରଣକୁ ଆଦୌ ଗ୍ରହଣ କରିପାରିନାହାନ୍ତି। ନୂତନ ସଂସ୍କରଣକୁ ବିରୋଧ କରୁଥିବା ବିଶେଷଜ୍ଞଙ୍କ ମତରେ ସମ୍ପ୍ରତି ଏଆଇର ପ୍ରତିକୂଳ ପ୍ରଭାବରୁ ଶିଶୁମାନଙ୍କୁ ସୁରକ୍ଷା ଦେବାକୁ ସଚେତନତା ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ 'ଓପନ୍ ଏଆଇ'ର ଏହି ନୂଆ ବ୍ୟବସାୟିକ ଅଭିସନ୍ଧି ତାହାକୁ ଗୁରୁତର ପ୍ରଭାବିତ କରିବ।

ଏକଦା ଅନ୍‌ଲାଇନ୍ ବା ଇଣ୍ଟରନେଟ୍ ଭିତ୍ତିକ ଜ୍ଞାନଆହରଣ ଓ ଶିକ୍ଷାଦାନରେ ଅଗ୍ରଣୀ ବିକଶିତ ଦେଶମାନେ ଏବେ ନିଜନିଜର ତ୍ରୁଟି ସୁଧାରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଶିଶୁ ମନସ୍ତତ୍ତ୍ୱ, ଶୈଶବସ୍ତରୀୟ ବୌଦ୍ଧିକ ବିକାଶରେ ଇଣ୍ଟରନେଟ୍(ଏଆଇ)ର ପ୍ରତିକୂଳ ପ୍ରଭାବ ଅନୁଭୂତ ହେବା ପରେ ଉକ୍ତଦେଶମାନଙ୍କରେ ପୁଣି ଥରେ ପାରମ୍ପରିକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରାଯାଉଛି। ଅଷ୍ଟ୍ରେଲିଆ, ୟୁକେ ଆଦି ଦେଶରେ କିଶୋରମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଆମ ଦେଶର ଅଗ୍ରଣୀ ରାଜ୍ୟ ଭାବେ କର୍ଣ୍ଣାଟକ ସାହସିକ ପଦକ୍ଷେପ ନେଇ ୧୬ ବର୍ଷରୁ କମ ବୟସର ଛାତ୍ରଛାତ୍ରୀଙ୍କ ପାଇଁ କେବଳ ୧ ଘଣ୍ଟା ମୋବାଇଲ୍ ସ୍କ୍ରିନ୍ ବ୍ୟବହାର କରିବାକୁ ଅନୁମତି ଦେଇଛି। ସନ୍ଧ୍ୟା ୭ଟା ପରେ ଯେପରି ମୋବାଇଲ୍‌ରେ ସାମାଜିକ ଗଣମାଧ୍ୟମର ସ୍କ୍ରିନ୍ ଆପେ ବନ୍ଦ ହୋଇଯିବ ସେଥିପାଇଁ ଆଇଟି ବିଭାଗକୁ କର୍ଣ୍ଣାଟକ ସରକାର ବିହିତ ନିର୍ଦ୍ଦେଶ ଦେଇଛନ୍ତି। ଏହି ପୃଷ୍ଠଭୂମିରେ 'ଓପନ୍ ଏଆଇ'ର ନୂତନ ଶିଶୁକୈନ୍ଦ୍ରିକ ସଂସ୍କରଣକୁ ନେଇ ଆପତ୍ତି ଉଠିବା ସ୍ୱାଭାବିକ।

ଏହା ଅସ୍ୱୀକାର କରିବାର ନାହିଁ ଯେ ଇଣ୍ଟରନେଟ୍ ଅଧୁନା ଆମ ଜୀବନରେ ଅପରିହାର୍ଯ୍ୟ ହୋଇପଡ଼ିଛି। କିନ୍ତୁ ଏହାର ବ୍ୟବହାରରେ ଯଥାସମ୍ଭବ ସଂଯମ ଅବଲମ୍ବନ କରିବା ଆବଶ୍ୟକ। ବିଶେଷକରି ଶିଶୁମାନଙ୍କୁ ଏଥିରୁ ଦୂରେଇ ନ ରଖିଲେ ଭବିଷ୍ୟତରେ ସେମାନଙ୍କ ସୃଜନଶୀଳତା ହ୍ରାସ ପାଇବ ବୋଲି ବିଶେଷଜ୍ଞମାନଙ୍କ ମତକୁ ହାଲ୍‌କା ଭାବେ ନେବା ଉଚିତ ହେବ ନାହିଁ। ଏ ଦିଗରେ ଅଭିଭାବକ, ବିଦ୍ୟାଳୟ ଶିକ୍ଷକ/ଶିକ୍ଷୟତ୍ରୀ ଏବଂ ସର୍ବୋପରି ଜନମଙ୍ଗଳ ସରକାରଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଅଧିକ ରହିଛି। ପିଲାମାନଙ୍କୁ ମଧ୍ୟ ଏ ଦିଗରେ ସଚେତନ କରିବା ପାଇଁ କର୍ଣ୍ଣାଟକ ସରକାରଙ୍କ ପଦକ୍ଷେପ ଅନୁସରଣୀୟ।

## ଖାଦ୍ୟରେ ବିଷ

ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଭେଜାଲ୍ ପନିର ଜବତ ହୋଇଛି ଏବଂ ଏହି ଚଢ଼ଉ ଜାରି ରହିଛି। ଆଉ ଦୁଇପାଦ ଆଗକୁ ଯାଇ କର୍ଣ୍ଣାଟକ ସରକାର ଅନ୍‌ଲାଇନ୍ ଫୁଡ୍ ଡେଲିଭରି ବା ଇଣ୍ଟରନେଟ୍ ଜରିଆରେ ନିର୍ଦ୍ଦେଶ ଆଧାରରେ ଉପଭୋକ୍ତାଙ୍କ ପାଖରେ ଖାଦ୍ୟ ପହଞ୍ଚାଉଥିବା ଆମାଜନ୍, ସ୍ୱିଗି, ବିଗ୍‌ବାସ୍କେଟ୍ ପରି ସଂସ୍ଥାମାନଙ୍କ ସେବାରେ କଟକଣା ଜାରି କରିଛନ୍ତି। କିଛିଦିନ ପୂର୍ବରୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଏଆଇ) ଖାଦ୍ୟସାମଗ୍ରୀ ସମ୍ପର୍କିତ ବିଜ୍ଞାପନ ପ୍ରଚାର ପ୍ରସାର କରୁଥିବା ପ୍ରାୟ ଦେଢ଼ଶହ ସଂସ୍ଥାଙ୍କୁ ଅନୁରୂପ କଟକଣା ଜାରି କରିଥିଲେ। କର୍ଣ୍ଣାଟକ ଖାଦ୍ୟ ସୁରକ୍ଷା ବିଭାଗର ସୂଚନା ଅନୁଯାୟୀ ଉପରୋକ୍ତ ସଂସ୍ଥାମାନଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା କେତେକ ଖାଦ୍ୟ ସାମଗ୍ରୀରେ ବିଷାକ୍ତ ଉପାଦାନ ଠାବ ହୋଇଛି, ଯାହା ମାନବ ଶରୀର ପ୍ରତି ଗୁରୁତର ହାନିକାରକ। ଏହା ଜଣାପଡ଼ିବା ପରେ ସେହିସବୁ ସଂସ୍ଥାମାନଙ୍କର ଖାଦ୍ୟ ବିତରଣ ଅନୁମତି ବାତିଲ୍ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରପକ୍ଷରେ ଖାଦ୍ୟ ଉତ୍ପାଦନ ଓ ବିତରଣରେ ଅନ୍‌ଲାଇନ୍ ସଂସ୍ଥାମାନଙ୍କ ଭାରତରେ ଆବିର୍ଭାବ ଘଟିବା ବହୁପୂର୍ବରୁ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ ହୋଇସାରିଥିବାରୁ ତାହାର ସାମ୍ପ୍ରତିକ ବୈଧତା ନେଇ ପ୍ରଶ୍ନ ଉଠିଛି। ଏହି ଆଳରେ ଅନ୍‌ଲାଇନ୍ ସଂସ୍ଥାମାନେ ନିଜକୁ ସୁରକ୍ଷିତ ରଖିବାର ଗଳାବାଟ ଖୋଜୁଛନ୍ତି, ଯାହା ଖାଦ୍ୟ ସୁରକ୍ଷା ଅଧିକାର କ୍ଷେତ୍ରରେ ନୂଆ ଆହ୍ୱାନ ସୃଷ୍ଟି କରିଛି।

ଖାଦ୍ୟ ସୁରକ୍ଷା ଓ ମାନଙ୍କ ଆଇନ - ୨୦୦୬ ଅନୁଯାୟୀ ଯେକୌଣସି ଖାଦ୍ୟ ଉତ୍ପାଦନ, ବିତରଣ, ବିକ୍ରି ଉପରେ ସତର୍କ ନଜର ରଖାଯାଇପାରିବ ଏବଂ କୌଣସି ସାମଗ୍ରୀ ଜନସ୍ୱାସ୍ଥ୍ୟ ପାଇଁ ଆପତ୍ତିଜନକ ବୋଲି ଜଣାପଡ଼ିଲେ ତାହାର ଉତ୍ପାଦନ, ବିକ୍ରି ଓ ବିତରଣକୁ ନିଷେଧ କରାଯିବ। ଅନ୍‌ଲାଇନ୍ ସଂସ୍ଥାମାନେ ଖାଦ୍ୟ ବିକ୍ରି ସେବା ପ୍ରଦାନ କରୁଥିବାରୁ ସେମାନେ ମଧ୍ୟ ଉପରୋକ୍ତ ଆଇନ ଅଧୀନରେ ଆସୁଛନ୍ତି ଏବଂ ଖାଦ୍ୟ ସୁରକ୍ଷା ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ। ତେଣୁ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ସଂସ୍ଥାମାନଙ୍କୁ ଲାଇସେନ୍ସ ଦେବା ପାଇଁ କ୍ଷମତାପ୍ରାପ୍ତ ସେଣ୍ଟ୍ରାଲ୍ ଲାଇସେନ୍ସ ଅଥରିଟିଙ୍କ ପାଖକୁ କର୍ଣ୍ଣାଟକ ସରକରା ପତ୍ର ଲେଖି ଉପରୋକ୍ତ ଅନ୍‌ଲାଇନ୍ ସଂସ୍ଥାମାନଙ୍କର ଲାଇସେନ୍ସ ଅନ୍ୟାଦେଶ ପର୍ଯ୍ୟନ୍ତ ବାତିଲ୍ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅନ୍‌ଲାଇନ୍ ସଂସ୍ଥାଙ୍କୁ ଯୋଗାଣ କରୁଥିବା ସମ୍ପୃକ୍ତ ବ୍ୟବସାୟୀମାନଙ୍କ ଲାଇସେନ୍ସ ବାତିଲ୍ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି।

ଆଜିର ଖାଦ୍ୟ ବଜାରର ବିଡ଼ମ୍ବନା ହେଉଛି ଏଭଳି କୌଣସି ସାମଗ୍ରୀ ନାହିଁ ଯାହା ଶତପ୍ରତିଶତ ଖାଣ୍ଟି ବୋଲି ନିଶ୍ଚିତ କରିହେବ। ଖାଦ୍ୟରେ ବିଷମିଶାଇବା ମାନସିକତା ଏକ ପ୍ରତିଯୋଗିତାରେ ପରିଣତ ହୋଇଛି। ବ୍ୟବସାୟୀମାନଙ୍କର ଲାଭଖୋର ମନୋବୃତ୍ତି ସେମାନଙ୍କ ମାନବିକତାକୁ ନଷ୍ଟ କରିସାରିଲାଣି। କିନ୍ତୁ ସେମାନେ ବୁଝିପାରୁନାହାନ୍ତି ଯେ ସେମାନେ ପ୍ରସ୍ତୁତ କରୁଥିବା ବିଷମିଶ୍ରିତ ଖାଦ୍ୟ ସେମାନଙ୍କ ସମ୍ପର୍କୀୟ ଓ ବଂଶଧରମାନେ ମଧ୍ୟ ବ୍ୟବହାର କରୁଛନ୍ତି। ଏହି ପ୍ରତିଯୋଗିତାକୁ ନିରୁତ୍ସାହିତ କରିବାକୁ ହେଲେ ଭେଜାଲ୍‌କାରୀଙ୍କ ବିରୋଧରେ କଠୋର ଦଣ୍ଡ ପ୍ରଣୟନ ହେବା ଉଚିତ।

# ଆମେ କେଉଁପିଢ଼ି ଗଢୁଛୁ?

**ଜ୍ୟୋତିପୁଷ୍ପା ଦାସ**

କୌଣସି ସମାଜର ପତନ ହଠାତ୍ ଘଟେନାହିଁ। ଯେତେବେଳେ ସାମାଜିକ ଏବଂ ବ୍ୟକ୍ତିଗତ ସ୍ତରରେ ମୂଲ୍ୟବୋଧର ସ୍ଥାନ ବସ୍ତୁବାଦ ନେଇଯାଏ, ଯେତେବେଳେ ଶିକ୍ଷାର ଲକ୍ଷ୍ୟ ମଣିଷ ଗଢ଼ିବାରୁ ଦୂରେଇ କେବଳ ସଫଳତା ଅର୍ଜନରେ ସୀମିତ ହୋଇଯାଏ, ଏବଂ ଯେତେବେଳେ ଜୀବନଠାରୁ ଅଧିକ ମୂଲ୍ୟବାନ ହୋଇଉଠେ ଅହଙ୍କାର ଓ ମୁହୂର୍ତ୍ତକର ଲୋକପ୍ରିୟତା, ସେତେବେଳେ ଅଜାଣତରେ ସାମାଜିକ ଜୀବନ ନିଜର ପତନ ଦେଖେ। ଗତ କିଛିଦିନ ମଧ୍ୟରେ ଦେଶର ତିନୋଟି ଭିନ୍ନପ୍ରାନ୍ତରୁ ଆସିଥିବା ତିନୋଟି ଘଟଣା ଆମକୁ ଏହି ଅସହଜ ସତ୍ୟ ସାମ୍ନାରେ ଛିଡ଼ା କରିଦେଇଛି।

ମହାରାଷ୍ଟ୍ରରେ ଜଣେ ଅଠର-ଉଣେଇଶ ବର୍ଷର ଯୁବକ ନିଜ ଆଇଫୋନର ଇଏମଆଇକୁ କେନ୍ଦ୍ର କରି ପିତାମାତାଙ୍କ ସହ ଝଗଡ଼ା କରି ଘର ଛାଡ଼ି ପାହାଡ଼ ଉପରକୁ ଚାଲିଗଲେ। ରାଗରେ ସେ ନିଜ ଜୀବନ ଶେଷ କରିବାକୁ ଉଦ୍ୟମ କଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସହିତ ପିତା ମଧ୍ୟ ଖସିପଡ଼ିଲେ, ପୁଣି ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ପତ୍ନୀ ମଧ୍ୟ ପ୍ରାଣ ହରାଇଲେ। ଏକ ମୋବାଇଲ୍ ଫୋନର କିସ୍ତି ଶୋଧକୁ କେନ୍ଦ୍ର କରି ଗୋଟିଏ ପରିବାରର ସମଗ୍ର ଅସ୍ତିତ୍ୱ ମୁହୂର୍ତ୍ତକ ମଧ୍ୟରେ ଲୋପ ପାଇଗଲା। ଶହଶହ ଲୋକ ସେଠାରେ ଏହାକୁ ଦେଖୁଥିଲେ ମଧ୍ୟ କେହି କିଛି କରିପାରିଲେ ନାହିଁ। ଏ ସମଗ୍ର ହୃଦୟ ବିଦାରକ ଘଟଣାଟି ମୋବାଇଲ୍‌ଫୋନ୍‌ରେ ରେକର୍ଡ ହୋଇ ସବୁଠି ଆବଣ୍ଟିତ ହେଉଛି। ପ୍ରଶ୍ନ ହେଉଛି - ଏହା କେବଳ ଗୋଟିଏ ଦୁର୍ଘଟଣା ନା ଆମର ମୂଲ୍ୟବୋଧର ଦେବାଳିଆପଣର ନିର୍ମମ ପ୍ରମାଣ?

ଦ୍ୱିତୀୟ ଘଟଣାଟି ହାଇଦ୍ରାବାଦର। ଏକ ସମୃଦ୍ଧ ବିଦ୍ୟାଳୟର ଅଧ୍ୟକ୍ଷା ହଷ୍ଟେଲରେ ରହୁଥିବା ଚଉଦ ବର୍ଷର ଛାତ୍ରମାନଙ୍କ ପାଖରୁ ବେଆଇନ ଭାବେ ରଖାଯାଇଥିବା ମୋବାଇଲ୍ ଓ ଆପତ୍ତିଜନକ ସାମଗ୍ରୀ ଜବତ କରି ସେମାନଙ୍କୁ ହଷ୍ଟେଲରୁ ବହିଷ୍କାର କରିଥିଲେ। ଏହାର ପ୍ରତିକ୍ରିୟାରେ ସେହି ଛାତ୍ରମାନେ ତାଙ୍କ ଘରକୁ ପଶି ଛୁରିରେ ସତେଇଶ ଥର ଆଘାତ କରି ହତ୍ୟା କଲେ ଏବଂ ଘରେ ଥିବା ଅଢ଼େଇଲକ୍ଷ ଟଙ୍କା ନେଇ ଚାଲିଗଲେ। ଅପରାଧ ପରେ ସେମାନଙ୍କ ମନରେ ଅନୁତାପର ଛାୟା ମଧ୍ୟ ନଥିଲା; ବରଂ ସେହି ଟଙ୍କାରେ ସାଙ୍ଗମାନଙ୍କୁ ପାର୍ଟି ଦେଉଥିଲେ। ଯେଉଁ ବୟସରେ ବିବେକ ଜାଗ୍ରତ ହେବା କଥା, ସେଠାରେ ବିବେକର ମୃତ୍ୟୁ ହେଲା ଏବଂ ନୃଶଂସତାର ଚରମ ସୀମାରେ ସେମାନେ ପହଞ୍ଚି ସାରିଥିଲେ। ତୃତୀୟ ଘଟଣା ଆମ ବାଲେଶ୍ୱରର। ବନ୍ୟା ଓ ବର୍ଷାର ବିପଦପୂର୍ଣ୍ଣ ପରିସ୍ଥିତି, ସରକାରୀ ସତର୍କ ସୂଚନା ଏବଂ ସବୁପ୍ରକାର କଟକଣା ସତ୍ତ୍ୱେ କିଛି ଛାତ୍ର ନୀଳଗିରିର ବ୍ଲୁ ଲେକକୁ ଭ୍ଲଗିଂ କରିବାକୁ ଯାଇଥିଲେ। ସେମାନେ ପାଣିରେ ପଶିଲେ, ଆଉ ଭାଇରାଲ୍ ଭିଡିଓର ସ୍ୱପ୍ନ ଦୁଇଟି ଜୀବନକୁ ଚିରଦିନ ପାଇଁ ଗିଳିନେଲା। ସେହି ଦୁଇପିଲାଙ୍କ ପରିବାର ସଦସ୍ୟଙ୍କ ଦୁଃଖ ପ୍ରତ୍ୟକ୍ଷଦର୍ଶୀ ଦେଖି ସହି ପାରିବେ ନାହିଁ।

ଏହି ତିନୋଟି ଘଟଣା ପରସ୍ପରଠାରୁ ଭିନ୍ନ ହେଲେ ମଧ୍ୟ ସେମାନଙ୍କ ମୂଳ ଏକ। ଆଜିର ପିଢ଼ି ମନେହୁଏ ଜୀବନକୁ ବଞ୍ଚିବା ପାଇଁ ନୁହେଁ, ଦେଖାଇବା ପାଇଁ ବଞ୍ଚୁଛି। ଏହା କେବଳ କିଛି ଯୁବକଙ୍କ ଭୁଲ୍ ନୁହେଁ; ଏହା ଆମ ସମାଜର ନିରବ ବିଫଳତା। ଆମେ ସନ୍ତାନମାନଙ୍କୁ ସବୁକିଛି ଦେଉଛୁ। ଦାମୀ ମୋବାଇଲ୍, ଅତ୍ୟାଧୁନିକ ବିଦ୍ୟାଳୟ, ଆରାମଦାୟକ ଜୀବନ, ପ୍ରତିଯୋଗିତାରେ ଆଗକୁ ବଢ଼ିବାର ସମସ୍ତ ସୁଯୋଗ। କିନ୍ତୁ ଆମେ ସେମାନଙ୍କୁ କ'ଣ ଶିଖାଉଛୁ? 'ପାଇବା'ର କଳା, ନା 'ହରାଇବା'ର ସାହସ? ସଫଳତାର ସଜ୍ଞା, ନା ଜୀବନର ମୂଲ୍ୟ? ଆମ ଶିକ୍ଷା ବ୍ୟବସ୍ଥା ବୁଦ୍ଧି ବିକାଶ କରୁଛି, କିନ୍ତୁ ବିବେକ ନୁହେଁ। ଆମ ଘରଗୁଡ଼ିକ ସୁବିଧାରେ ପରିପୂର୍ଣ୍ଣ, କିନ୍ତୁ ସଂଳାପରେ ଶୂନ୍ୟ। ପିଲାମାନଙ୍କ ହାତରେ ସ୍ମାର୍ଟଫୋନ୍ ଅଛି, କିନ୍ତୁ ହୃଦୟରେ ସହାନୁଭୂତି କ୍ରମଶଃ କ୍ଷୀଣ ହେଉଛି। ଆମେ ସେମାନଙ୍କୁ ବିଶ୍ୱ ଜିତିବାକୁ ଶିଖାଉଛୁ, କିନ୍ତୁ ନିଜ କ୍ରୋଧ, ଲୋଭ ଓ ଅହଙ୍କାରକୁ ଜିତିବାର ଶିକ୍ଷା ଦେଉନାହୁଁ। ସମାଜର ସବୁଠାରୁ ବଡ଼ ବିପର୍ଯ୍ୟୟ ସେତେବେଳେ ଘଟେ, ଯେତେବେଳେ ଚରିତ୍ରଠାରୁ କ୍ୟାରିୟର ବଡ଼ ହୋଇଯାଏ, ବିବେକଠାରୁ ବ୍ରାଣ୍ଡ ମୂଲ୍ୟ ବଢ଼ିଯାଏ ଏବଂ ମଣିଷଠାରୁ ବସ୍ତୁର ଦାମ ଅଧିକ ହୋଇଯାଏ, ସେତେବେଳେ ମୋବାଇଲ୍ ପାଇଁ ପରିବାର ମରେ, ଶୃଙ୍ଖଳା ପାଇଁ ଶିକ୍ଷକ ହତ୍ୟା ହୁଅନ୍ତି ଏବଂ କିଛି 'ଲାଇକ୍' ପାଇଁ ଯୁବକମାନେ ମୃତ୍ୟୁକୁ ଆଲିଙ୍ଗନ କରନ୍ତି।

ନୂତନ ପାଠ୍ୟକ୍ରମ ଅପେକ୍ଷା ଆଜିର ପିଢ଼ି ପାଇଁ ଆବଶ୍ୟକତା ଅଛି ନୂଆ ଚେତନାର।

ପିଲାମାନଙ୍କୁ ଗଣିତ, ବିଜ୍ଞାନ ଓ ପ୍ରଯୁକ୍ତି ସହିତ ସଂଯମ, କୃତଜ୍ଞତା, କରୁଣା, ବିଫଳତାକୁ ସ୍ୱୀକାର କରିବାର ସାହସ ଏବଂ ଜୀବନ ପ୍ରତି ସମ୍ମାନ ମଧ୍ୟ ଶିଖାଇବାକୁ ପଡ଼ିବ। ଏହା କେବଳ ଶିକ୍ଷକ ବା ବିଦ୍ୟାଳୟ ଉପରେ ଛାଡ଼ିଦେଲେ ହେବନାହିଁ। କାରଣ ଦଣ୍ଡମୁକ୍ତ ହେଲା ପରେ ଏବଂ ରାଜନୈତିକ କମିଟି ଗଠନ ହେଲା ପରେ ପ୍ରାୟ ବିଦ୍ୟାଳୟମାନଙ୍କରେ ଶିକ୍ଷକସମାଜର ହାତ ଓ ମୁହଁ ବନ୍ଧା। ଏପରିକି ଘରୋଇ ବିଦ୍ୟାଳୟରେ ମଧ୍ୟ ଯେତେବେଳେ ପିଲାମାନେ ଭୁଲ କରନ୍ତି ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ଡାକି ଏ ବିଷୟରେ ଜଣାହୁଏ, ନବେଭାଗ ଅଭିଭାବକ ନିଜ ପିଲାର ଭୁଲ ସ୍ୱୀକାର କରିବା ପାଇଁ ରାଜି ହୁଅନ୍ତି ନାହିଁ। ଓଲଟି ସେମାନେ ଶିକ୍ଷକ ବା ଶୃଙ୍ଖଳା ବିଭାଗକୁ ଦୋଷ ଦିଅନ୍ତି। ନାମଲେଖା ସମୟରେ ସବୁପ୍ରକାର ନିୟମ, ଶୃଙ୍ଖଳା ବାରମ୍ବାର ବୁଝା ହୋଇଥିଲେ ମଧ୍ୟ ପିଲାମାନଙ୍କ ଅପେକ୍ଷା ଅଭିଭାବକ ଅଧିକ ନିୟମ ଭାଙ୍ଗନ୍ତି ଏବଂ ଓଲଟି ଯୁକ୍ତିତର୍କ କରନ୍ତି। ଅନେକ ସମୟରେ ପରିବେଶ ଏବଂ ପରିସ୍ଥିତିକୁ ଆଖିରେ ରଖି ଚୁପ୍ ରହିବାକୁ ପଡ଼େ। କିନ୍ତୁ ଏପରି କରି ସେମାନେ ନିଜ ପିଲାମାନଙ୍କୁ ହିଁ କୁପଥରେ ଟାଣି ନେଉଛନ୍ତି। ଏହାର ଶହଶହ ଉଦାହରଣ ପ୍ରତ୍ୟେକ ଶିକ୍ଷାବିତ୍ ଦେଖି ଆସୁଛନ୍ତି।

ଆମ ଶିକ୍ଷା ବିଭାଗରେ ନୈତିକ ଶିକ୍ଷା, ଶୃଙ୍ଖଳା ତାଲିମ୍ ଏବଂ ବସ୍ତୁବାଦ ଓ ଆତ୍ମବାଦର ପ୍ରଚଳନ ନାହିଁ କହିଲେ ଚଳେ। ପାଠ୍ୟକ୍ରମ ବାହାରେ ଯାଇ ଯଦି କେହି ଚେଷ୍ଟା ବି କରନ୍ତି ପିଲାଙ୍କୁ ଭଲ ଉପଦେଶ କି ବିବେକ ଅନୁମୋଦିତ ଜ୍ଞାନ ଦେବା ପାଇଁ, ତାଙ୍କୁ ନିରାଶ ହେବାକୁ ପଡ଼େ। ଅନେକ ସମୟରେ ତାଙ୍କ ନାମରେ ଅଭିଯୋଗ ଆସେ ପାଠଛାଡ଼ି ଅଯଥା କଥା କହୁଛନ୍ତି ବୋଲି। ଏଣୁ ଏଠାରେ ନୈତିକ ମୂଲ୍ୟବୋଧ, ସହନଶୀଳତା, ପରିସ୍ଥିତିକୁ ମୁକାବିଲା କରିବାର ସଂଯମ ପିଲାଟିଏ ଶିଖିବାର ଗୁରୁଦାୟିତ୍ୱ ସର୍ବପ୍ରଥମେ ଅଭିଭାବକଙ୍କ ଉପରେ ରହୁଛି। ଆମେ ପିଲାମାନଙ୍କୁ ଭଲ ମୋବାଇଲ୍, ଦାମୀ ପୋଷାକ, ଆଧୁନିକ ସୁବିଧା ଓ ଉଚ୍ଚଶିକ୍ଷା ଦେଉଛୁ; କିନ୍ତୁ ଜୀବନର ମୂଲ୍ୟ, ସଂଯମ, ଦାୟିତ୍ୱବୋଧ, କୃତଜ୍ଞତା ଓ ମାନବିକତା ଶିଖାଇବାରେ ଆମେ ଧୀରେଧୀରେ ବିଫଳ ହେଉଛୁ। ସେମାନେ 'କ'ଣ ପାଇଲେ ସଫଳ' ତାହା ଶିଖୁଛନ୍ତି, କିନ୍ତୁ 'କେମିତି ମଣିଷ ହେବେ' ତାହା ଶିଖୁନାହାନ୍ତି। ମାର୍କଶିଟ୍‌ରେ ନମ୍ବର ବଢୁଛି; କିନ୍ତୁ ଚରିତ୍ରରେ ଗଭୀରତା କମୁଛି। ଭୌତିକ ସଫଳତାର ଦୌଡ଼ରେ ନୈତିକତା ପଛରେ ପଡ଼ିଯାଉଛି। ପରିବାରରେ କଥାବାର୍ତ୍ତା କମୁଛି, ମୋବାଇଲ୍ ସ୍କ୍ରିନ୍ ବଢୁଛି। ଗୁରୁଜନଙ୍କ ପ୍ରତି ସମ୍ମାନ ସ୍ଥାନରେ ଅହଙ୍କାର, ଧୈର୍ଯ୍ୟ ସ୍ଥାନରେ ଅଧୈର୍ଯ୍ୟ, ମୂଲ୍ୟବୋଧ ସ୍ଥାନରେ ଭୋଗବାଦ ଆସି ବସିଛି।

ଏହା କେବଳ ପିଲାମାନଙ୍କର ବିଫଳତା ନୁହେଁ; ଏହା ପରିବାର, ବିଦ୍ୟାଳୟ ଓ ସମାଜର ମଧ୍ୟ ବିଫଳତା। ଯଦି ଆମେ କେବଳ ସଫଳ ପେଶାଜୀବୀ ଗଢ଼ିବାରେ ବ୍ୟସ୍ତ ରହିବା ଏବଂ ଭଲ ମଣିଷ ଗଢ଼ିବାକୁ ଭୁଲିଯିବା, ତେବେ ଏପରି ଘଟଣା ଆଗକୁ ମଧ୍ୟ ଦେଖିବାକୁ ପଡ଼ିବ। ପିଲାମାନଙ୍କୁ କେବଳ ଦାମୀ ଜିନିଷ ନୁହେଁ, ସଠିକ୍ ଚିନ୍ତାଧାରା ଦିଅନ୍ତୁ। କେବଳ ପ୍ରତିଯୋଗିତା ନୁହେଁ, ସହାନୁଭୂତି ଶିଖାନ୍ତୁ। ସଫଳତାର ସ୍ୱପ୍ନ ନୁହେଁ, ବିଫଳତାକୁ ସାମ୍ନା କରିବାର ସାହସ ଶିଖାନ୍ତୁ। କାରଣ ଏକ ସମାଜର ଭବିଷ୍ୟତ ତାହାର ପିଲାମାନଙ୍କ ହାତରେ ରହେ; ଆଉ ପିଲାମାନଙ୍କ ଭବିଷ୍ୟତ ଆମର ମୂଲ୍ୟବୋଧ ଉପରେ ନିର୍ଭର କରେ। ଆମେ କେବଳ ସନ୍ତାନ ଜନ୍ମ ଦେଲେ ଚାଲିବ ନାହିଁ; ମଣିଷ ମଧ୍ୟ ଗଢ଼ିବାକୁ ପଡ଼ିବ। ନଚେତ୍ ଆଗାମୀ ଦିନରେ ଇତିହାସ ଆମକୁ କ୍ଷମା କରିବ ନାହିଁ।

ବାରିପଦା,
ମୋ: ୯୧୮ ୯୮୪୨୨୧୯୧୦


# ଅବସରପ୍ରାପ୍ତଙ୍କୁ ପୁନଃନିଯୁକ୍ତି!

**ନିଶିକାନ୍ତ ବଳ**

ଗଣତାନ୍ତ୍ରିକ ରାଷ୍ଟ୍ର କିମ୍ବା ପ୍ରଗତିଶୀଳ ରାଜ୍ୟର ପ୍ରକୃତ ସମ୍ପଦ ହେଉଛନ୍ତି ତାହାର ଯୁବଶକ୍ତି। ଯେଉଁ ଦେଶରେ ଯୁବସମାଜର ମେଧା, ଉତ୍ସାହ ଓ ନୂତନ ଚିନ୍ତାଧାରାକୁ ସଠିକ୍ ଦିଗଦର୍ଶନ ମିଳିଥାଏ, ସେହି ଦେଶ ବିକାଶର ଶୀର୍ଷରେ ପହଞ୍ଚିଥାଏ। ମାତ୍ର ଅଭିଶପ୍ତ ଭାରତବର୍ଷରେ ତାହା ସମ୍ପୂର୍ଣ୍ଣ ଭିନ୍ନ। ଶିକ୍ଷାନୁଷ୍ଠାନର ଚାରିକାନ୍ଥ ଭିତରେ ଦିନରାତି ଏକ କରି ଭବିଷ୍ୟତର ସ୍ୱପ୍ନ ବୁଣୁଥିବା ଛାତ୍ରଛାତ୍ରୀ ଓ ଉଚ୍ଚଶିକ୍ଷିତ ଯୁବପିଢ଼ି ଆଜି ନିଜର ମୌଳିକ ଅଧିକାର ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଛନ୍ତି। ପରୀକ୍ଷା ଦେବାଠାରୁ ଆରମ୍ଭ କରି ସ୍ଥାୟୀ ନିଯୁକ୍ତି ପାଇବା ପର୍ଯ୍ୟନ୍ତ ପ୍ରତ୍ୟେକ ସୋପାନରେ ସେମାନଙ୍କୁ କେବଳ ପ୍ରତାରଣା, ସଂଘର୍ଷ ଓ ନିରାଶାର ସମ୍ମୁଖୀନ ହେବାକୁ ପଡୁଛି।

ଏ ଦିଗରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଦେଖିଲେ ଚିତ୍ରଟି ଆହୁରି ସଙ୍ଗିନ ମନେହୁଏ। ରାଜ୍ୟର ହଜାରହଜାର ସ୍କୁଲ ଓ କଲେଜରେ ଅଧ୍ୟାପକ ଓ ଶିକ୍ଷକ ପଦବୀ ଫାଙ୍କା ପଡ଼ିଛି। ପାଠପଢ଼ା ବ୍ୟାହତ ହେଉଛି। କିନ୍ତୁ ନୂତନ ବିଜ୍ଞାପନ ବାହାର କରିବା ପରିବର୍ତ୍ତେ ସରକାରୀ ସ୍ତରରେ ନିରବତା ଅବଲମ୍ବନ କରାଯାଉଛି। ପୂର୍ବରୁ ରାଜ୍ୟର ୪୮୮ ବର୍ଗ ଏବଂ ଅନ୍ୟାନ୍ୟ ବେସରକାରୀ/ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ନୂତନ ଡିଗ୍ରୀଧାରୀ (ଏମ୍.ଫିଲ୍, ପିଏଚ୍.ଡି, ନେଟ୍ କ୍ୱାଲିଫାଇଡ୍) ଯୁବକଯୁବତୀଙ୍କୁ 'ଅତିଥି ଅଧ୍ୟାପକ' ଭାବେ ନିଯୁକ୍ତି ମିଳୁଥିଲା। ଏହାଦ୍ୱାରା ନବୀନ ଶିକ୍ଷିତ ଯୁବପିଢ଼ିକୁ ଆଂଶିକ ରୋଜଗାର ମିଳିବା ସହ ଶିକ୍ଷାଦାନର ବାସ୍ତବ ଅଭିଜ୍ଞତା ହାସଲ କରିବାର ସୁଯୋଗ ମିଳୁଥିଲା। ମାତ୍ର ବର୍ତ୍ତମାନ ଏହି ବ୍ୟବସ୍ଥାକୁ ସଙ୍କୁଚିତ ବା ବନ୍ଦ କରି ନୂଆ ଯୁବପିଢ଼ିଙ୍କ ବଦଳରେ ଅବସରପ୍ରାପ୍ତ ଅଧ୍ୟାପକ ଓ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଉଛି।

ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ବିଡ଼ମ୍ବନାର ବିଷୟ ହେଉଛି ପୂର୍ବରୁ ଅବସରପ୍ରାପ୍ତ ଶିକ୍ଷକଙ୍କ ପୁନଃନିଯୁକ୍ତି ପାଇଁ ଯେଉଁ ବୟସସୀମା ଥିଲା, ତାହାକୁ ଏବେ ବୃଦ୍ଧି କରାଯାଇ ୭୦ ରୁ ୭୫ ବର୍ଷ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଅର୍ଥାତ୍, ୭୫ ବର୍ଷ ବୟସର ଅବସରପ୍ରାପ୍ତ ବ୍ୟକ୍ତିମାନେ ପୁଣିଥରେ ଶ୍ରେଣୀଗୃହକୁ ଫେରିବେ। ଜଣେ ଅବସରପ୍ରାପ୍ତ କର୍ମଚାରୀ ଗୋଟିଏ ପଟେ ସରକାରଙ୍କଠାରୁ ମୋଟା ଅଙ୍କର ପେନ୍‌ସନ୍ ନେଉଛନ୍ତି, ଅନ୍ୟପଟେ ପୁନଃନିଯୁକ୍ତି ମାଧ୍ୟମରେ କାର୍ଯ୍ୟ କରି ପୁନର୍ବାର ଦରମା ବା ପାରିଶ୍ରମିକ ନେଉଛନ୍ତି। ଏହାଦ୍ୱାରା ସରକାରୀ କୋଷାଗାରରୁ ଦୁଇଗୁଣା ଅର୍ଥ ଖର୍ଚ୍ଚ ହେଉଛି। ଏପଟେ ପ୍ରକୃତ ଚିତ୍ରଟି ଅତ୍ୟନ୍ତ କରୁଣ। ଓଡ଼ିଶାର ମେଧାବୀ, ଉଚ୍ଚଶିକ୍ଷିତ ଯୁବକଯୁବତୀମାନେ ଏମ୍.ଫିଲ୍, ପିଏଚ୍.ଡି, ବି.ଏଡ୍, ଓ ଏମ୍.ଇ/ଏମ୍.ଟେକ୍ ଭଳି ଉଚ୍ଚ ଡିଗ୍ରୀ ହାତରେ ଧରି ଚାରିଆଡ଼େ ହା-ହତାଶ ହୋଇ ବୁଲୁଛନ୍ତି। ପରିବାରର ବୋଝ ବୋହିବା ଏବଂ ନିଜର ପେଟ ପୋଷିବା ପାଇଁ ସେମାନେ ନିଜର ଯୋଗ୍ୟତାଠାରୁ ଅନେକ ନିମ୍ନମାନର କାମ କରିବାକୁ ବାଧ୍ୟ ହେଉଛନ୍ତି। କିଏ କୌଣସି ହୋଟେଲ ବା ରେଷ୍ଟୁରାଣ୍ଟରେ କାମ କରୁଛି, କିଏ ବାଇକ୍-ଟ୍ୟାକ୍ସି ଚଳାଉଛି, ତ ଆଉ କିଏ ଦାଦନ ଖଟିବା ପାଇଁ ସୁଦୂର ସୁରଟ କିମ୍ବା ବାଙ୍ଗାଲୋର୍ ଯାଉଛି ତ ପୁଣି କିଏ ବିଭିନ୍ନ ଅସାଧୁ କାର୍ଯ୍ୟପ୍ରଣାଳୀ ଅବଲମ୍ବନ କରୁଛି।



ଯେଉଁ ହାତରେ ସ୍ୱାକ୍ଷର କରି ଗୋଟିଏ ପିଢ଼ିର ଭବିଷ୍ୟତ ଗଢ଼ିବାର କ୍ଷମତା ଥିଲା, ସେହି ହାତ ଆଜି ରାଇଡର୍ ଭାବେ ବାଇକ୍ ହ୍ୟାଣ୍ଡେଲ୍ ଧରିଛି କିମ୍ବା ହୋଟେଲର ଥାଳି ଉଠାଉଛି। ଏହାଠାରୁ ବଳି ଦୁର୍ଭାଗ୍ୟଜନକ ସାମାଜିକ ଚିତ୍ର ଆଉ କ'ଣ ହୋଇପାରେ?

ଅବସରପ୍ରାପ୍ତ ବ୍ୟକ୍ତିଙ୍କ ଅଭିଜ୍ଞତା ଓ ଜ୍ଞାନ ପ୍ରତି ସମାଜର ପୂର୍ଣ୍ଣ ସମ୍ମାନ ରହିଛି। ମାତ୍ର ପ୍ରଶ୍ନ ଉଠୁଛି, ଯେଉଁ ବୟସରେ ଜଣେ ବ୍ୟକ୍ତି ଶାରୀରିକ ଓ ମାନସିକ ବିଶ୍ରାମ ନେବା କଥା, ସେହି ୭୦ ରୁ ୭୫ ବର୍ଷ ବୟସରେ ସେମାନଙ୍କୁ ପୁନର୍ବାର ସେବାରେ ନିୟୋଜିତ କରି ନୂତନ ଯୁବପିଢ଼ିର ଭବିଷ୍ୟତକୁ ବଳି ପକାଯିବା କେଉଁ ପ୍ରକାରର ନ୍ୟାୟ? ୭୦-୭୫ ବର୍ଷର ଜଣେ ବୃଦ୍ଧଙ୍କଠାରୁ ଆଜିର ଆଧୁନିକ, ଡିଜିଟାଲ୍ ଓ ନୂତନ ଶିକ୍ଷାଦାନ କୌଶଳ କେତେ ଦୂର ଆଶା କରାଯାଇପାରେ? ଶ୍ରେଣୀଗୃହରେ ଯେଉଁ ନୂତନ ଉତ୍ସାହ, ଶାରୀରିକ ସକ୍ରିୟତା, ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ନୂତନ ଚିନ୍ତାଧାରାର ଆବଶ୍ୟକତା ରହିଛି, ତାହା କେବଳ ଜଣେ ନବୀନ, ଶକ୍ତିଶାଳୀ ଓ ଉତ୍ସାହୀ ଯୁବକ ହିଁ ଦେଇପାରିବ। ସରକାର ବିଭିନ୍ନ ସଭାସମିତିରେ '୨୦୩୬ ବିକଶିତ ଓଡ଼ିଶା' କିମ୍ବା '୨୦୪୭ ବିକଶିତ ଭାରତ'ର ରୋଚକ ନାରା ଦେଉଛନ୍ତି। କାଗଜପତ୍ର ବା ନାରାବାଜିରେ ଦେଶ କିମ୍ବା ରାଜ୍ୟ ବିକଶିତ ହୁଏନାହିଁ। ଯେଉଁ ଦେଶରେ ନିଜର ଯୁବଶକ୍ତିକୁ ଅବହେଳିତ କରି ରଖାଯାଏ, ସେମାନଙ୍କର ମେଧାକୁ ଉଚିତ୍ ପ୍ରାଧାନ୍ୟ ଦିଆଯାଏ ନାହିଁ, ସେହି ଦେଶର ବିକାଶ କେବଳ ଏକ ମରୀଚିକା ହୋଇ ରହିଯାଏ। ଯୁବସମାଜକୁ ବେକାର ରଖି, ସେମାନଙ୍କ ଆଖିରୁ ସ୍ୱପ୍ନକୁ ଛଡ଼ାଇ ନେଇ କୌଣସି ରାଜ୍ୟ କେବେ ବି ପ୍ରଗତିର ପଥରେ ଆଗେଇ ପାରିବ ନାହିଁ।

ଅବସରପ୍ରାପ୍ତଙ୍କୁ ନେଇ 'ବିକଶିତ ଓଡ଼ିଶା' ଗଢ଼ିବାର ସ୍ୱପ୍ନ କେବଳ ଅପରିଣାମଦର୍ଶୀ ନୁହେଁ, ବରଂ ଶିକ୍ଷା ବ୍ୟବସ୍ଥା ପାଇଁ ଆତ୍ମଘାତୀ। ସରକାରୀ ସ୍ତରରେ ଏହି ପ୍ରଶାସନିକ ନୀତିର ତୁରନ୍ତ ପୁନର୍ବିଚାର ହେବା ଜରୁରୀ। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଫାଙ୍କା ପଡ଼ିଥିବା ସମସ୍ତ ପଦବୀରେ ସ୍ଥାୟୀ ନିଯୁକ୍ତି ପାଇଁ ନୂତନ ବିଜ୍ଞାପନ ପ୍ରକାଶ ପାଉ ଏବଂ ଅତିଥି ଅଧ୍ୟାପକ ଭାବେ ନୂତନ ଡିଗ୍ରୀଧାରୀଙ୍କୁ ପୂର୍ବପରି ସୁଯୋଗ ଦିଆଯାଉ। ଯୁବସମାଜକୁ ସେମାନଙ୍କର ପ୍ରାପ୍ୟ ଓ ସମ୍ମାନ ନ ମିଳିଲେ ଏହି ନିରାଶା ଆଗାମୀ ଦିନରେ ଏକ ବିଶାଳ ସାମାଜିକ ବିପ୍ଳବର ରୂପ ନେଇପାରେ।

କିର୍ମିରା(ଝାରସୁଗୁଡ଼ା),
ମୋ: ୬୩୭୧୯୫୯୩୩୬

# ବଡ଼ଦେଉଳରେ ତେଲିଙ୍ଗି ବାଇଦ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଗଜପତି ଦ୍ୱିତୀୟ ଥର କାଞ୍ଚି ବିରୁଦ୍ଧରେ ଯୁଦ୍ଧଯାତ୍ରା କରିବା ପୂର୍ବରୁ ମହାପ୍ରଭୁଙ୍କ ପାଖରେ ଅଧିଆ ପଡ଼ି ଯୁଦ୍ଧରେ ସହାୟକ ହେବା ପାଇଁ ପ୍ରାର୍ଥନା କଲେ। ମହାପ୍ରଭୁ ତାଙ୍କ ପ୍ରଥମ ସେବକର ପ୍ରାର୍ଥନା ଶୁଣିଲେ। ଦୁଇଭାଇ କଳା-ଧଳା ଘୋଡ଼ା ଚଢ଼ି ସୈନିକ ରୂପରେ ଯୁଦ୍ଧରେ ଯୋଗଦେଲେ। ଗଜପତି ବିଜୟ ଲାଭ କଲେ ଏବଂ ରାଜକନ୍ୟା ମୁକାମ୍ବିକା(ପଦ୍ମାବତୀ), କାଞ୍ଚି ରାଜାଙ୍କ ଆରାଧ୍ୟ ଗଣେଶ ବିଗ୍ରହ ଏବଂ ମାଆ ତାରିଣୀଙ୍କ ବିଗ୍ରହ ସହ ସଗର୍ବେ ଉତ୍କଳ ପ୍ରତ୍ୟାବର୍ତ୍ତନ କଲେ। ରାଜ ଓ ପାରିଷଦମାନେ ଦିନସାରା ଚାଲୁଥିଲେ ଏବଂ ସନ୍ଧ୍ୟା ହେଲେ କୌଣସି ଏକ ଗାଆଁ ନିକଟରେ ଶିବିର ପକେଇ ରହୁଥିଲେ। ପ୍ରାୟ ସବୁଦିନ ରାତିରେ ବିଜୟ ଉଲ୍ଲାସରେ ଭୋଜିଭାତର ଆୟୋଜନ ହେଉଥିଲା। ଏହିପରି ଆସିବା ବାଟରେ ଦିନେ ଅଧୁନା ଗଞ୍ଜାମ ଜିଲ୍ଲାର ମନ୍ତ୍ରିଡ଼ି ଗାଆଁରେ ଶିବିର ପଡ଼ିଲା। ସେତେବେଳକୁ ଭୋଜିଭାତରେ ସେମାନଙ୍କ ପାଖରେ ଥିବା ଖାଦ୍ୟ ସାମଗ୍ରୀ ପ୍ରାୟ ସରି ଯାଇଥିଲା। ଏତେ ବଡ଼ ସେନାବାହିନୀ ପାଇଁ ଖାଦ୍ୟ ଯୋଗାଡ଼ କରିବା କିଛି ସହଜ କଥା ନ ଥିଲା। ମନ୍ତ୍ରୀ କହିଲେ, 'ମଣିମା! ନୌବାଣିଜ୍ୟରୁ ପ୍ରଚୁର ଧନସମ୍ପତ୍ତି ରୋଜଗାର କରିଥିବା ଅନେକ ସାହୁକାର ଏ ଗାଆଁରେ ଅଛନ୍ତି। ଆପଣ ଅନୁମତି ଦେଲେ ଧାରସୂତ୍ରରେ ଅର୍ଥ ଓ ସାମଗ୍ରୀ ପାଇଁ ସେମାନଙ୍କୁ ଅନୁରୋଧ କରାଯାଇପାରନ୍ତା।' ଏ କଥାରେ ରାଜି ହେବା ବ୍ୟତୀତ ରାଜାଙ୍କ ପାଖରେ ଅନ୍ୟ ଉପାୟ ନ ଥିଲା।

ମନ୍ତ୍ରୀ ସାହୁକାରମାନଙ୍କୁ ଗାଆଁ ମଣ୍ଡପକୁ ଡକେଇ ଆଲୋଚନା କଲେ। ଚୌଧୁରୀ ନାମକ ଜଣେ ସାହୁକାର ରାଜି ହେବାରୁ ମନ୍ତ୍ରୀ ତାଙ୍କୁ ଧରି ଗଜପତିଙ୍କ ପାଖରେ ପହଞ୍ଚିଲେ। ରାଜା କହିଲେ, ' ତୁମର ସାହାଯ୍ୟ ଆମ୍ଭଙ୍କୁ କୃତଜ୍ଞ କରିବ। ଆମ୍ଭେ ତୁମଠାରୁ ନେଇଥିବା ଅର୍ଥ ଓ ସାମଗ୍ରୀ କଡ଼ାକଡ଼ା କରି ଫେରସ୍ତ କରିଦେବୁ।' ସାହୁକାର କହିଲେ, 'ମଣିମା ରାଜଧାନୀରେ ପହଞ୍ଚିବା ପରେ ରାଜକାମରେ ବ୍ୟସ୍ତ ରହି ମୋ କଥା ଭୁଲି ଯାଇପାରନ୍ତି। ତେଣୁ ମଣିମା ଆପଣ ମୋତେ କିଛି ଗୋଟେ ସନ୍ତକ ଦିଅନ୍ତୁ, ଯାହାକୁ ଦେଖିଲେ ମୋତେ ଚିହ୍ନିବାରେ କିଛି ଅସୁବିଧା ହେବ ନାହିଁ।' କ'ଣ ସନ୍ତକ ଦେଲେ ଠିକ ହେବ - ସେ କଥା ଚିନ୍ତା କରୁଥିବା ବେଳେ ଉଦ୍ଦେଶ୍ୟହୀନ ଭାବେ ରାଜା ନିଜ ମୁହଁରେ ହାତ ବୁଲେଇ ଆଣିଲେ। ତା' ପରେ ହାତ ପାପୁଲିକୁ ଚାହିଁ ଦେଖିଲେ ଯେ ତାଙ୍କ ନିଶର ଗୋଟେ ବାଳ ଉପୁଡ଼ି ହାତରେ ଲାଗିଛି। ନିଶ ଓ ମୁକୁଟକୁ ରାଜାଙ୍କର ସମ୍ମାନର ପ୍ରତୀକ ବୋଲି ଧରାଯାଉଥିଲା। ତେଣୁ ରାଜା ନିଶବାଳଟିକୁ ସନ୍ତକ ଭାବେ ଦେଲେ। ସାହୁକାର ଯତ୍ନର ସହ ପାଟକନାରେ ଗୁଡ଼େଇ ନେଇଗଲେ ଏବଂ ଆବଶ୍ୟକୀୟ ଅର୍ଥ ଓ ସାମଗ୍ରୀ ଦେଇଦେଲେ।

ଏ ଘଟଣାର ଅନେକଦିନ ପରେ ସାହୁକାର ମହାପ୍ରଭୁଙ୍କ ଦର୍ଶନ ପାଇଁ ବାହାରିଲେ। ସାତସମୁଦ୍ର ପାର ହୋଇ ନୌବାଣିଜ୍ୟ କଲା ବେଳେ ସାଧବମାନଙ୍କର ବିଶ୍ୱାସ ଥିଲା ଯେ ମହାପ୍ରଭୁଙ୍କ କରୁଣାରୁ ସେମାନେ ବିପଦପୂର୍ଣ୍ଣ ସମୁଦ୍ରରେ ନିର୍ବିଘ୍ନରେ ଯାତାୟତ କରୁଥିଲେ। ଚୌଧୁରୀ ଶ୍ରୀକ୍ଷେତ୍ରରେ ପହଞ୍ଚି ପ୍ରଥମ ଦିନର ତ୍ରିସନ୍ଧ୍ୟା।ରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଏବଂ ପରଦିନ ରାଜାଙ୍କ ଦରବାରକୁ ଯାଇ ସାକ୍ଷାତ କଲେ। ସତକୁ ସତ ଗଜପତି ସାହୁକାରକୁ ଚିହ୍ନି ପାରିଲେନି। ପ୍ରମାଣ ସ୍ୱରୂପ ସାହୁକାର ପାଟ କନା ଭିତରୁ ଗଜପତିଙ୍କ ନିଶ ବାଳଟି ବାହାର କରି ରାଜାଙ୍କ ହାତକୁ ଦେବା ପରେ ତାଙ୍କର ସବୁ କଥା ଗୋଟି ଗୋଟି କରି ମନେ ପଡ଼ିଗଲା। ସାହୁକାରଙ୍କୁ ରାଜସଭାରେ ସମ୍ବର୍ଦ୍ଧିତ କରାଗଲା। ତା'ପରେ ଗଜପତି ସାହୁକାରଙ୍କଠାରୁ ଆଣିଥିବା ଅର୍ଥ ଓ ସାମଗ୍ରୀ ଫେରେଇ ଦେବା ପାଇଁ ଆଦେଶ ଦେଲେ। କିନ୍ତୁ ସାହୁକାର ନିବେଦନ କଲେ, 'ମଣିମା! ମହାପ୍ରଭୁଙ୍କ ଦୟାରୁ ମୁଁ ମୋ ଜୀବନକାଳରେ ବହୁତ ଧନସମ୍ପତ୍ତି ରୋଜଗାର କରିଛି। ମୁଁ ଧାର ଅର୍ଥ ଓ ସାମଗ୍ରୀ ଫେରେଇ ନେବା ପାଇଁ ଚାହେଁନାହିଁ। କାଲି ମୁଁ ଦେଖିଲି ଯେ ମହାପ୍ରଭୁଙ୍କ ନୀତିକାନ୍ତି ନିଃଶବ୍ଦରେ ସମ୍ପାଦନ କରାଯାଉଛି। ମୁଁ ମହାପ୍ରଭୁଙ୍କ ଆଗରେ ସଙ୍କଳ୍ପ କରିଛି ଯେ ମୁଁ ଆପଣଙ୍କୁ ଦେଇଥିବା ଅର୍ଥ ସେହି କାମରେ ବିନିଯୋଗ କରାଯିବ। ଆମ ଦକ୍ଷିଣ ଅଞ୍ଚଳରେ ଶୁଭକାମରେ ତେଲିଙ୍ଗି ବାଇଦ ଓ ମହୁରୀ ବାଜିବାର ପରମ୍ପରା ଅଛି। ମୋର ଅନୁରୋଧ ରକ୍ଷା କରି ଆପଣ ଠାକୁରଙ୍କ ନୀତି ଓ ବାହାର ବିଜେ ବେଳେ ସେହି ପରମ୍ପରା ଆରମ୍ଭ କରିବା ପାଇଁ ଆଦେଶ ପ୍ରଦାନ କରନ୍ତୁ। ଏହା ମଧ୍ୟ ମହାପ୍ରଭୁଙ୍କ ସହ ଆମ ଅଞ୍ଚଳର ସଂପୃକ୍ତି ଅହରହ ଘୋଷଣା କରିବ।' ରାଜାଜ୍ଞା ଘୋଷଣା କରାଗଲା। ସେହିଦିନଠାରୁ ମହାପ୍ରଭୁଙ୍କ ନୀତି ଓ ବାହାର ବଜେ ସମୟରେ ତେଲିଙ୍ଗି ବାଇଦ ଓ ମହୁରୀ ବାଜିବାର ପରମ୍ପରା ଆରମ୍ଭ ହୋଇ ଆଜିଯାଏଁ ଚାଲିଆସିଛି।

ମୋ: ୯ ୯୦୦୦୮ ୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଏମ୍ଏମ୍‌ଡିଆର ସଂଶୋଧନ ବିଲ**

# ରାଜ୍ୟ ବିରୋଧରେ ଷଡ଼ଯନ୍ତ୍ର

**ବିଜେଡିର ଅଭିଯୋଗ**

**ଏମ୍ଏମ୍‌ଡିଆର ସଂଶୋଧନ ବିଲ୍ ପାରିତ ହେବା ଦିନଟି ଓଡ଼ିଶା ପାଇଁ କଳା ଦିବସ**

**ଓଡ଼ିଶାର ଅର୍ଥନୈତିକ ସ୍ୱାଧୀନତାକୁ ଅପହରଣ କରି ନିଆଯାଇଛି**

**ସମ୍ପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟବାସୀଙ୍କ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ସ୍ୱଷ୍ଟୀକରଣ ରଖନ୍ତୁ**



ଭୁବନେଶ୍ୱର,୨୫।୮ (ସମିସ): ଏମଏମଡିଆର ସଂଶୋଧନ ଆଇନକୁ ନେଇ ବିଜେଡି କ୍ରମାଗତ ଭାବରେ ନିଜର କଡ଼ା ପ୍ରତିବାଦ ପ୍ରକାଶ କରିଆସୁଛି। ଏମଏମଡିଆର ସଂଶୋଧନ ବିଲ ପାରିତ ହେବା ଦିନଟି ଓଡ଼ିଶା ପାଇଁ କଳା ଦିବସ ଥିଲା। ଏହି ବିଲ୍ ମାଧ୍ୟମରେ ଓଡ଼ିଶାଠାରୁ ଅର୍ଥନୈତିକ ସ୍ୱାଧୀନତା ଛଡ଼ାଇ ନିଆଯାଇଛି କ୍ଷୋଭ ପ୍ରକାଶ କରିଛି ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଏମଏମଡିଆର ବିଲ୍ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି ମତବ୍ୟକ୍ତ କରିଛନ୍ତି।

ଗୌତମବୁଦ୍ଧ ଦାସ କହିଥିଲେ ଯେ ଏମଏମଡିଆର ସଂଶୋଧନ ବିଲ୍ ମାଧ୍ୟମରେ ରାଜ୍ୟର ନ୍ୟାଯ୍ୟ ପ୍ରାପ୍ୟ ଯେତେବେଳେ ଛଡାଇ ନିଆଯାଉଥିଲା, ସେତେବେଳେ ବିଜେପିର ୨୦ ଜଣ ଲୋକସଭା ସଦସ୍ୟ ଓ ୫ ଜଣ ରାଜ୍ୟସଭା ସଦସ୍ୟ ଏହାକୁ ହାତ ଟେକି ସମର୍ଥନ କରିଥିଲେ। ଇତିହାସ ଏମାନଙ୍କୁ କେବେ କ୍ଷମା ଦେବ ନାହିଁ। ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରି ବିଜେପିର ସାଂସଦ ମାନେ ନିଜ ପାର୍ଟିର ସ୍ୱାର୍ଥ ପାଇଁ କାର୍ଯ୍ୟକଲେ। ପୁଞ୍ଜିପତି ମାନଙ୍କୁ ଫାଇଦା ଦେବା ପାଇଁ ଏହି ଷଡ଼ଯନ୍ତ୍ର ରଚାଯାଇଛି। ଏହି ଆଇନ ପାରିତ ହେବା ଯୋଗୁ ଓଡ଼ିଶା ଏକ ଲକ୍ଷ କୋଟି ଟଙ୍କାରୁ ଉଦ୍ଧ୍ୱର୍ ବକେୟା ଆଦାୟ କରିବାରୁ ବଞ୍ଚିତ ହୋଇଛି। ଏହାଛଡ଼ା ଖଣିରେ ଲାଗୁ ହେବାକୁ ଥିବା ଟିକସ ମାଧ୍ୟମରେ ପ୍ରତି ବର୍ଷ ୧୨,୦୦୦ କୋଟି ଟଙ୍କାର ରାଜସ୍ୱ ଓଡ଼ିଶା ହରାଇବ। ଦୁର୍ଭାଗ୍ୟର କଥା ନିକଟରେ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ବିଦା ହୋଇଥିବା ଜଣେ ବିଜେପି ସାଂସଦ ଏହି ସଂଶୋଧନ ବିଲ ସପକ୍ଷରେ ଯୁକ୍ତି ବାଢୁଛନ୍ତି। ବିଜେଡି ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ଓଡ଼ିଶାର ସ୍ୱାର୍ଥକୁ ହାସଲ ପାଇଁ ସେ ଲଢେଇର ଆହ୍ୱାନ ଦେଇଛନ୍ତି। ତେଣୁ ବିଜୁ ଜନତା ଦଳ ଓଡ଼ିଶାର ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିବ। ଡ. ଲେନିନ ମହାନ୍ତି କହିଥିଲେ ଖଣି ରାଜସ୍ୱ ଓଡ଼ିଶାର ବିକାଶର କର୍ଣ୍ଣଧାର ହୋଇଥିବା ବେଳେ ଖଣିରୁ ରାଜ୍ୟକୁ ମିଳିବାକୁ ଥିବା ବିପୁଳ ରାଜସ୍ୱ, ଏମଏମଡିଆର ସଂଶୋଧନ ବିଲ ମାଧ୍ୟମରେ ହାନୀ ହେବାକୁ ଯାଉଛି। ଅଥଚ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁହଁରେ ତୁଣ୍ଡି ଦେଇ ବସିଛନ୍ତି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରସଙ୍ଗରେ ସ୍ୱଷ୍ଟୀକରଣ ରଖୁ ନାହାନ୍ତି। କେନ୍ଦ୍ର ସରକାର ଚଞ୍ଚକତା କରି ଖଣି ଓ ଖଣି ରହିଥିବା ଜମି ଉପରେ ମଧ୍ୟ ରାଜ୍ୟର କୌଣସି ଅଧିକାର ରହିବ ନାହିଁ ବୋଲି ବ୍ୟବସ୍ଥା କରିଛନ୍ତି। ଏହାଛଡା ଏହି ଆଇନ ମାଧ୍ୟମରେ ରାଜ୍ୟ ସରକାର ଖଣିଜ ପଦାର୍ଥ ଉପରେ କୌଣସି ଟିକସ ଲଗାଇ ପାରିବ ନାହିଁ। ବିଜେପିର କିଛି ନେତା ଦାବି କରୁଛନ୍ତି, ୨୦୧୫ ମସିହାରେ କେନ୍ଦ୍ର ସରକାର ଏମଏମଡିଆର ଆକ୍ଟରେ ସଂଶୋଧନ ଆଣିବା ପରେ ଓଡ଼ିଶାର ଖଣି ରାଜସ୍ୱ ୫୦୦୦ କୋଟିରୁ ୫୦, ୦୦୦ କୋଟିକୁ ବୃଦ୍ଧି ପାଇଲା। ଓଡ଼ିଶାର ଖଣି ରାଜସ୍ୱ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଶ୍ରେୟ ଦେବାକୁ ଚେଷ୍ଟା କରୁଥିବା ବିଜେପି ନେତା ମାନେ କହିବେ କି, କେଉଁ କାରଣରୁ ଓଡ଼ିଶାର ଖଣି ରାଜସ୍ୱ ବୃଦ୍ଧି ତୁଳନାରେ ଗୁଜୁରାଟ, ମହାରାଷ୍ଟ୍ର, ରାଜସ୍ଥାନ ଇତ୍ୟାଦି ରାଜ୍ୟର ୨୦୧୫ ଏମଏମଡିଆର ସଂଶୋଧନ ପରେ ସମାନ ଅନୁପାତରେ ବୃଦ୍ଧି ପାଇଲା ନାହିଁ କାହିଁକି। ମୁଖ୍ୟମନ୍ତ୍ରୀ ଏଥିପାଇଁ ମଧ୍ୟ ରାଜ୍ୟବାସୀଙ୍କୁ ସ୍ୱଷ୍ଟୀକରଣ ଦେବା ଦରକାର। ଏହି ଆଇନ ମାଧ୍ୟମରେ ଓଡ଼ିଶା ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ବିଜେଡି ଲଢେଇ ଜାରି ରଖିବ ବୋଲି ସେ କହିଛନ୍ତି।

**ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଘରୋଇକରଣ ପ୍ରସଙ୍ଗ**

# ରାଜ୍ୟର ସମ୍ପଦ ଲୁଟ୍ ହେଉଥିବା ବେଳେ ପାଟି ଖୋଲୁନାହାନ୍ତି ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର,୨୫।୮ (ସମିସ): ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲିଜ୍ ଦେଇ ଘରୋଇକରଣ କରାଇବାକୁ ବିଜେପି ସରକାର ପ୍ରୟାସ କରିଛନ୍ତି। ରାଜ୍ୟର ସମ୍ପଦ ଲୁଟ୍ ହେଉଥିବା ବେଳେ ରାଜ୍ୟ ସରକାର ଏନେଇ ପାଟି ଖୋଲୁନାହାନ୍ତି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ବିଜେପି ସରକାର ଉପରେ ବର୍ଷିଛନ୍ତି।

ଡ. ସାମନ୍ତସିଂହାର କହିଛନ୍ତି ଯେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ବିଜେପି ସରକାର ଅନୁମୋଦନ କରିଛନ୍ତି। ଯାହାକି ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ କରିବା ସଦୃଶ୍ୟ। ପ୍ରବାଦ ପୁରୁଷ ବିଜୁବାବୁଙ୍କ ନାମରେ ନାମିତ ଉକ୍ତ ବିମାନ ବନ୍ଦର ଦେଶର ପ୍ରମୁଖ ଓ ଲାଭଜନକ ବିମାନ ବନ୍ଦର। ବର୍ଷକୁ ୨୦୦କୋଟିରୁ ଉଦ୍ଧ୍ୱର୍ ଲାଭ ହେବା ସହ ପ୍ରାୟ ୫୦ଲକ୍ଷ ଲୋକେ ଯାତାୟାତ କରିଥାନ୍ତି। ତେବେ ଏହାକୁ ଘରୋଇ କରଣ କରିବା କେତେ ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେପି ସରକାର ଇଂରେଜ ମାନଙ୍କ ଭଳି ଶାସନ କରି ରାଜ୍ୟର ସମ୍ପତ୍ତିକୁ ବିକ୍ରି କରିବାକୁ ଯୋଜନା କରୁଛନ୍ତି। ଡବଲ ଇଞ୍ଜିନ ସରକାର ଓଡ଼ିଶା ପାଇଁ କାଳ ସାଜିଛନ୍ତି। ରାଜ୍ୟର ସମସ୍ତ ସମ୍ପଦକୁ ଲୁଟିବା ପାଇଁ କେନ୍ଦ୍ରର ବିଜେପି ସରକାର ଯୋଜନା କରୁଥିବା ବେଳେ ରାଜ୍ୟର ବିଜେପି ସରକାର ଏଜେଣ୍ଟ ସାଜି ତାହାକୁ ସମର୍ଥନ ଜଣାଉଛନ୍ତି। ଓଡ଼ିଶାର ଅନେକ କ୍ଷତି ହେଉଥିଲେ ସୁଦ୍ଧା କେନ୍ଦ୍ର ସରକାରଙ୍କ ସମ୍ମୁଖରେ ରାଜ୍ୟ ସରକାର ଚୁପ ରହୁଛନ୍ତି। ଏମଏମଡିଆର ଆଇନ ଯୋଗେ ରାଜ୍ୟର ଖଣିକୁ ବିକ୍ରି କରିଛନ୍ତି। ବିଭିନ୍ନ ବନ୍ଦର ଗୁଡିକ ଘରୋଇ କମ୍ପାନୀ ମାନଙ୍କ ହାତକୁ ଟେକି ଦେଇଛନ୍ତି। ଜାତୀୟ ରାଜପଥ ଗୁଡ଼ିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହାପରେ ବିଜେପି ସରକାରଙ୍କ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଲୋଲୁପ ଦୃଷ୍ଟି ପଡ଼ିଛି। ବିମାନବନ୍ଦର ସହିତ ୫୦ବର୍ଷ ପାଇଁ ଘରୋଇ କରଣ କରିଛନ୍ତି। ଏନେଇ ବିଜେପି ସରକାରଙ୍କୁ କିଏ ଅଧିକାର ଦେଇଛି ବୋଲି ପ୍ରଶ୍ନ କରିଛନ୍ତି। ଓଡ଼ିଶାକୁ ଗରିବ ରାଜ୍ୟ କରିବା ପାଇଁ ବିଜେପି ସରକାର ଯୋଜନାବଦ୍ଧ ଭାବେ ଲାଗି ପଡିଛନ୍ତି। ଏନେଇ ରାଜ୍ୟର ମୁଖ୍ୟମନ୍ତ୍ରୀ, ୨୦ଜଣ ବିଜେପି ସାଂସଦ, ରାଜ୍ୟସଭା ସାଂସଦ ମାନେ ଜାଣି ସୁଦ୍ଧା ଚୁପ ବସିବାର କାରଣ କଣ ବୋଲି ପ୍ରଶ୍ନ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଜୁ ପଟ୍ଟନାୟକ ବିମାନ ବନ୍ଦର ୭୦୦୦ରୁ ୮୦୦୦ କୋଟି ଟଙ୍କାର ହେବ। ତେବେ ଏହାକୁ ୫୦ବର୍ଷ ପାଇଁ ଗୋଟାଏ ଘରୋଇ ସଂସ୍ଥାକୁ ମାଲିକାନା ପ୍ରଦାନ କରିବା କାହା ସ୍ୱାର୍ଥରେ ହେଉଛି। ଯାହାକି ଅତି ନିନ୍ଦନୀୟ। ଘରୋଇକରଣ ହେଲେ ଲୋକେ ମଧ୍ୟ ଅଧିକ ଖର୍ଚ୍ଚାନ୍ତ ଶିକାର ହେବେ। ଘରୋଇ କରଣ ହେବା ଦ୍ୱାରା ଜନତାଙ୍କ ନୁହେଁ ବିଜେପି ଦଳକୁ ଫାଇଦା ମିଳିବ। ରାଜ୍ୟର କ୍ଷତି ନେଇ କେନ୍ଦ୍ର ସରକାରଙ୍କ ନିର୍ଣ୍ଣୟ ଉପରେ ରାଜ୍ୟ ସରକାରଙ୍କ କୌଣସି ପ୍ରଶ୍ନ ପଚାରିବାର ସତ୍ସାହସ ନାହିଁ। ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଲୁଟ କରିବା ପାଇଁ ବିଜେପି ସରକାର ବସି ରହିଛନ୍ତି। ଉକ୍ତ ନିଷ୍ପତ୍ତିକୁ ବିଜେପି ସରକାର ଯଦି ରଦ୍ଦ ନକରନ୍ତି ତେବେ ବିଜେଡି ପକ୍ଷରୁ ଘୋର ବିରୋଧ କରି ଆନ୍ଦୋଳନ କରାଯିବ ବୋଲି ଡ. ସାମନ୍ତସିଂହାର କହିଛନ୍ତି।

# ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ପାଇଁ ବାୟୋମେଟ୍ରିକ୍ ଉପସ୍ଥାନ

ଭୁବନେଶ୍ୱର, ୨୫।୮(ସମିସ): କେଜିରୁ ପିଜି ମାଗଣା ଶିକ୍ଷା ଯୋଜନାରେ ଉଚ୍ଚଶିକ୍ଷାନୁଷ୍ଠାନ ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଯାଞ୍ଚ କରିବା ପାଇଁ ବାୟୋମେଟ୍ରିକ୍ ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆଜିଠାରୁ ବାଇଓମେଟ୍ରିକ୍ ଉପସ୍ଥାନ ଆରମ୍ଭ ହୋଇଛି। ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ ହୋଇଥିବା ଏସବୁ ଶିକ୍ଷାନୁଷ୍ଠାନରେ ଉପଯୋଗ କରିବା ପରେ ଏହାର ନିଷ୍କର୍ଷକୁ ଅନୁଧ୍ୟାନ କରି ଅନ୍ୟ ସମସ୍ତ ଶିକ୍ଷାନୁଷ୍ଠାନରେ ଲାଗୁ କରାଯିବ। ଏନେଇ ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ବାଇଓମେଟ୍ରିକ୍ ଉପସ୍ଥାନ ଗ୍ରହଣ ପାଇଁ ଏସ୍‌ଓପି ଜାରି ହୋଇଛି।

"ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନା ଅଧୀନରେ ଛାତ୍ରଛାତ୍ରୀଙ୍କ ବାଇଓମେଟ୍ରିକ୍ କିମ୍ବା ଅନ୍ୟ ଡିଜିଟାଲ୍ ମାଧ୍ୟମରେ ହିମ୍‌ସ ପୋର୍ଟାଲ୍ ବା ମୋବାଇଲ୍ ଆପ୍ ଜରିଆରେ ଉପସ୍ଥାନ ନିଆଯିବ। ଶିକ୍ଷାଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀଙ୍କ ଏନ୍‌ରୋଲମେଣ୍ଟ ଓ ମ୍ୟାପିଂ, ବାୟୋମେଟ୍ରିକ୍ କ୍ରେଡେନ୍ସିଆଲ୍ କ୍ୟାପଚର୍ ଓ ଅପଲୋଡ୍ ଓ ଉପସ୍ଥାନ ରେକର୍ଡ କରିବେ। ହିମ୍‌ସ ମୋବାଇଲ୍ ଆପ୍‌ରେ ଉପସ୍ଥାନ ରେକର୍ଡ ପାଇଁ କଲେଜ୍‌ର ଜିଓ-ଟ୍ୟାଗିଂ, ଲୋକେସନ୍ ଓ କ୍ୟାମେରା ପରମିଶନ୍ ରହିବା ସହ ଇଣ୍ଟରନେଟ୍ ସଂଯୋଗ ଆବଶ୍ୟକ। ଅଧ୍ୟାପକମାନେ କ୍ୟାମ୍ପସ୍ ଭିତରେ ରହି ପ୍ରଥମେ ନିଜର ଉପସ୍ଥାନ ରେକର୍ଡ କରିବେ। ଏହାପରେ କ୍ଲାସ୍ ଅନୁସାରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ରେକର୍ଡ କରିବେ। ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଥରେ ଦାଖଲ କରିବା ପରେ ଆଉ ବଦଳାଇ ପାରିବେ ନାହିଁ। ସମସ୍ତ ଶିକ୍ଷାନୁଷ୍ଠାନରେ ଜଣେ ଲେଖାଏଁ ନୋଡାଲ୍ ଅଫିସର୍ ନିଯୁକ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସୁଯୋଗ, ବିଶ୍ୱାସ...

ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ମାଧ୍ୟମରେ ଖବର ଉପଭୋଗ କରିବାର ପ୍ରବୃତ୍ତି ଲୋକଙ୍କ ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଇଛି। ଏଆଇ ଜେନେରେଟ୍‌ଡ ଫଟୋ, ଡିପ୍ ଫେକ୍ ଜରିଆରେ ପ୍ରସ୍ତୁତ ନିମ୍ନରୁଚିର ଖବରକୁ ଲୋକମାନେ ତତ୍‌କ୍ଷଣାତ୍ ବିଶ୍ୱାସ କରୁଛନ୍ତି। ମାତ୍ର ସତ୍ୟ ଆଲୋକକୁ ଆସିବା ବେଳକୁ ବେଶ୍ ବିଳମ୍ବ ହୋଇ ଯାଉଛି। ଏହା ଉପରେ ନୀତି ନିର୍ଦ୍ଧାରଣ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି। ପୁନଶ୍ଚ ସାମ୍ପ୍ରତିକ ସମୟରେ ସରକାରଙ୍କ ପୃଷ୍ଠପୋଷକତା ଓ ବିଜ୍ଞାପନରୁ 'ସକାଳ' ଓ 'ନନ୍ଦିଘୋଷ' ଟିଭି ବଞ୍ଚିତ ହୋଇଥିବାରୁ ସେ ନିରାଶା ବ୍ୟକ୍ତ କରିଛନ୍ତି। ଗଣତନ୍ତ୍ରକୁ ସତ୍ୟ ସୁଦୃଢ଼ କରେ ଓ ଗଣମାଧ୍ୟମ ତାକୁ ସୁନିଶ୍ଚିତ କରିଥାଏ। "ସକାଳ' ଓ "ନନ୍ଦିଘୋଷ ଟିଭି' ସେହି ସିଦ୍ଧାନ୍ତର ଅନୁଧାବନ କରୁଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନନ୍ଦିଘୋଷ ଟିଭିର ସିଓଓ ଜବରସିଂହ ପାନୱାର ସ୍ୱାଗତ ଭାଷଣ ଦେଇଥିବା ବେଳେ 'ସକାଳ'ର ପ୍ରକାଶକ ଓ ମୁଦ୍ରାକର ଅମିତ ମଲ୍ଲିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ 'ନନ୍ଦିଘୋଷ' ଟିଭିର ମୁଖ୍ୟ ସମ୍ପାଦକ ସମରେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ସମୟରେ ଦିନ ତମାମ ୪ ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ୪ ଟି ଅଧିବେଶନରେ ମାନସ ମନ୍ଥନ କରିଥିଲେ।

### ସେପ୍ଟେମ୍ବର ୨୨ରୁ...

ଗୃହକାର୍ଯ୍ୟ ଅନୁଷ୍ଠିତ ହେବା ସହ ଅଧିବେଶନ ବିଧିବଦ୍ଧ ଭାବେ ସମାପ୍ତ ହେବ। ବିଧାନସଭା ସଚିବାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ବର୍ତ୍ତମାନ ସମୟରେ ରାଜ୍ୟ ସରକାର ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ନିଶାଣରେ ରହିଛନ୍ତି। ବିଶେଷକରି ଏମଏମଡିଆର ଆଇନରେ ସଂଶୋଧନକୁ ନେଇ ରାଜ୍ୟବ୍ୟାପୀ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏନେଇ ବିରୋଧୀ ସରକାରଙ୍କ ଉପରେ ବର୍ଷୁଛନ୍ତି। ଏହି ସଂଶୋଧିତ ଆଇନ କାରଣରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟ ପାଇବାକୁ ଥିବା ୧.୨ ଲକ୍ଷ କୋଟିର ବକେୟା ରାଜସ୍ୱ ହରାଇବ ଏବଂ ଏହାବ୍ୟତୀତ ବାର୍ଷିକ ୧୨ ହଜାର କୋଟିର କ୍ଷତି ସହିବ। ଏନେଇ ବିରୋଧୀ ଗୃହରେ ସରକାରଙ୍କୁ ଘେରିବାକୁ ଏକ ପ୍ରକାର ସ୍ଥିର କରିସାରିଛନ୍ତି। ସେହିପରି ବନ୍ୟା ପରିଚାଳନାରେ ଚରମ ବିଫଳତା, ପୁସ୍ତକ ମୁଦ୍ରଣ ଜନିତ ତ୍ରୁଟି ଓ ସଂଶୋଧିତ ପୁସ୍ତକ ପ୍ରଦାନରେ ଟାଳଟୁଳ ନୀତି, ଚାଷୀ ପଞ୍ଜୀକରଣରେ ନାନାଦି ସମସ୍ୟା, ବିଜୁ ପଟ୍ଟନାୟକ ବିମାନ ବନ୍ଦରର ଘରୋଇ କରଣ ଆଦିକୁ ପ୍ରସଙ୍ଗକୁ ନେଇ ସରକାର ନିଶ୍ଚିତ ଭାବେ ଗୃହରେ ଅଡୁଆ ପରିସ୍ଥିତିର ସାମ୍ନା କରିବେ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

### ଶୋଇଥିବାବେଳେ କାମୁଡ଼ିଲା...

ଶୋକାକୂଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ଟିକାୟତପାଲି ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସେହିପରି ଗୁରୁଣ୍ଡିଆ ବ୍ଲକ ଚାନ୍ଦିପୋଷ ଥାନା ଅନ୍ତର୍ଗତ ଗିର୍ଜାଟୋଲି ଗାଁର ସମୀର ତାଙ୍କ ସାନ ଭଉଣୀ ସାଇରେନ ସହ ଶୋଇଥିବାବେଳେ ସାପ କାମୁଡ଼ି ଥିଲା। ରାତି ୩ ଟା ବେଳେ ଉଭୟ ପେଟ ଯନ୍ତ୍ରଣା ହେଉଛି କହିବାରୁ ପରିବାର ଲୋକେ ଡାକ୍ତରଖାନା ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।


Office of the Principal
**SANTHA KABI BHIMA BHOI MAHIMA +3 MAHAVIDYALAYA, CHAKARKEND**
AT/PO-CHAKARKEND VIA-SOHELA, PS/DIST-BARGARH, PIN-768033
e-mail-skbbm3ckd@gmail.com, Mob-No-8328932842, 7377549302

**Walk-in-interview**

*A walk-in interview will be held on dated.09.09.2026 at 10.00am in the office of the undersigned for the post of lecturers in ECONOMICS-1, HISTORY-1 & SNASKRIT-1 (2nd Post).*

*Candidates with minimum 55% marks at PG level( M.Phil & PhD will be Preferable) in respective subjects for lecturers are invited to report themselves with all relevant documents and resume before 10.00am on the stipulated date.*

*The undersigned reserves the right to cancel the interview without showing any reason thereof.*

*N.B:- No TA/DA will be paid.*

Sd/-Principal
S.K.B.B.M +3 Mahavidyalaya,Chakarkend

**OFFICE OF THE DIVISIONAL FOREST OFFICER**
**CHILIKA WILDLIFE DIVISION, BALUGAON**
At/Po- Gopinathpur, Balugaon, Dist- Khordha-Pin-752030
Email:- dfo.chilikawl@odisha.gov.in
8001/278/2627

**INVITATION FOR BIDS THROUGH e-Procurement**
**Bid Identification No. 01 / 2026-27**

| | | | |
|---|---|---|---|
| 1. | Name of the work | : | Construction of 2nd Floor Divisional ECRICC and Sea Grass Project Management Centre |
| 2. | Total no of Works | : | One |
| 3. | Estimated cost | : | Rs. 15,79,217.00 (Approx) |
| 4. | Class of Contractor | : | As Per DTCN |
| 5. | Period of Completion | : | 3 (Three Calendar Months) |
| 6. | Type of tender | : | Single Cover Tender |
| 7. | Date and Time of availability of Bid documents in the portal | : | From dtd 28.08.2026 to 17.00 hrs of dtd. 09.09.2026 |
| 8. | Last date/Time for receipt of bids in the portal | : | Dtd. 09.09.2026 upto 17.00 hrs |
| 9. | Submission of Original documents (TP cost, EMD, Affidavit etc as per DTCN) | : | During office hours from 10.30 A.M. on dtd. 09.09.2026 to dtd. 10.09.2026 up to 17.00 hrs in the office of the undersigned. |
| 10. | Date of opening of Bid through online | : | Dtd. 11.09.2026 at 11.30 hrs in the office of the undersigned. |
| 11. | Name & address of the O.I.T (Officer Inviting tender) | : | Divisional Forest Officer, Chilika Wildlife Division, Balugaon. |

Further details can be seen from the e-procurement portal https://tendersodisha.gov.in.
**N.B. Subsequent corrigendum/addendum if required shall be available in the website as indicated above.**

Sd/-
Divisional Forest Officer
Chilika Wildlife Division, Balugaon
OIPR-8001/8015/1/26-27/0002

34001/651/2627
E-mail ID: eepwd765017@gmail.com
Phone-(06856)233066
**Government of Odisha**
**"E" Procurement Notice**
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II**
**Bid Identification No: RC (RANDB) RGD No-II 08/2026-27 (Online tender)**

No 2348 Dated 12/08/26

1. Total No. of the works :- **02** no Work **(Double cover System)**
2. Approximate estimated Cost: - Rs **84.61** Lakhs to 84.72 lakhs
3. Period of completion :- **02 (Two)** Calendar months
4. Date & Time of availability of bid document in the portal:- **11.00 Hrs.** of dated 28.08.2026 to **17.00 Hrs.** of dated 10.09.2026 for online bidding.
5. Last date/Time for receipt of bids in the portal: - Up to **17.00 Hrs.** of dated **10.09.2026**
6. Name and address of the officer inviting BID: - **Superintending Engineer, Rayagada (R&B) Division No-II**
7. Date of opening of Technical Bid at **11.00 Hours** on dated **11.09.2026**
8. Further details can be seen from the e-Procurement portal: www.tendersodisha.gov.in.
9. Further Addendum/Corrigendum if any will be hosted in the above website only.

Superintending Engineer
Rayagada (R&B) Division No-II
Dated 12/08/26
OIPR-34001/34139/1/26-27/0007

**PANCHAYAT SAMITI OFFICE, NUAGAON**
INVITATION FOR BIDS
**Bid Identification No. BDO/NGN/01/2026-27**
**Letter No. 1987 / Dt. 21.08.2026**
19001/214/2627

The PANCHAYAT SAMITI OFFICE, NUAGAON on behalf of the Govt. of Odisha invites **Percentage Rate** bids in **Double cover system** on online Mode. Bid Identification No. **BDO/NGN/01/2026-27** for 01 nos. Civil work with value of **Rs. 70.64 Lakh.**

1. Bid documents will be available in website www.tendersorissa.gov.in from 21.08.2026.
2. Bids must be submitted on "online" on or before 17.09.2026 by 17:00 hours.
3. Bids shall be opened at 11:00 hours on 18.09.2026 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Block Development Officer
Nuagaon
OIPR-19001/19358/1/26-27/0001

25001/1023/2627
**OFFICE OF THE SUPERINTENDING ENGINEER, RWS&S DIVISION, BARAGADA**
Infront of Government ITI, Baragada-768028
Ph-06646-233220 (O) 234626 (FAX)
E-mail:- eerwss_bgh@nic.in
eerwssBaragada@gmail.com

No. 2268 Date 20.08.2026

**Quotation Call Notice**

The Superintending Engineer, RWS&S Division, Baragada on behalf of the Governor of Odisha invites sealed Quotation from the Reputed Firms/Agencies/Manufacturer for Supplying, Erection, Testing & Commissioning of R.O Based Defluoridation & Water Treatment Drinking Water Station Capacity $2M^3$/Hour including one year Maintenance cost on Trunkey basis in different places of different villages under Baragada District as per Annexure "A", "B", "C" and "D" for finalization of rate.

1. **Date of receipt of the Quotation (Tender Box /Postal):- Dt. 28.08.2026** to **Dt. 17.09.2026** up to 5.00 P.M
2. **Last Date of receipt of the Quotation (Tender Box /Postal):- Dt. 17.09.2026** up to 5.00 P.M
3. **Date & time of Opening of Quotation: - Dt. 18.09.2026 at 11.00 A.M.**
4. **Estimated Cost for Single Unit is 18.83 Lakhs (Approximate)**
5. **Name and address of the Officer Inviting Quotation: -** Superintending Engineer, RWS&S Division, Baragada, District:- Baragada.

Further details (Annexure A, B, C & D) can be collected from office of the Superintending Engineer, RWS&S Division Baragada. The authority reserves the right to reject any or all the tenders without assigning any reason thereof.

Superintending Engineer
RWS&S Division, Baragada
OIPR-25001/25018/1/26-27/0006

**OFFICE OF THE SUPERINTENDING ENGINEER** 34001/699/2627
**DEBAGADA (R&B) DIVISION, DEBAGADA**

Letter No. 3085 Date. 24.08.2026

**1st Corrigendum**

Tender Reference No. SE PWD DGR No. 05 of 2026-27

1. The availability of bid documents in of the mentioned below works will be from **Dt. 03.09.2026 to 17.00 PM of 17.09.2026** instead of **Dt. 24.08.2026** to 17.00 Hours of **07.09.2026.**
2. The technical bids will be opened at **11.30 Hours of 18.09.2026** instead of **08.09.2026.**

| Sl No | Name of Work | Name of the road with details chainages | Approximate value of work (In Lakhs) | Amount of Bid security | Cost of Bid document | Period of completion | Class of Bidder |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | Short Term Maintenance Contract (STMC) work for 03 Nos. road for a length 24.866 Km under Debagada (R&B) Division ( Package-1) | Kundheigola to Baghabar road via, Kurodposhi-Jharaberni, Tugamal from Ch. 0/000 Km to 4/500 Km; Kundheigola to Utunia road via Khandadhuan from 0/000 Km to 12/183 Km; Aunli to Tutabariroad from 0/000 Km to 8/183 km | Rs. 74.46 | Rs.74,500.00 | Rs. 10,000/- | 12 (Twelve) Calendar months | "B" Class Contractor |

Superintending Engineer
Debagada (R&B) Division
OIPR-34001/34061/1/26-27/0006

**ପଶ୍ଚିମ ରେଳବାଇ-ରତଲାମ ମଣ୍ଡଳ**
**ସଂଶୋଧନ ବିଜ୍ଞପ୍ତି**
**ଇ-ଟେଣ୍ଡର ବିଜ୍ଞପ୍ତି**
• ଟେଣ୍ଡର ନଂ.: EL-2025-26-26R2 • କାର୍ଯ୍ୟର ନାମ: ରତଲାମ ଡିଭିଜନ୍: ରତଲାମ ଏବଂ ଇନ୍ଦୋର – ରତଲାମ ଷ୍ଟେସନର ପ୍ଲାଟଫର୍ମ ନଂ. ୦୪ ଏବଂ ୦୭ରେ ୦୬ଟି ଏସ୍କାଲେଟର୍ ଏବଂ ଇନ୍ଦୋର ଷ୍ଟେସନର PF-୦୫/୦୬ର ସର୍କୁଲେଟିଂ ଏରିଆରେ ୦୧ଟି ଏସ୍କାଲେଟର୍ ବ୍ୟବସ୍ଥା କରିବା (ଇଲେକ୍ଟ୍ରିକାଲ୍ + ସିଭିଲ୍)। • ଟେଣ୍ଡର ବନ୍ଦ ତାରିଖ/ସମୟ: ୦୮/୦୯/୨୦୨୬ ଦିନ ୧୫:୦୦ ଘଣ୍ଟା। CRY/221
Like us on: facebook.com/WesternRly

**VEHICLE FOR SALE**
3-WHEELER PAIGGIO APE E-XTRA EX, ELECTRIC, MODEL 2025,Regn. No -OD-07-BA-0978 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph:0680-2290703, MOB - 94375 77759, within 7 days.

**VEHICLE FOR SALE**
PIAGGIO APE XTRA LDX+. DIESEL, MODEL 2023, Regn. No -OD-07-AR-6296 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph: 0680- 2290703, MOB-9437577759, within 7 days.

**VEHICLE FOR SALE**
MAHINDRA 475 DI XP PLUS DIESEL, MODEL 2024, Regn. No -OD-07-AV-6515 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph: 0680- 2290703, MOB-9437577759, within 7 days.

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 1116, dated 19.08.2026, I, GYAN LILIYAN PARICHHA, Daughter of - Kishor Chandra Parichha, permanent resident of Village - Bamanaguda, PO - Manchagaon, PS - Khatiguda, Dist - Nabarangpur, Odisha, Pin - 764070, declare that I have changed my name from GANLIAN PARICHHA to GYAN LILIYAN PARICHHA. Henceforth, I shall be known as **GYAN LILIYAN PARICHHA** for all purposes.
**Sd/- Gyan Liliyan Parichha**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 950, dated 17-08-2026, I, NADU BHATRA, S/o - Sonu Bhatra, permanent resident of Village - Tentuliguda, PO - Chatahandi, PS - Kodinga, Dist - Nabarangpur, Odisha, Pin - 764075, declare that I have changed the name of my Daughter from DASUDHA BHATRA to JANAKA BHATRA. Henceforth, she shall be known as **JANAKA BHATRA** for all purposes.
**Sd/- Nadu Bhatra**

**AFFIDAVIT**
By virtue of an affidavit sworn before the Executive Magistrate, Athagarh, dated-19.08.2026 C.F No-2268, I Upama Naik W/o Raghunath Patra of Village-Sujagad Kaithagadia, Po-Kaithagadia, Ps-Khaira, Dist-Baleswar declare that I have changed my minor son's name from Ritesh Naik to Ritesh Patra in Aadhar card. Henceforth, he shall be known as **Ritesh Patra** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 1112, dated 18.08.2026, I, DEULA CHANDRA NAYAK, Son of - Hari Nayak, permanent resident of Village - Manigam, PO - Manigam, PS - Dabugam, Dist - Nabarangpur, Odisha, Pin - 764072, declare that I have changed my name from DEULA CHANDRA PUJARI to DEULA CHANDRA NAYAK. Henceforth, I shall be known as **DEULA CHANDRA NAYAK** for all purposes.
**Sd/- Deula Chandra Nayak**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 1114, dated 19-08-2026, I, SARADU BHATRA, S/o - Madhu Bhatra, permanent resident of Village - Khutiguda, PO - Jatabal, PS - Papadahandi, Dist - Nabarangpur, Odisha, Pin - 764071, declare that I have changed the name of my Daughter from CHUMKI BHATRA to MAHALAXMI BHATRA. Henceforth, she shall be known as **MAHALAXMI BHATRA** for all purposes.
**Sd/- Saradu Bhatra**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 1115, dated 19-08-2026, I, DINABANDHU MAJHI, S/o - Hari Majhi, permanent resident of Village/PO/PS - Khatiguda, Dist - Nabarangpur, Odisha, Pin - 764085, declare that my Daughter's name has been wrongly recorded as "PRABHASINI MAJHI" instead of "PUNAM PRIYA MAJHI" in the Birth Registration Certificate Vide Registration No. 3992/2016, dated: 13.10.2016. Henceforth, the correct name of my Daughter shall be known as **"PUNAM PRIYA MAJHI"** for all purposes.
**Sd/- Dinabandhu Majhi**

**AFFIDAVIT**
I, Rohit Kumar Agrawal, aged about 42 years, S/o- Gajanand Agrawal, resident of Kundangali, Titlagarh, Po- Titilagarh, Ps- Titilagarh, Dist- Balangir, Odisha, PIN-767033, do hereby declare by this affidavit No. 1743, dtd-25.08.2026, that now onwards I shall be known as **ROHIT AGRAWAL** for all future purposes.

**SHRIRAM GENERAL INSURANCE COMPANY LIMITED**
This is to inform you that we are shifting our Jajpur Branch located at Chorda by Pas Road, Jajpur Road, Jajpur, ODISHA-755019 to following address:

**Shriram General Insurance Co.Ltd.**
**Plot NO. 380/28, 2nd floor,**
**santara, PO-Byasanagar,**
**Dist- Jajpur, Odisha-755019**

IRDAI Reg. No.137
CIN No. U66010RJ2006PLC029979

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଇଣ୍ଡି ମେଣ୍ଟର ବିକ୍ଷୋଭ




ବାଲେଶ୍ୱର,୨୫।୮ (ସମିସ)

ଖଣି ଓ ଖଣିଜ ବିକାଶ ଏବଂ ବିଧି ଅଧିନିୟମ ସଂଶୋଧନ - ୨୦୨୬ ଜରିଆରେ ବିଜେପି ସରକାର ଓଡ଼ିଶାକୁ ଲୁଟ୍ କରିବାର ଯୋଜନା କରିଛି ବୋଲି ଆଜି ବିରୋଧୀ ଇଣ୍ଡି ମେଣ୍ଟ ପକ୍ଷରୁ କୁହାଯାଇଛି । ଏ ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ ଓ ଜନଜାଗରଣ ସଭାରେ ବିରୋଧୀ କଂଗ୍ରେସ, ସିପିଆଇ, ସିପିଏମ ଓ ଫରୱାର୍ଡ ବ୍ଲକର ନେତାମାନେ ସାମିଲ ହୋଇଥିଲେ ।

ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଏମ୍ ଏମ୍ ଡି ଆର ଆଇନ ଫଳରେ ଓଡ଼ିଶାର ଖଣି ଓ ଖଣିଜ ଉପରେ ଆଉ ଓଡ଼ିଶା ସରକାରଙ୍କ କୌଣସି ନିୟନ୍ତ୍ରଣ ରହିବ ନାହିଁ ବୋଲି ବକ୍ତାମାନେ କହିଥିଲେ । ଏଭଳିକି ଓଡ଼ିଶା ସରକାର ବାର୍ଷିକ ଅତି କମରେ ୧୨ ହଜାର କୋଟି ଟଙ୍କା ରାଜସ୍ୱ ହରାଇବେ । ଏହା ଜାଣି ମଧ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ବିଜେପିର ୨୦ ସାଂସଦ ମୁହଁ ଚୁପ୍ କରି ବସିଛନ୍ତି । ଏହାର ପ୍ରତିବାଦରେ ଆସନ୍ତା ସେପ୍ଟେମ୍ବର ୯ରେ ଭୁବନେଶ୍ୱରରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବ ବୋଲି ବକ୍ତାମାନେ କହିଥିଲେ । ଏହି ସମାବେଶରେ ସିପିଆଇ ନେତା ଭାଗବତ ପ୍ରତିହାରୀ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ସିପିଏମ ନେତା ଶିଶିର ହୁଇ, ନିର୍ମଳ ନାୟକ, ସୀତାଂଶୁ ସେନାପତି, ଦିଲ୍ଲୀପ ଗିରି, କଂଗ୍ରେସର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ପ୍ରଭାସ ପଣ୍ଡା, ଜିଲ୍ଲା ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝୀ, ବରିଷ୍ଠ ନେତ୍ରୀ ଅର୍ଚ୍ଚନା ନନ୍ଦୀ, କିଷାନ୍ କଂଗ୍ରେସ ରାଜ୍ୟ ଉପସଭାପତି ଅରୁଣ ଜେନା, ଟାଉନ୍ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ନିଶିଥ ବାରିକ, ବିଜୟ ମହାନ୍ତି, ଦେବଦତ୍ତ ଦାସ, କେଶବ ନାୟକ, ରେମୁଣା ବ୍ଲକ କଂଗ୍ରେସ ସଭାପତି କହ୍ନେଇ ବେହେରା, ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ ଜେନା, ନୀଳଗିରି ବ୍ଲକ କଂଗ୍ରେସ ସଭାପତି ତପନ ରାଉତ, ସୋର ବ୍ଲକ କଂଗ୍ରେସ ସଭାପତି ଯୋଗେନ୍ଦ୍ର ଜେନା, ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି, ଜିଲ୍ଲା ଦଳିତ କଂଗ୍ରେସ ସଭାପତି ବିଧାନ ଜେନା, କୁମୁଦିନୀ ଦାସ, ସାଇନା ଅକ୍ତର, ସିପିଆଇର ମାୟାଧର ନାୟକ, ଯତୀନ ପାତ୍ର, ଆଶୁତୋଷ ପରିଡ଼ା, ବନ୍ଦନା ପାତ୍ର, ଭାରତ ସେଠୀ, ତ୍ରିଲୋଚନ ଦାସ, ଶଶିକାନ୍ତ ପଣ୍ଡା, ପ୍ରଶାନ୍ତ ଦାସ, ସିପିଏମର ରାଜକିଶୋର ଲେଙ୍କା, ପ୍ରେମ ରଞ୍ଜନ ପାତ୍ର, ବିଜୟ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଚନ୍ଦନ କାମିଲା ପ୍ରମୁଖ ଉପସ୍ଥିତ ହୋଇ ଉଦ୍‌ବୋଧନ ଦେଇଥିଲେ । ପରେ ପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଓଡ଼ିଶାରୁ ନିର୍ବାଚିତ ୨୦ ବିଜେପି ସାଂସଦଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା ।

# ବନ୍ୟା ମୁକାବିଲାରେ ସରକାର ବିଫଳ : ବିଜେଡି



**ବାଲିଆପାଳ, ୨୫।୮ (ସମିସ):** ଚଳିତ ବର୍ଷ ବସ୍ତା ବ୍ଲକରେ ଜଳକା ନଦୀରେ ଚାରିଥର ଏବଂ ବାଲିଆପାଳ ବ୍ଲକରେ ସୁବର୍ଣ୍ଣରେଖା ନଦୀରେ ଦୁଇ ଥର ବନ୍ୟା ଆସିବା ଫଳରେ ହଜାର ହଜାର ଲୋକଙ୍କ ଜୀବନଜୀବିକା ବିପନ୍ନ ହୋଇପଡିଛି । ଏହା ବ୍ୟତୀତ ଦୁଇ ବ୍ଲକର ହଜାର ହଜାର ହେକ୍ଟର ଜମିରେ ଧାନ, ପରିବା, ନଳିତା ଚାଷ ଉଜୁଡି ଯାଇଛି । ସରକାର କେବଳ ମୁଠାଏ ମୁଠାଏ ଚୁଡା ଦେଇ ଲୋକଙ୍କୁ ଭୁଲାଇ ଦେଉଛନ୍ତି । ଏହାକୁ ପ୍ରତିବାଦ କରି ବାଲିଆପାଳ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ବାଲିଆପାଳ ବ୍ଲକରେ ବନ୍ୟା ବିପନ୍ନ ଲୋକମାନଙ୍କୁ ଓ ଚାଷୀଙ୍କୁ ରିଲିଫ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି । ଚାଷୀଙ୍କୁ କ୍ଷତିପୂରଣ ସହିତ ସମ୍ପୂର୍ଣ୍ଣ କୃଷି ଋଣ ଛାଡ, ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତା ଘାଟ ମରାମତି, ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବା ଭାଙ୍ଗି ଯାଇଥିବା ନଦୀବନ୍ଧ ମରାମତି ଓ ଗାର୍ଡୱାଲ ନିର୍ମାଣ, ଗୃହ ପାଳିତ ପଶୁ ମାନଙ୍କୁ ପର୍ଯ୍ୟାପ୍ତ ଗୋ ଖାଦ୍ୟ ବଣ୍ଟନ, ସାପ କାମୁଡାରେ ତୁରନ୍ତ ଚିକିତ୍ସା ଯୋଗାଇବା ସହ ଆର୍ଥିକ ସହାୟତା, ଅସ୍ତି ପଞ୍ଚାୟତର ବଡଖାନପୁରଠାରେ ବନ୍ୟାରେ ବୁଡି ଯାଇଥିବା ବାତ୍ୟା ଆଶ୍ରୟସ୍ଥଳୀର ମରାମତି ପ୍ରମୁଖ ଦାବୀକୁ ସରକାର ଯଥାଶୀଘ୍ର ପୂରଣ କରନ୍ତୁ ବୋଲି ବିଜେଡି ଦାବି କରିଛି । ବସ୍ତା ବ୍ଲକ ବିଜେଡି ସଭାପତି ମହାଦେବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବାଲିଆପାଳ ବ୍ଲକ ସଭାପତି ଦେବେନ୍ଦ୍ର ଗିରି, ପୂର୍ବତନ ସରପଞ୍ଚ ଶରତ ପ୍ରଧାନ,ଚିତ୍ତରଞ୍ଜନ ଜେନା, ପୂର୍ବତନ ବିଡ଼ିଓ ବାଜଲ ମାଝି, ସ୍ମୃତି ରଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ରକ୍ଷାବନ୍ଧନ ଉତ୍ସବ 'ସମ୍ବେଦନା'ର ଶୁଭାରମ୍ଭ

**ବାଲେଶ୍ୱର,୨୫।୮ (ସମିସ):** ଭଲପାଇବା, ସମ୍ମାନ, ସ୍ନେହ ଓ ମାନବିକତାର ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ କାର୍ଯ୍ୟ ବିଭାଗ ପକ୍ଷରୁ ତିନିଦିନିଆ ରାକ୍ଷୀ ବନ୍ଧନ ଉତ୍ସବ 'ସମ୍ବେଦନା'ର ଶୁଭାରମ୍ଭ ହୋଇଛି । ବିଭାଗର ନିୟମିତ, ପ୍ରାକ୍ତନ ଏବଂ ଦୂର ଓ ଆଭାସୀ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ସହଭାଗିତାରେ ୨୫ରୁ ୨୭ ଅଗଷ୍ଟ ପର୍ଯ୍ୟନ୍ତ ଏହି ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ପ୍ରଥମ ଦିନରେ ରାଣୀପାଟଣାସ୍ଥିତ ଦୃଷ୍ଟିବାଧିତଙ୍କ ବିଦ୍ୟାଳୟରେ ୭୫ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ସହ ରାକ୍ଷୀ ବନ୍ଧନ ପାଳନ କରାଯାଇଥିଲା । ଏହି ଅବସରରେ ସେମାନଙ୍କୁ ରାକ୍ଷୀ ବାନ୍ଧିବା ସହ ସାନିଟାରୀ କିଟ୍ ଓ ଚକୋଲେଟ ବଣ୍ଟନ କରାଯାଇଥିଲା । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ଓ କୁଳସଚିବ ଶ୍ରୀମତୀ କୁକୁମୀନା ଦାସଙ୍କ ସହଯୋଗମୂଳକ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ସମାଜ କାର୍ଯ୍ୟ ବିଭାଗର ସହକାରୀ ଅଧ୍ୟାପକ ରଶ୍ମିରେଖା ରାଉତଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ସହକାରୀ ଅଧ୍ୟାପକ ସୁପ୍ରିୟା ରାଉତ ସହଯୋଗ କରିଥିଲେ । ବିଭାଗର ପ୍ରାୟ ୧୫ ଜଣ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟ ସଦସ୍ୟମାନେ ମଧ୍ୟ ଏହି ସେବାମୂଳକ ଉତ୍ସବରେ ସକ୍ରିୟ ଭାବେ ସାମିଲ ହୋଇଥିଲେ । ଏହି ତିନିଦିନିଆ କାର୍ଯ୍ୟକ୍ରମରେ ବାଲେଶ୍ୱରର ବିଭିନ୍ନ ବୃଦ୍ଧାଶ୍ରମ ଓ ବାଳାଶ୍ରମରେ ମଧ୍ୟ ରାକ୍ଷୀ ବନ୍ଧନ ଉତ୍ସବ ପାଳନ କରାଯିବ ବୋଲି ଆୟୋଜକ ବିଭାଗର ସଂଯୋଜକ ଡ଼କ୍ଟର ଗ୍ରେସ ବାହାଲିନ ମୁଣ୍ଡୁ ସୂଚୀତ କରିଛନ୍ତି ।



# ଚାଷୀଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବାଲେଶ୍ୱର,୨୫।୮ (ସମିସ):** ଚଳିତ ମାସ ଶେଷ ହେବାକୁ ସପ୍ତାହକରୁ କମ ସମୟ ରହିଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ଏବେ ସୁଦ୍ଧା ୭୦ ଭାଗରୁ ଅଧିକ ଚାଷୀ ପଞ୍ଜୀକରଣ କରିପାରିନାହାନ୍ତି । ପ୍ରଥମତଃ ପଞ୍ଜୀକରଣ ଜଟିଳତା ଦ୍ୱିତୀୟ ରେ ବନ୍ୟା ଉବୁଟୁବୁ ହେଉଥିବା ଚାଷୀ ମାନେ ପଞ୍ଜୀକରଣ କରିପାରିନାହାନ୍ତି । ତେଣୁ ପଞ୍ଜୀକରଣ ଅବଧି ଆସନ୍ତା ମାସ ୩୦ତାରିଖକୁ ବୃଦ୍ଧି କରିବା ସହ ପଞ୍ଜୀକରଣ ଜଟିଳତାରୁ ଚାଷୀମାନଙ୍କୁ ମୁକ୍ତ କରିବା, ଜମି ମାଲିକଙ୍କର ସହମତିରେ ଭଗଚାଷିଙ୍କୁ ପଞ୍ଜିକରଣରେ ସୁଯୋଗ ଦେବା, କୃଷିଋଣ ଛାଡ଼ କରିବା, ଧାନ ଫସଲ ହାନି ପାଇଁ ଏକର ପିଛା ୧୦ହଜାର ଟଙ୍କା, ପନିପରିବା ଫସଲ ପାଇଁ ଏକର ପିଛା ୧୫ହଜାର ଟଙ୍କା କ୍ଷତିପୂରଣ, କୃଷି ଋଣ ଛାଡ଼ କରିବା, ମାଛ ଚାଷୀଙ୍କୁ ୫୦ ହଜାର ଟଙ୍କାର କ୍ଷତିପୂରଣ, ପଶୁ ସମ୍ପଦର କ୍ଷୟକ୍ଷତି ପାଇଁ ୪୦ହଜାର ଟଙ୍କା କ୍ଷତି ପୂରଣ, ଚାଷୀକୁ ଆବଶ୍ୟକ ଅନୁଯାୟୀ ଧାନ ବିହନ, ଅଣ ଧାନ ବିହନ, ଡାଲିଜାତୀୟ ବିହନ, ସାର, କୀଟ ନାଶକ, ଡିଜେଲ, ଲିଫ୍ଟ ପଏଣ୍ଟ ପାଇଁ ବିଦ୍ୟୁତ ମାଗଣାରେ ଯୋଗାଇ ଦିଆଯାଉ କୃଷକ ସଭା ପକ୍ଷରୁ ଦାବି କରାଯାଇଛି । ନଚେତ କୃଷକ ସଭା ଆଗାମୀ ଦିନରେ ପ୍ରତ୍ୟେକ ବ୍ଲକରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ଏହି କାର୍ଯ୍ୟକ୍ରମରେ କୃଷକସଭାର ରାଜ୍ୟ ସଭାପତି ସୀତାଂଶୁ ସେନାପତି, ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ବିଜୟ ପାତ୍ର, ଅମରେନ୍ଦ୍ର ନାୟକ, ଗୋବିନ୍ଦ ବାରିକ, ଜୀବନ ପରିଡା, ସୁଶାନ୍ତ ଜେନା, ପ୍ରଭାକର ବେହେରା, ଦୀପ୍ତିମାନ ଆଚାର୍ଯ୍ୟ, ରାଜକିଶୋର ଲେଙ୍କା, ଚନ୍ଦନ କମିଲା, ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।



## ବନ୍ୟା ପରେ ସାପ ଆତଙ୍କ

# ସାପ କାମୁଡ଼ାରେ ନାବାଳିକା ମୃତ

**ବାଲିଆପାଳ, ୨୫।୮ (ସମିସ):** ବନ୍ୟା ପରେ ବାଲିଆପାଳ ଅଞ୍ଚଳରେ ସାପ ଆତଙ୍କ ମଧ୍ୟରେ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି । ମୃତ ନାବାଳିକା ହେଲେ ବାଲିଆପାଳ ବ୍ଲକ ବିଷ୍ଣୁପୁର ଗ୍ରାମର ଭଗବାନ ପ୍ରମାଣିକଙ୍କ ଝିଅ ନନ୍ଦିତା(୧୦) । ରାତିରେ ଘର ବାରଣ୍ଡାରେ ଶୋଇଥିବା ବେଳେ ତାଙ୍କୁ କୌଣସି ସାପ କାମୁଡ଼ିଥିବା ଜଣାପଡ଼ିଥିଲା । ଭୋର ନିଦରୁ ଉଠିବା ପରେ ନନ୍ଦିତା ଆଖିକୁ ଦେଖାଯାଉନଥିବା ନେଇ ପରିବାର ଲୋକଙ୍କୁ କହିଥିଲେ । ଏହାପରେ ପରିବାର ଲୋକେ ତାଙ୍କୁ ତୁରନ୍ତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଉଥିଲେ । ହେଲେ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ନନ୍ଦିତାଙ୍କ ମୃତ୍ୟୁ ଘଟିଥିଲା । ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପରୀକ୍ଷା କରି ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ । ବନ୍ୟା ପରବର୍ତ୍ତୀ ସମୟରେ ଘର ଓ ଆଖପାଖ ଅଞ୍ଚଳରେ ସାପ ଚଳପ୍ରଚଳ ବଢ଼ିଥିବାରୁ ଲୋକଙ୍କ ମଧ୍ୟରେ ଭୟ ବଢ଼ିଛି । ଏଭଳି ସମୟରେ ରାତିରେ ଘର ବାରଣ୍ଡା କିମ୍ବା ବାହାରେ ଶୋଇବା ବେଳେ ସତର୍କ ରହିବା ସହ ସାପ କାମୁଡ଼ିଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି ।

# ଫେରିବାଲାଙ୍କୁ ଆକ୍ରମଣ କରି ଲୁଟ୍

**ବାଲିଆପାଳ, ୨୫।୮ (ସମିସ):** ବାଲିଆପାଳ ବ୍ଲକରେ ଦିନକୁ ଦିନ ଚୋରି, ଛିନତାଇ ଭଳି ଅସାମାଜିକ ତତ୍ତ୍ୱମାନଙ୍କର ପ୍ରାଧାନ୍ୟ ବଢ଼ି ବଢ଼ି ଚାଲିଛି । ଯାହାର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି ହୋଇଛି ଆଜି ବାଲିଆପାଳ କାଳିପଦା ରାସ୍ତାର କୋଷ୍ଟ କେନାଲ ନିକଟରେ । ଖଗଡାପାଳ ଗ୍ରାମର ସେକ ମୈରୁଦ୍ଦିନ ସବୁଦିନ ଭଳି ମଙ୍ଗଳବାର ସକାଳ ପାଞ୍ଚଟା ସମୟରେ ସାଇକଲ ଯୋଗେ ଚଉମୁଖ ଅଞ୍ଚଳକୁ ଫେରି କରିବାକୁ ଯାଉଥିବା ସମୟରେ ତାଙ୍କ ସହିତ ସେକ ଅଲ୍ଲୀ ମଧ୍ୟ ଥିଲେ । ୬ଜଣ ଦୁର୍ବୃତ୍ତ ଦୁଇଟି ମଟରସାଇକେଲରେ ଆସି ସେକ ମୈରୁଦ୍ଦିନକୁ ଭୁଜାଲିରେ ଆକ୍ରମଣ କରିବା ସହିତ ସେଖ ଅଲ୍ଲୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ନଗଦ ୧୨ ହଜାର ଟଙ୍କା ଏବଂ ମୋବାଇଲ ଲୁଟି ନେଇ ଚମ୍ପଟ ମାରିଥିଲେ । ସେକ ମୈରୁଦ୍ଦିନ ଗୁରୁତର ଅବସ୍ଥାରେ ବାଲିଆପାଳ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲା ବେଳେ ପରିବାର ପକ୍ଷରୁ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଜାରି ରଖିଛି । ଏ ନେଇ ଖଗଡାପାଳ ଗ୍ରାମରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଶତାଧିକ ଲୋକ ଥାନାରେ ପହଞ୍ଚି ଅଭିଯୁକ୍ତ ମାନଙ୍କୁ ଯଥାଶୀଘ୍ର ଗିରଫ କରିବା ସହିତ ବାଲିଆପାଳ ଅଞ୍ଚଳରେ କଡାକଡି ପାଟ୍ରୋଲିଂ ପାଇଁ ଦାବି କରିଥିଲେ ।

# ଖାଲଖମା ଔପଦା-ଫତେପୁର ରାସ୍ତା

## ତୁରନ୍ତ ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ



**ଔପଦା, ୨୫।୮ (ସମିସ):** ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ବଉଳଗଡିଆରୁ ଫତେପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ଏବେ ଯାତ୍ରୀଙ୍କ ପାଇଁ ସାଜିଛି ମରଣଯନ୍ତା । ଦୀର୍ଘ ଦିନ ହେବ ରକ୍ଷଣାବେକ୍ଷଣ ଅଭାବରୁ ସାରା ରାସ୍ତାରେ ବିରାଟ ବିରାଟ ଖାଲଖମା ସୃଷ୍ଟି ହୋଇ ଯାତାୟାତ ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ହୋଇପଡ଼ିଛି । ଔପଦା ବ୍ଲକ ମୁଖ୍ୟାଳୟ ନିକଟସ୍ଥ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଜୀବନକୁ ବାଜି ଲଗାଇ ଯା'ଆସ କରୁଛନ୍ତି । ବିଶେଷ କରି ତଳକିଆ ପଞ୍ଚାୟତ ଅଧୀନ ମାଟିଗଡ଼ା, ପ୍ରତାପପୁର ଏବଂ ଗଡ଼ସାହି ପଞ୍ଚାୟତର ଜାନିକାପାଳ ଅଞ୍ଚଳରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ରୂପ ଧାରଣ କରିଛି । ରାସ୍ତାରେ ଥିବା ବିପଜ୍ଜନକ ଗାତ ଯୋଗୁଁ ବସ୍, ଟ୍ରକ୍ ଭଳି ଭାରୀ ଯାନବାହନ ଚଳାଚଳ ତ ଦୂରର କଥା, ବାଇକ୍, ସ୍କୁଟି ଓ ସାଇକେଲ୍ ଆରୋହୀଙ୍କ ପାଇଁ ଯାତ୍ରା ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛି । ଦୀର୍ଘ ଦିନର ଦାବି ସତ୍ତ୍ୱେ ପ୍ରଶାସନିକ ସ୍ତରରେ କେବଳ ପ୍ରତିଶ୍ରୁତି ମିଳୁଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ସମସ୍ୟା ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଏନ୍.କେ. ଘଡ଼େଇଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ, ସେ ଘଟଣାସ୍ଥଳ ତଦନ୍ତ କରି ରାସ୍ତା ମରାମତି ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଅପରପକ୍ଷରେ, ଯଦି ପ୍ରଶାସନ ଓ ପୂର୍ତ୍ତ ବିଭାଗ ପକ୍ଷରୁ ତୁରନ୍ତ ଏହି ମୁଖ୍ୟ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ କରା ନ ଯାଏ, ବାଧ୍ୟ ହୋଇ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇ ବ୍ୟାପକ ଆନ୍ଦୋଳନ କରିବେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକେ କଡ଼ା ଚେତାବନୀ ଦେଇଛନ୍ତି ।

## ରାସ୍ତାପାଖ ଜଙ୍ଗଲରେ ମହିଳାଙ୍କ ଗଳିତ ଶବ

**ଜଳେଶ୍ୱର, ୨୫।୮ (ସମିସ):** ରାସ୍ତାପାଖ ଜଙ୍ଗଲରେ ପଡ଼ିଛି ଗଳିତ ଶବ । ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ କଳମା ପଂଚାୟତର ପଥରଖୋଳ ଗ୍ରାମ ନିକଟ ଦେଇ ଯାଇଥିବା ରାସ୍ତାର ଏକ ପଡିଆ ପାଖ ଗଛଲତା ତଳେ ଏକ ମହିଳାର ଗଳିତ ଶବ ପଡି ରହିଥିବାର ଦେଖିବାକୁ ମିଳିଛି । ଶବଟି କିଛିଦିନ ପୂର୍ବରୁ ପଡି ରହିଥିବା ଅନୁମାନ କରାଯାଉଥିବା ବେଳେ ଏବେ ଦୁର୍ଗନ୍ଧରେ ରାସ୍ତାରେ ଯାଉଥିବା ଲୋକଙ୍କ ନାକ ଫାଟି ପଡୁଛି । ତେବେ ଏ ବିଷୟରେ ରାଇବଣିଆ ଥାନାରେ କୌଣସୀ ସୂଚନା ନାହିଁ ବୋଲି ପୁଲିସ କହୁଥିବା ବେଳେ ତୁରନ୍ତ ଘଟଣାର ତଦନ୍ତ ସହିତ ଶବ ଉଦ୍ଧାର ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

# ଟ୍ରେନ୍ ଯାତ୍ରୀଙ୍କଠୁ ମୋବାଇଲ ଝାମ୍ପି ନେବାବେଳେ ଧରାପଡ଼ିଲା ଯୁବକ

**ବାଲେଶ୍ୱର,୨୫।୮ (ସମିସ):** ଟ୍ରେନ୍ ଷ୍ଟେସନରେ ଧୀର ଗତିରେ ପ୍ରବେଶ କରୁଥିବା ସୁଯୋଗ ନେଇ ବାଲେଶ୍ୱର ରେଳଷ୍ଟେସନରେ ଜଣେ ଯାତ୍ରୀଙ୍କ ମୋବାଇଲ ଛିନତାଇ ନେଇଥିବା ଅଭିଯୋଗରେ ଜଣେ ୧୮ ବର୍ଷୀୟ ଯୁବକଙ୍କୁ ଆରପିଏଫ ଓ ଜିଆରପିର ମିଳିତ ଅଭିଯାନରେ ଧରାଯାଇଛି । ଆରପିଏଫ କର୍ମଚାରୀ ଓ ସିଆଇବି/ ଖଡ଼ଗପୁରର ମିଳିତ ଟିମ୍ ପ୍ଲାଟଫର୍ମ ନମ୍ବର-୧ରେ ଖଡ଼ଗପୁର ପାଶ୍ୱର୍ରେ ଥିବା ଫୁଟ୍ ଓଭରବ୍ରିଜ୍ ଆଡ଼କୁ ଯାଉଥିବା ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଦେଖି ଅଟକାଇଥିଲେ । ଯାଞ୍ଚ ବେଳେ ଯୁବକଙ୍କ ନିକଟରୁ ଏକ ମୋବାଇଲ ଫୋନ୍ ମିଳିଥିଲା । ଷ୍ଟେସନରେ ତାଙ୍କ ଉପସ୍ଥିତି ସମ୍ପର୍କରେ ସନ୍ତୋଷଜନକ ଉତ୍ତର ନଦେବା ସହ ବୈଧ ଯାତ୍ରା ସମ୍ପର୍କିତ କୌଣସି ପ୍ରମାଣ ଦେଖାଇ ପାରିନଥିଲେ । ଅଧିକ ପଚରାଉଚରା ପରେ ମୋବାଇଲଟି ଛିନତାଇ କରିଥିବା ନେଇ ସେ ସ୍ୱୀକାର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି । ଧରାପଡ଼ିଥିବା ଯୁବକଙ୍କ ନାମ ବଳରାମ ବେହେରା (୧୮) । ଅଭିଯୁକ୍ତଙ୍କଠାରୁ ଉଦ୍ଧାର ମୋବାଇଲ ଫୋନ୍ ଓ ସମ୍ପୃକ୍ତ କାଗଜପତ୍ରକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଆରପି/ ବାଲେଶ୍ୱରକୁ ହସ୍ତାନ୍ତର କରାଯାଇଛି ।

# କବିତା ଆସର ଓ ସମ୍ବର୍ଦ୍ଧନା ପର୍ବ

**ବାଲେଶ୍ୱର,୨୫।୮ (ସମିସ):** କୁକୁଡ଼ାପଦାସ୍ଥିତ ଉତ୍ସର୍ଗ ବୃଦ୍ଧାଶ୍ରମ ପରିସରରେ କବିତା ଆସର ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ରେମୁଣା ସାହିତ୍ୟ ସଂସଦ ସଭାପତି ତଥା ବିଶିଷ୍ଟ ଗବେଷକ ଡ. ଭାଗବତ ପ୍ରସାଦ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଆଶ୍ରମର ସମ୍ପାଦକ ବିକର୍ତ୍ତନ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ୧୫ରୁ ଉର୍ଦ୍ଧ୍ୱ କବି ନିଜସ୍ୱ କବିତା ପାଠ କରିଥିଲେ । ଶିକ୍ଷାବିତ ନିରଞ୍ଜନ ସାହୁ, ଡ. ସିନ୍ଧୁସେନ, ମୁରଲୀଧର ନାୟକ, ନାଟ୍ୟକାର ପ୍ରଦୀପ ମିଶ୍ର, ବୃନ୍ଦାବନ ସାର, ଅଭୟ ପାଣି,ଅଜୟ ନାୟକଙ୍କ ସମେତ ବହୁ ବରିଷ୍ଠ ଶିକ୍ଷାବିତ ଓ ସାହିତ୍ୟିକ ଯୋଗ ଦେଇଥିଲେ । ସଭା ଆରମ୍ଭରେ କିମ୍ବଦନ୍ତୀ ସଙ୍ଗୀତଜ୍ଞ ସ୍ୱର୍ଗତ ପ୍ରଣବ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାବିତ ସତ୍ୟଭାମା ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚିତରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସୁନାମଣି ଜେନା, ଜୟଶ୍ରୀ ମିଶ୍ର, କବି ପ୍ରଭାକର ସାହୁ, ସୁରଭି ପାଣି, ସ୍ନେହଲତା ପଣ୍ଡା, ସୁଦେଷ୍ଣା ଆସ୍, ରାଜେନ୍ଦ୍ର ପଣ୍ଡା ଓ କଳ୍ପନା ନାୟକଙ୍କ ସମେତ ବହୁ କବି ଓ ସାହିତ୍ୟିକ ଉପସ୍ଥିତ ଥିଲେ ।



# ରାଖି ବଜାରରେ ଜମୁଛି ଭିଡ଼



**ଜଳେଶ୍ୱର, ୨୫।୮ (ସମିସ):** କିଛିଦିନର ଲଗାତାର ବର୍ଷା ଓ ବନ୍ୟାର ତାଣ୍ଡବ ଚଳିତ ବର୍ଷ ରାଖି ପୂର୍ଣ୍ଣିମାର ଆନନ୍ଦ ଉତ୍ସାହ ଫିକା ପଡିଯିବ ବୋଲି ବ୍ୟବସାୟୀ ଓ ଭଉଣୀ ମାନେ ଆଶଙ୍କା କରୁଥିବା ବେଳେ କିଛି ଦିନଧରି ଭଲ ପାଗ ସମସ୍ତଙ୍କ ମନରେ ନୂତନ ଆନନ୍ଦ ଉତ୍ସାହ ଭରିଦେଇଛି । ଭିଡ ଜମୁଛି ରାକ୍ଷୀ ବଜାରରେ । ବିଭିନ୍ନ ରଙ୍ଗ, ଡିଜାଇନ ଓ ଆକର୍ଷଣୀୟ ରାକ୍ଷୀରେ ସାଜିଛି ଦୋକାନ ଗୁଡିକ । ବଜାରରେ ଛୋଟ ପିଲାଙ୍କ ପାଇଁ କାର୍ଟୁନ ଚରିତ୍ର ଥିବା ରାକ୍ଷୀ ଠାରୁ ଆରମ୍ଭ କରି ମୋତି, ଜରି, ଷ୍ଟୋନ ଓ ବିଭିନ୍ନ ଆକର୍ଷଣୀୟ ଡିଜାଇନର ରାକ୍ଷୀ ବଜାରରେ ବିକ୍ରି ପାଇଁ ସଜେଇ ଗ୍ରାହକ ମାନଙ୍କୁ ଆକର୍ଷିତ କରୁଛନ୍ତି ଦୋକାନୀମାନେ । ରାଖି ସହିତ ମିଠା ଓ ଉପହାର ସାମଗ୍ରୀର ଚାହିଦା ମଧ୍ୟ ବେଶ ବଢିଥିବାର ଦେଖିବାକୁ ମିଳୁଛି ।

# ଶୋଳକ୍ଷା ପାଣ୍ଟରୁ ଜଳ ନିଷ୍କାସନ ଦାବିରେ ତହସିଲ ଘେରଉ

ବାଲିଆପାଳ, ୨୫।୮ (ସମିସ)

ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ଜଳକା ଏବଂ ସୁବର୍ଣ୍ଣରେଖା ନଦୀରେ ଆସିଥିବା ବନ୍ୟା ବାଲିଆପାଳ ବାସୀଙ୍କ ପାଇଁ ଦୁଃଖ ନେଇ ଆସିଛି । ଶୋଳକ୍ଷା ପାଣ୍ଟରୁ ଦୀର୍ଘ ଦିନ ଧରି ପାଣି ନିଷ୍କାସନ ହୋଇ ନପାରି ହଜାର ହଜାର ହେକ୍ଟର ଚାଷ ଜମିରେ ୬ ଫୁଟରୁ ଅଧିକ ବର୍ଷା ଏବଂ ବନ୍ୟା ଜଳ ଜମି ରହିବାରୁ ଖରିଫ ଧାନ ଚାଷ ସମ୍ପୂର୍ଣ୍ଣ ପଚି ନଷ୍ଟ ହୋଇଯାଇଛି । ବିଶେଷ କରି ଜାମକୁଣ୍ଡା ପଂଚାୟତଠାରୁ ପଞ୍ଚୁପାଲି ପର୍ଯ୍ୟନ୍ତ ଦୀର୍ଘ ୧୩ କିଲୋମିଟର ଲମ୍ବ ଏବଂ ୫ କିଲୋମିଟର ଓସାରର ବିସ୍ତୀର୍ଣ୍ଣ ଚାଷ ଜମି ଜଳମଗ୍ନ ହୋଇରହିଛି । ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଷୀ ମାନେ ଜଳ ନିଷ୍କାସନ ପାଇଁ ଦାବି କରି ଆସୁଥିଲେ ମଧ୍ୟ ସରକାର ଏହାର କୌଣସି ସ୍ଥାୟୀ ପ୍ରତିକାର କରୁ ନାହାନ୍ତି ।, ଅନ୍ୟପକ୍ଷରେ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ କୋଷ୍ଟ କେନାଲର ଉଭୟ ପାଶ୍ୱର୍ରେ ମାଟି ପକାଇ କୋଷ୍ଟ କେନାଲର ଆଡ଼ିବନ୍ଧକୁ ଚଉଡା କରାଯିବା ଆଳରେ ପାଣି ନିଷ୍କାସନ ପାଇଁ ଥିବା ରାସ୍ତା ସଂକୁଚିତ କରାଯିବା ଏବଂ ବିଭିନ୍ନ ପାଣି ନିଷ୍କାସନ ରାସ୍ତାକୁ ବାଲି ବୁରା ପକାଇ ଅବରୋଧ କରାଯାଇଥିବାରୁ ଜଳ ନିଷ୍କାସନ ହୋଇ ପାରୁନାହିଁ । ତେଣୁ ଶୋଳକ୍ଷା ପାଣ୍ଟରୁ ସ୍ଥାୟୀ ଭାବରେ ଜଳ ନିଷ୍କାସନ, ସୁବର୍ଣ୍ଣରେଖା ନଦୀର ବନ୍ୟାରେ କ୍ଷତି ଗ୍ରସ୍ତ ଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ ସହିତ ସମସ୍ତ କୃଷି ଋଣ ଛାଡ କରିବା, କୋଷ୍ଟ କେନାଲ ଦୁଇ ପାଶ୍ୱର୍ରେ ଥିବା ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିବା ଆଦି ବିଭିନ୍ନ ଦାବିରେ ବାଲିଆପାଳ ଚାଷୀ ଏକତା ମଞ୍ଚ ପକ୍ଷରୁ ମଞ୍ଚର ସଭାପତି କୁଶଧ୍ୱଜ ଜେନାଙ୍କ ସଭାପତିତ୍ୱରେ ତହସିଲ କାର୍ଯ୍ୟାଳୟ ଘେରାଉ କରିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିବାଦ ସଭାରେ ବଡାଶ ସରପଞ୍ଚ ଜଗନ୍ନାଥ ବିଶ୍ୱାଳ, ଜଗତିପୁର ସରପଞ୍ଚ ସୁବାଷ ବେହେରା, ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର, ମୃତ୍ୟୁଞ୍ଜୟ ରାଉତ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଯଦି ସରକାର ଏହାର କୌଣସି ସ୍ଥାୟୀ ପ୍ରତିକାର ନ କରନ୍ତି ତେବେ ଆଗାମୀ ଦିନରେ ଏହି ପ୍ରତିବାଦ ଜୋରଦାର କରାଯିବ ବୋଲି ଚାଷୀ ଏକତା ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି । ଶେଷରେ ଚାଷୀ ଏକତା ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।



# ସହାୟକ ବାଲେଶ୍ୱର ତରଫରୁ ଶ୍ରଦ୍ଧାଞ୍ଜଳି ସଭା

**ବାଲେଶ୍ୱର,୨୫।୮ (ସମିସ):** ସହାୟକ ବାଲେଶ୍ୱରର ଏକ ସ୍ୱତନ୍ତ୍ର ବୈଠକ ସଭାପତି ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଦିବଂଗତ ଲୋକନାଥ ଆଚାର୍ଯ୍ୟଙ୍କ ତିରୋଧାନରେ ସଦସ୍ୟମାନେ ଦୁଇମିନିଟ ନିରବ ପ୍ରାର୍ଥନା କରିଥିଲେ । ସଭାପତି ଡ. କ୍ଷିତୀଶ୍ୱର ଦାଶ ତାଙ୍କ ସହ ବିଭିନ୍ନ ସମୟରେ ସଂଶ୍ଳିଷ୍ଟ ଥିଲେ । ସଭାରେ ଅନ୍ୟତମ ବରିଷ୍ଠ ତଥା "ସହାୟକ'ର ପୃଷ୍ଠପୋଷକ ସଦସ୍ୟ ଇଂ. ଶ୍ରୀରାମ ପ୍ରସାଦ ଦାଶ ବନ୍ୟାପାଣି ଯୋଗୁଁ ଆସି ନ ପାରିବାରୁ ପଠାଇଥିବା ବାର୍ତ୍ତା ପାଠ କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ଇଂ. ବନମାଳୀ ନାୟକ, ଦିବାକର ମହାପାତ୍ର, ଇଂ ଗୌରାଙ୍ଗ ସାହୁ, ନିରଞ୍ଜନ ପରିଡ଼ା, ଦାମୋଦର ନାୟକ, ସୁରେନ୍ଦ୍ର ପ୍ରସାଦ ଧଳ, ପ୍ରଫୁଲ୍ଲ କୁମାର ଦାସ, ସଞ୍ଜୟ କୁମାର ପଣ୍ଡା, ଡ. ତାରାକାନ୍ତ ନନ୍ଦ, ଶରତ ଚନ୍ଦ୍ର ବିଶ୍ୱାଳ, ଗଙ୍ଗାଧର ପୃଷ୍ଟି, ରବି କୁମାର ପାଣିଗ୍ରାହୀ, କାମିନୀକାନ୍ତ ପାଢ଼ୀ, ରବିନାରାୟଣ ବେହେରା, ଶ୍ୟାମ ସୁନ୍ଦର ଜେନା, ସୁକୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଥିଲେ ।

### ଭଞ୍ଜସେନା ପ୍ରତିଷ୍ଠାତାଙ୍କ ରାଷ୍ଟ୍ରପତିଙ୍କୁ ଗୁହାରି

# ମା' କିଚକେଶ୍ୱରୀ ମନ୍ଦିର ଓ ରାଜପ୍ରାସାଦର ପୁନରୁଦ୍ଧାର କରାଯାଉ

ବାରିପଦା, ୨୫।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ଦୁଇ ଐତିହ୍ୟ ସ୍ଥଳୀର ପୁନରୁଦ୍ଧାର ନିମନ୍ତେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ଗୁହାରି କରାଯାଇଛି। ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂସ୍ଥ ମା' କିଚକେଶ୍ୱରୀ ମନ୍ଦିରର ପୁନରୁଦ୍ଧାର ସହିତ ତା'ର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ଓ ଧ୍ୱଂସ ହେବା ଦ୍ୱାରଦେଶରେ ଥିବା ବାରିପଦାର ପୂର୍ବତନ ରାଜପ୍ରାସାଦ ଓ ବର୍ତ୍ତମାନର ଏମପିସି ଜୁନିୟର କଲେଜର ପୁନରୁଦ୍ଧାର କରିବା ନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମେଲ ଯୋଗେ ଏକ ଦାବିପତ୍ର ପଠାଇ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଏଥିସହିତ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ଭେ କାର୍ଯ୍ୟାଳୟ, ଓଡ଼ିଶା ମୁଖ୍ୟ ଶାସନ ସଚିବ, ଓଡ଼ିଶା ପୂର୍ତ୍ତ ବିଭାଗ ସଚିବଙ୍କ ସହ ମୟୂରଭଞ୍ଜ ଜିଲାପାଳଙ୍କୁ ଏକକିତା ନକଲ ପ୍ରଦାନ କରିଛନ୍ତି।

ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲାର ଦୁଇଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଐତିହ୍ୟ ସ୍ଥଳୀ ଜରାଜୀର୍ଣ୍ଣ ଓ ଭଗ୍ନାବସ୍ଥାରେ ପଡ଼ିରହିଛି। ଏହାର ସଂରକ୍ଷଣ ପ୍ରତି ହେଉଥିବା ଅବହେଳା ଯୋଗୁଁ ଜିଲ୍ଲାବାସୀଙ୍କ ମନରେ ଗଭୀର ଆଘାତ ସୃଷ୍ଟି କରୁଛି। ଏହି ସ୍ଥାନଗୁଡ଼ିକ କେବଳ ଐତିହାସିକ କୀର୍ତ୍ତିସ୍ଥଳୀ ନୁହେଁ; ଏଗୁଡ଼ିକ ମୟୂରଭଞ୍ଜ ତଥା ସମଗ୍ର ଓଡ଼ିଶାର ସମୃଦ୍ଧ ଇତିହାସ, ସଂସ୍କୃତି, ସ୍ଥାପତ୍ୟ କଳା ଓ ଗୌରବମୟ ଐତିହ୍ୟର ଅମୂଲ୍ୟ ପ୍ରତୀକ ଭାବେ ଦଣ୍ଡାୟମାନ। ଏ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଜନପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଆଦୌ ତତ୍ପରତା ପ୍ରକାଶ ପାଉନାହିଁ। ମା' କିଚକେଶ୍ୱରୀଙ୍କ ମନ୍ଦିର ଓଡ଼ିଶାର ଅନ୍ୟତମ ପ୍ରମୁଖ ଐତିହ୍ୟ ସ୍ଥଳୀ। ଅନନ୍ୟ ସ୍ଥାପତ୍ୟଶୈଳୀ ଓ ସମ୍ପୂର୍ଣ୍ଣ କଳା ମୁଗୁନି ପଥରରେ ନିର୍ମିତ ଏହି ମନ୍ଦିରର ବିଶେଷ ଐତିହାସିକ ଓ ସ୍ଥାପତ୍ୟଗତ ମହତ୍ତ୍ୱ ରହିଛି। ଏହା ପ୍ରାୟ ନବମ/ ଦଶମ ଶତାବ୍ଦୀରେ ନିର୍ମିତ ବୋଲି ମନେ କରାଯାଏ। ଜିଲ୍ଲାବାସୀଙ୍କ ପକ୍ଷରୁ ମନ୍ଦିରର ଉପଯୁକ୍ତ ରକ୍ଷଣାବେକ୍ଷଣ, ସଂରକ୍ଷଣ ଓ ଏହାର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପାଇଁ ବାରମ୍ବାର ଦାବି ଓ ନିବେଦନ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆଶାନୁରୂପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏହି ଐତିହ୍ୟ ସ୍ଥଳୀର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନାରେ ପ୍ରାୟ ୧୦୦ କୋଟି ଟଙ୍କାର ଅର୍ଥରାଶି ଘୋଷଣା କରାଯାଇଥିବା ଜଣାପଡ଼ିଛି। ନିକଟରେ ଏହି କାର୍ଯ୍ୟ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ୍ କର୍ପୋରେସନ୍‌କୁ ହସ୍ତାନ୍ତର କରାଯାଇଥିବା ମଧ୍ୟ ସୂଚନା ମିଳିଛି। ଏତେ ବଡ଼ ଅର୍ଥରାଶି ଘୋଷଣା ଓ କାର୍ଯ୍ୟ ଏକ ସରକାରୀ ସଂସ୍ଥାକୁ ହସ୍ତାନ୍ତର ସତ୍ତ୍ୱେ ପ୍ରକଳ୍ପର ବାସ୍ତବ ଅଗ୍ରଗତି ନେଇ ଜନସାଧାରଣଙ୍କ ମଧ୍ୟରେ ଗଭୀର ଉଦବେଗ ରହିଛି। ପ୍ରାୟ ଏକ ହଜାର ବର୍ଷ ପୁରୁଣା ଏହି ଐତିହାସିକ ମନ୍ଦିରର ଉପଯୁକ୍ତ ବୈଜ୍ଞାନିକ ସଂରକ୍ଷଣ ଓ ସମୟୋପଯୋଗୀ ରକ୍ଷଣାବେକ୍ଷଣ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି। ଆହୁରି ବିଳମ୍ବ ହେଲେ ଏହି ଅମୂଲ୍ୟ ଐତିହ୍ୟର ସ୍ଥାପତ୍ୟଗତ ଓ ଐତିହାସିକ ସ୍ୱରୂପ ଅପୂରଣୀୟ କ୍ଷତିର ସମ୍ମୁଖୀନ ହୋଇପାରେ ବୋଲି ଆଶା କରାଯାଉଛି।

ସେହିପରି ବାରିପଦାସ୍ଥ ମୟୂରଭଞ୍ଜର ପୂର୍ବତନ ରାଜପ୍ରାସାଦ ଯାହା ମୟୂରଭଞ୍ଜର ଇତିହାସ ଓ ରାଜ ପରମ୍ପରାର ଏକ ଅମୂଲ୍ୟ ସ୍ମାରକ। ତାହାର ଦୟନୀୟ ଅବସ୍ଥା ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ। ରାଜପ୍ରାସାଦର ପୁନରୁଦ୍ଧାର ପାଇଁ ବାରିପଦା ପୂର୍ତ୍ତ ବିଭାଗ ପକ୍ଷରୁ ବହୁ ପୂର୍ବରୁ ସର୍ଭେ କରାଯାଇ ଆବଶ୍ୟକ ଅଟକଳ ରାଶି ପ୍ରସ୍ତୁତ କରି ସରକାରଙ୍କୁ ପଠାଯାଇଥିଲା। ଦୁଃଖର ବିଷୟ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ଏହାର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ଓ ଦୃଶ୍ୟମାନ ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ରାଜପ୍ରାସାଦର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଛାତ ଓ କାନ୍ଥରୁ ପାଣି ଝରୁଛି। ଅନେକ ସ୍ଥାନରେ ନିର୍ମାଣର ଅଂଶ ଭାଙ୍ଗିଯାଇଛି। ଧ୍ୱଂସ ହେବା ଆଶଙ୍କା ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ଅନାବନା ଘାସ, ଗଛ ଓ ଲତାଗୁଳ୍ମ ବଢ଼ିଯାଇଛି। ଏଥିସହିତ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଥିବାରୁ ଭବନର ସ୍ଥାୟିତ୍ୱ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ସବୁଠାରୁ ଗୁରୁତର ବିଷୟ ହେଉଛି, ବର୍ତ୍ତମାନ ଏହି ଐତିହାସିକ କୋଠାଟି ଏମପିସି ଜୁନିଅର କଲେଜ ଛାତ୍ରୀଛାତ୍ରଙ୍କ ବ୍ୟବହାରରେ ରହିଛି। ତେଣୁ ଭବନର କ୍ରମାଗତ ଅବକ୍ଷୟ କେବଳ ଐତିହ୍ୟ ସଂରକ୍ଷଣର ପ୍ରସଙ୍ଗ ନୁହେଁ, ବରଂ ଏହା ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ଜୀବନ ଓ ସୁରକ୍ଷା ସହିତ ଜଡ଼ିତ ଏକ ଗୁରୁତର ପ୍ରସଙ୍ଗ। ଏପରି ଦୁର୍ବଳ ଅବସ୍ଥାରେ ଭବନର ବ୍ୟବହାର ଜାରି ରହିବା ଯେକୌଣସି ସମୟରେ ଏକ ଅପ୍ରୀତିକର ଓ ଦୁଃଖଦ ଘଟଣାର କାରଣ ହୋଇପାରେ। ମୟୂରଭଞ୍ଜର ଏହି ରାଜପ୍ରାସାଦ ଆମ ଇତିହାସ, ପରମ୍ପରା ଓ ସାମୂହିକ ପରିଚୟର ଏକ ଅବିଚ୍ଛିନ୍ନ ଅଂଶ। ପ୍ରଶାସନିକ ବିଳମ୍ବ ଓ ଅବହେଳା ଯୋଗୁଁ ଏପରି ଏକ ଐତିହାସିକ କୀର୍ତ୍ତିକୁ ନଷ୍ଟ ହେବାକୁ ଦେବା ଅର୍ଥ ହେଉଛି ଆମ ଇତିହାସର ଏକ ଅପୂରଣୀୟ ଅଧ୍ୟାୟକୁ ହରାଇବା। ଏହି ଦୁଇଟି ଐତିହାସିକ ସ୍ଥଳୀର ସଂରକ୍ଷଣ ଓ ପୁନରୁଦ୍ଧାର ନିମନ୍ତେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ତତ୍କାଳ ଓ ସମୟବଦ୍ଧ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେବାକୁ କୃପା କରନ୍ତୁ ବୋଲି ଦାବିରେ ଦର୍ଶାଯାଇଛି।

ଖିଚିଂସ୍ଥ ମା' କିଚକେଶ୍ୱରୀ ମନ୍ଦିରର ସଂରକ୍ଷଣ, ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ ଓ ଘୋଷିତ ମଞ୍ଜୁର ଅର୍ଥରାଶିର ଉପଯୁକ୍ତ ଓ ସ୍ୱଚ୍ଛ ବ୍ୟବହାର ସୁନିଶ୍ଚିତ କରାଯାଉ। ଡିପିଆର ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ଓ ଓବିସିସିକୁ ଦିଆଯାଇଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଏକ ସ୍ୱଷ୍ଟ ଷ୍ଟାଟସ୍ ରିପୋର୍ଟ ପ୍ରସ୍ତୁତ କରାଯାଉ। ଯେଉଁଥିରେ କାର୍ଯ୍ୟର ପରିସର, ଆରମ୍ଭ ତାରିଖ ଓ ସମ୍ଭାବ୍ୟ ସମାପ୍ତି ସମୟସୀମା ଉଲ୍ଲେଖ ରହିବ। ରାଜପ୍ରାସାଦର ତୁରନ୍ତ ଷ୍ଟ୍ରକ୍‌ଚରାଲ୍ ସେଫ୍ଟି ଆସେସମେଣ୍ଟ କରାଯାଉ। ପୂର୍ତ୍ତ ବିଭାଗ ପକ୍ଷରୁ ପୂର୍ବରୁ କରାଯାଇଥିବା ସର୍ଭେ ଓ ପ୍ରସ୍ତୁତ ଅଟକଳ ଆଧାରରେ ରାଜପ୍ରାସାଦର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ କିମ୍ବା ଆବଶ୍ୟକ ହେଲେ ଏକ ନୂତନ ବୈଜ୍ଞାନିକ ଯାଞ୍ଚ କରାଯାଉ। ଉଭୟ ଐତିହ୍ୟସ୍ଥଳୀର ସଂରକ୍ଷଣ କାର୍ଯ୍ୟ ବୈଜ୍ଞାନିକ ଓ ଉପଯୁକ୍ତ ଐତିହ୍ୟ ସଂରକ୍ଷଣ ପ୍ରଣାଳୀ ଅନୁସରଣ କରି କରାଯାଉ। ଯଦ୍ୱାରା ଏହାର ମୂଳ ସ୍ଥାପତ୍ୟଗତ ଓ ଐତିହାସିକ ସ୍ୱରୂପ ଅକ୍ଷୁଣ୍ଣ ରହିପାରିବ। ଏହି ଐତିହାସିକ କୀର୍ତ୍ତି କେବଳ ମୟୂରଭଞ୍ଜ କିମ୍ବା ଓଡ଼ିଶାବାସୀଙ୍କର ନୁହେଁ, ବରଂ ଏଗୁଡ଼ିକ ସମଗ୍ର ଭାରତର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ। ଥରେ ଐତିହାସିକ ସ୍ଥାପତ୍ୟ ନଷ୍ଟ ହୋଇଗଲେ ତାହାକୁ ତାହାର ମୂଳ ଐତିହାସିକ ସ୍ୱରୂପରେ ପୁନଃନିର୍ମାଣ କରିବା ସମ୍ଭବ ନୁହେଁ। ତେଣୁ ଆଉ ବିଳମ୍ବ ନ କରି ଏହି ଦୁଇଟି ଅମୂଲ୍ୟ ଐତିହ୍ୟସ୍ଥଳୀର ସୁରକ୍ଷା ଓ ସଂରକ୍ଷଣ ପାଇଁ ତତ୍କାଳ ପଦକ୍ଷେପ ନିଆଯିବା ଅତ୍ୟନ୍ତ ଆବଶ୍ୟକ। ଏହି ଐତିହାସିକ ଐତିହ୍ୟର ସୁରକ୍ଷା ପାଇଁ ଆପଣଙ୍କ ହସ୍ତକ୍ଷେପ ଆମ ପାଇଁ ଅତ୍ୟନ୍ତ ମୂଲ୍ୟବାନ ହେବ ବୋଲି ଉଲ୍ଲେଖ କରାଯାଇଥିବା ନେଇ ସେନାର ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଜଣାଇଛନ୍ତି।

# ଗିନିଜ ୱାର୍ଲ୍ଡ ରେକର୍ଡସରେ କୌଶିକ ହୋତା



ରାଇରଙ୍ଗପୁର, ୨୫।୮ (ସମିସ): ଶିକ୍ଷା ଓ ଅତିରିକ୍ତ ପାଠ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ହାସଲ କରି ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଜେ) ଶିକ୍ଷା ବିଭାଗର ଇଣ୍ଟିଗ୍ରେଟେଡ୍ ବିଏ ବିଏଡ୍‌ର ଛାତ୍ର କୌଶିକ କୁମାର ହୋତା ଗିନିଜ୍ ୱାର୍ଲ୍ଡ ରେକର୍ଡସରୁ ଆନୁଷ୍ଠାନିକ ସ୍ୱୀକୃତି ଲାଭ କରି ନିଜ ସଫଳତାରେ ଆଉଏକ ମାଇଲଖୁଣ୍ଟ ଯୋଡ଼ିଛନ୍ତି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ଯୁବ ବ୍ୟାପାର ବିଭାଗ ଦ୍ୱାରା ମେରା ଯୁବା ଭାରତ ପୋର୍ଟାଲ ମାଧ୍ୟମରେ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମ 'ଦି ମୋଷ୍ଟ ୟୁର୍ଜ ଟୁ ଟେକ୍ ଆନ୍ ଅନଲାଇନ କୁଇଜ୍ ଅନ୍ ୱାନ ୱିକ୍'ରେ କୌଶିକ ଅଂଶଗ୍ରହଣ କରିଥିଲେ। ସାରା ଦେଶରୁ ୩, ୯୦, ୮୧୨ ଜଣ ପ୍ରତିଯୋଗୀଙ୍କ ଅଂଶଗ୍ରହଣରେ ସୃଷ୍ଟି ହୋଇଥିବା ଏହି ରେକର୍ଡକୁ ୪ ଜୁନ୍ ୨୦୨୬ରେ ଆନୁଷ୍ଠାନିକ ଭାବେ ପ୍ରମାଣିତ ଓ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ଆନ୍ତର୍ଜାତିକ ସ୍ୱୀକୃତି କୌଶିକଙ୍କ ସଫଳତାର ତାଲିକାକୁ ଆହୁରି ସମୃଦ୍ଧ କରିଛି। ଏହା ପୂର୍ବରୁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍, ଏସିଆ ବୁକ୍ ଅଫ୍ ରେକର୍ଡସ୍, ଇଣ୍ଟରନ୍ୟାସନାଲ୍ ବୁକ୍ ଅଫ୍ ରେକର୍ଡସ୍, ଆମେରିକା ବୁକ୍ ଅଫ୍ ରେକର୍ଡସ୍ ଓ ଗୋଲ୍ଡେନ୍ ବୁକ୍ ଅଫ୍ ରେକର୍ଡସ୍ ଭଳି ଅନେକ ପ୍ରତିଷ୍ଠିତ ରେକର୍ଡ ପୁସ୍ତକରେ ନିଜ ନାମ ସ୍ଥାନିତ କରିସାରିଛନ୍ତି। ତାଙ୍କର ନିରନ୍ତର ଉତ୍କର୍ଷତା, ପୁସ୍ତକ ରଚନା ଓ ବିଭିନ୍ନ ବିଶ୍ୱ ରେକର୍ଡ ପାଇଁ ପୂର୍ବରୁ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ତାଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଝାଡ଼ଖଣ୍ଡର ରାଜ୍ୟପାଳ ସନ୍ତୋଷ ଗାଙ୍ଗୱାର ମଧ୍ୟ ଲୋକ ଭବନରେ ଏକ ସାକ୍ଷାତକାର ସମୟରେ କୌଶିକଙ୍କ ଏହି ବିଶେଷ ଉପଲବ୍ଧି ପାଇଁ ପ୍ରଶଂସା କରିଥିଲେ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟା ମଧ୍ୟ କୌଶିକଙ୍କ ଉଲ୍ଲେଖନୀୟ ସଫଳତା ଓ କୃତିତ୍ୱ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୌଶିକ ଜନସେବା ଓ ଶିକ୍ଷାଗତ ମୂଲ୍ୟବୋଧ ସହିତ ଜଡ଼ିତ ଏକ ପରିବାରରୁ ଆସିଛନ୍ତି। ସେ ଅବସରପ୍ରାପ୍ତ ସହକାରୀ ବ୍ଲକ ଶିକ୍ଷାଧିକାରୀ ହରୀଶ ଚନ୍ଦ୍ର ହୋତା ଓ ଶିକ୍ଷୟିତ୍ରୀ ଅନୁପମା ନନ୍ଦଙ୍କ ପୁତ୍ର। ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରଶାସକ ଓ ଛାତ୍ରଛାତ୍ରୀଙ୍କ ସମେତ ଅଞ୍ଚଳର ଶୁଭେଚ୍ଛୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଫଟୋଗ୍ରାଫି ଦୁନିଆର କିମ୍ବଦନ୍ତୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ୧୦୨ତମ ଜୟନ୍ତୀ



ବାରିପଦା, ୨୫।୮ (ସମିସ): ଫଟୋଗ୍ରାଫି କେବଳ ସ୍ମୃତି ସଂରକ୍ଷଣ କରେନାହିଁ। ଜଣେ ସମ୍ବେଦନଶୀଳ ଫଟୋଗ୍ରାଫର୍ ଫଟୋକୁ ଜୀବନ ମଧ୍ୟ ଦେଇପାରେ। ଯେଉଁ ସମୟରେ ଓଡ଼ିଶା ଭଳି ରାଜ୍ୟରେ ଖବରକାଗଜରେ ଫଟୋଟିଏ ଛପିବା ବିରଳ ଥିଲା, ସେ ସମୟରେ ଫଟୋ ସାମ୍ବାଦିକତାକୁ ଓହ୍ଲାଇଥିଲେ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ। ତାଙ୍କରି କଳାଧଳା ଫଟୋ ଖବରକାଗଜକୁ ଋଦ୍ଧିମନ୍ତ କରିପାରିଥିଲା। ମୟୂରଭଞ୍ଜ ରାଜ୍ୟର ମିଶ୍ରଣ, ରଥଯାତ୍ରା, ଓଡ଼ିଶା ରାଜନୀତି ପାଖରୁ ଆରମ୍ଭ କରି ବାଘରାଣୀ ଖଇରିର ଚପଳତାକୁ ଏହି କଳାଧଳା କ୍ୟାମେରାରେ ସେ ବାନ୍ଧି ରଖିପାରିଥିଲେ। ଏହା ଦେଇଥିଲା ତାଙ୍କୁ ରାଜ୍ୟର ପ୍ରଥମ 'ଫଟୋ ସାମ୍ବାଦିକ'ର ମାନ୍ୟତା। ଓଡ଼ିଶାର 'ଫଟୋଗ୍ରାଫି' ଜଗତରେ ସ୍ୱର୍ଗତ ବିନ୍ଧାଣୀ ଏକ ମାଇଲଖୁଣ୍ଟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଚେତନାର ପଥେ ପଞ୍ଚକୋଷ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରର ଗୀତଗୋବିନ୍ଦ ସଦନରେ ଆୟୋଜିତ ଓଡ଼ିଶାର ପ୍ରଥମ ଫଟୋ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ୧୦୨ତମ ଜୟନ୍ତୀ ସମାରୋହରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି।

ସୁଧୀର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର୍ କିଶୋର ବସା ନିବନ୍ଧ ପାଠ କରି କହିଲେ, ସ୍ୱର୍ଗତ ବିନ୍ଧାଣୀ ନିଜ କ୍ୟାମେରା ଲେନ୍ସରେ ଓଡ଼ିଶାର ଜନଜୀବନର ଚିତ୍ରକୁ କାବୁ କରିପାରିଥିଲେ। ସେ ଉତ୍ତୋଳନ କରିଥିବା ଆମ ଐତିହ୍ୟ, ସଂସ୍କୃତିର ଫଟୋଚିତ୍ର ସବୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିପାରିଥିଲା। ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ କହିଲେ, କଳାଧଳା ଫଟୋ ଉତ୍ତୋଳନ ଏକ କୌଶଳ। ଏହି କୌଶଳକୁ ସ୍ୱର୍ଗତ ବିନ୍ଧାଣୀ କରାୟତ୍ତ କରିପାରିଥିଲେ। କାମ ପ୍ରତି ତାଙ୍କର କର୍ତ୍ତବ୍ୟ ନିଷ୍ଠା ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ, ସ୍ତମ୍ଭକାର ଭାସ୍କର ପରିଚ୍ଛା, ଐତିହ୍ୟ ସଂଗ୍ରାହକ ବିଭୁପ୍ରସାଦ ଦାସ, ସାମ୍ବାଦିକ ପ୍ରଦୀପ ପାଣ୍ଡେ, ସଙ୍ଗୀତଜ୍ଞ ଦେବାଶିଷ ମହାପାତ୍ର, ଚିତ୍ରଶିଳ୍ପୀ ବିଜୟନ୍ତ ଦାଶ ପ୍ରମୁଖ ସ୍ୱର୍ଗତ ବିନ୍ଧାଣୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏ ଅବସରରେ 'ଶତାୟୁ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ: ଅଳ୍ପରେ ଅନେକ' ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ୯ ଜଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ 'ଶତବାର୍ଷିକୀ ସ୍ମାରକୀ ସେବା' ସମ୍ମାନରେ ବାରିପଦାର ବର୍ଷିୟାନ୍ ଫୋଟଗ୍ରାଫର ଅନନ୍ତ ବାଗ୍ ଓ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ଶତବାର୍ଷିକୀ ସ୍ମାରକୀ ଗବେଷଣାତ୍ମକ ପ୍ରଲେଖନ ପ୍ରତିଭା ସମ୍ମାନରେ ଇଂ ମାନସ ରଞ୍ଜନ ଷଡ଼ଙ୍ଗୀ ସମ୍ମାନିତ ହୋଇଥିଲା। ବିଶ୍ୱେଶ୍ୱର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମାନସ ରଞ୍ଜନ ଷଡ଼ଙ୍ଗୀ, ଆଭା ମିଶ୍ର ସହଯୋଗ କରିଥିଲେ। ସ୍ୱର୍ଗତ ବିନ୍ଧାଣୀଙ୍କ ଝିଅ ପୂର୍ବତନ ରାଜ୍ୟ ସୂଚନା କମିଶନର ଶଶୀପ୍ରଭା ବିନ୍ଧାଣୀ ଧନ୍ୟବାଦ ଦେଇଥିଲେ।

# ଏମ୍‌ଏମ୍‌ଡିଆର୍ କଳା ଆଇନ ରଦ୍ଦ ଦାବିରେ ବିକ୍ଷୋଭ

ବାରିପଦା, ୨୫।୮ (ସମିସ): ରାଜ୍ୟର ଖଣି ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ବ୍ୟବସ୍ଥାର ଅଧିକାରକୁ କବର ଦେଇ ଖଣି ଓ ଖଣିଜ ଜାତ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ (ଏମଏମଡିଆର୍) ସଂଶୋଧନ ଆଇନ୍ -୨୦୨୬ ପ୍ରଣୟନ କରି ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ଗର୍ଭକୁ ଚିରି ଖଣିଜ ସମ୍ପଦର ମାଲିକାନା କେନ୍ଦ୍ରର ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ବିଜେପି ସରକାର ଛଡ଼ାଇ ନେଇଛନ୍ତି। ସୁପ୍ରିମକୋର୍ଟଙ୍କ ୯ ଜଣିଆ ଡିଭିଜନ ବେଞ୍ଚଙ୍କ ଜୁଲାଇ ୨୦୨୪ ନିର୍ଦ୍ଦେଶ ଅନୁସାରେ ଓଡ଼ିଶାକୁ ପିଛିଲା ଖଣିଜ ଟିକସରୁ ଅନ୍ୟୁନ ୧ ଲକ୍ଷ ୧୦ ହଜାର କୋଟି ଟଙ୍କା ଓ ଆଗକୁ ମିଳିବାକୁ ଥିବା ବାର୍ଷିକ ଅନ୍ୟୁନ ୧୨ ହଜାର କୋଟି ଟଙ୍କାର ଟିକସ ନିର୍ଦ୍ଦେଶକୁ ଅକାମୀ କରି ଲୁଟ୍ କରିବା ପାଇଁ ଏ କଳା ଆଇନର ବ୍ୟବସ୍ଥା କରାଗଲା। ରାଜ୍ୟ ସ୍ୱାର୍ଥ ରକ୍ଷା ପାଇଁ ବିଲ୍ ବିରୋଧରେ ମୁହଁ ଖୋଲିବା ପରିବର୍ତ୍ତେ ଓଡ଼ିଶାରୁ ସଂସଦକୁ ପ୍ରତିନିଧିତ୍ୱ କରୁଥିବା ରାଜ୍ୟ ସ୍ୱାର୍ଥ ବିରୋଧୀ ବିଜେପି ସାଂସଦ ଖଣି ଲୁଣ୍ଠନର ଭାଗିଦାରୀ ହୋଇଛନ୍ତି। ବିଶ୍ୱାସଘାତକ ଜନପ୍ରତିନିଧିଙ୍କୁ ରାଜ୍ୟବାସୀ କ୍ଷମା କରିବେନାହିଁ। ଏହାକୁ ନେଇ ରାଜ୍ୟବ୍ୟାପୀ ମଙ୍ଗଳବାର ପ୍ରତିରୋଧ ଦିବସ ପାଳନର ଅଂଶବିଶେଷ ଭାବେ ମୟୂରଭଞ୍ଜ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଇଣ୍ଡି ବ୍ଲକ କଂଗ୍ରେସ, ସିପିଆଇ ଓ ସିପିଏମ ପକ୍ଷରୁ ବିକ୍ଷୋଭ କଂଗ୍ରେସ (ପୂର୍ବ) ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଏମଏମଡିଆର୍ ଆଇନ୍ ସମ୍ପର୍କରେ ଆଲୋଚନା ପାଇଁ ତୁରନ୍ତ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡକାଇବା ପାଇଁ ଦୃଢ଼ ଦାବି କରାଯାଇଛି।





ପ୍ରତିବାଦ ସଭାରେ କଂଗ୍ରେସ (ପଶ୍ଚିମ) ସଭାପତି ଭୁବନବିହାରୀ ସାହୁ, ଜ୍ୟୋତି ପ୍ରକାଶ ରଥ, ନାରାୟଣ ପଟ୍ଟନାୟକ, ଚୈତନ୍ୟ ହାଁସଦା, ସବିତା ସୋରେନ୍, ସୁନିତା ନାଏକ, ସିପିଆଇ ପକ୍ଷରୁ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ପରମେଶ୍ୱର ମହାନ୍ତ, ସିପିଏମ ପକ୍ଷରୁ ଜିଲ୍ଲା ସମ୍ପାଦକ ସାଥୀ ମୃତ୍ୟୁଞ୍ଜୟ ବେହେରା, ରବି ଗୋସ୍ୱାମୀ, ଅମଲ ଦେ କଳା ଆଇନ୍ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କଂଗ୍ରେସର ଶାନ୍ତନୁ ପାଲ୍ ସଭା ପରିଚାଳନା କରିଥିଲେ। ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ରାଜ୍ୟ ସ୍ୱାର୍ଥ ବିରୋଧୀ ୨୦ ସାଂସଦ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସୁସ୍ମିତା ଘୋଷାଲ ଧନ୍ୟବାଦ ଦେଇଥିଲେ। ସଭାରେ କଂଗ୍ରେସ ପକ୍ଷରୁ ମାଧବୀ ସେନାପତି, ଗୌରୀ ନାୟକ, ଭୁବନେଶ୍ୱରୀ ଜେନା, ଜ୍ୟୋତିରଞ୍ଜନ ଦାସ, ଅସିତ ଦାସ, ସେକ ରଖିମ୍, ସେକ ଏକବାଲ, ପ୍ରଫୁଲ୍ଲ ଦାସ, ଦୁଃଖୀଶ୍ୟାମ ମୁର୍ମୁ, ନିହାର ରଞ୍ଜନ ମଡୁଆଲ, ଠାକୁର ସୋରେନ, ଦିଲ୍ଲୀପ ନାୟକ, ଜବାମଣି ଟୁଡୁ, ସ୍ୱରୂପ ମିଶ୍ର, ପ୍ରଦୀପ ମିଶ୍ର, ରବୀନ୍ଦ୍ର ଗିରି, ସିପିଆଇ ପକ୍ଷରୁ ସାଥୀ ଶ୍ରୀକାନ୍ତ ସାମଲ, ନାରାୟଣ ଟୁଡୁ, କାହ୍ନୁଚରଣ ବେହେରା, ପାରାଉ ହାଁସଦା, ଦୁର୍ଗା ମାରାଣ୍ଡି, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକା ଅନ୍ତଃସତ୍ତ୍ୱା ଅଭିଯୋଗରେ ଦୁଇ ଗିରଫ

କୁଆମରା, ୨୫।୮ (ସମିସ): ଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ଅନ୍ତଃସତ୍ତ୍ୱା ହୋଇଥିବା ଅଭିଯୋଗରେ ପୁଲିସ ଜଣେ ନାବାଳକ ସହ ଅନ୍ୟଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ଜାନୁଆରୀ ମାସରେ ଜଣେ ଯୁବକ ଓ ନାବାଳକ ସହ ପୀଡ଼ିତାଙ୍କର ଶାରୀରିକ ସମ୍ପର୍କ ଗଢି ଉଠିଥିଲା। ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ହୋଇଥିବାବେଳେ ନାବାଳକ ଉଦଳା ଥାନା ଅଞ୍ଚଳର। ନାବାଳକ ମାମୁଁ ଘରକୁ ଯା'ଆସ କରୁଥିବାବେଳେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା ଓ ପରେ ଶାରୀରିକ ସମ୍ପର୍କ ଗଢ଼ି ଉଠିଥିଲା। ନାବାଳିକା ଆଠ ମାସର ଗର୍ଭବତୀ ହୋଇଥିବାବେଳେ ବିବାହର ପ୍ରସ୍ତାବ ଦେଇଥିଲେ ପୀଡ଼ିତାଙ୍କ ପରିବାର। ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ଅଭିଯୁକ୍ତ। ଫଳରେ ନାବାଳିକା ଥାନାରେ ଅଭିଯୋଗ କରିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମାମଲା ରୁଜୁ କରିଛି। ତେବେ ଆଜି ନାବାଳକ ସହ ସ୍ଥାନୀୟ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି।

# ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସାଂଗଠନିକ ସମ୍ପାଦକଙ୍କୁ ସ୍ୱାଗତ

ଉଦଳା, ୨୫।୮ (ସମିସ): ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ସମ୍ପାଦକ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିଥିବା ଲଳିତ କୁମାର ବେହେରାଙ୍କୁ ଉଦଳା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏ ଅବସରରେ





ଆୟୋଜିତ ସଭାରେ ବ୍ଲକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ବେହେରା ସଭାପତିତ୍ୱ କରିଥିଲେ। ସଂଘର ଉପଦେଷ୍ଟା ଆରତ ପରିଡ଼ା ନୂତନ ଦାୟିତ୍ୱ ପାଇଥିବା ଲଳିତ କୁମାର ବେହେରାଙ୍କୁ ଦିଗଦର୍ଶନ ପ୍ରଦାନ କରିବା ସହ ଶିକ୍ଷକ ସମୂହଙ୍କ ସ୍ୱାର୍ଥ ହାସଲ ଓ ସମସ୍ୟା ସମାଧାନ ଦିଗରେ ସଦାସର୍ବଦା ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ବ୍ଲକ ସଂଘ ଉପସଭାପତି ମାଳତୀ ବେହେରା, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତ, ସଂଘର ଅନ୍ୟତମ ଉପଦେଷ୍ଟା ପ୍ରମୋଦ ମହାନ୍ତି, ସମୀକ୍ଷକ ମିନାକ୍ଷୀ ପାଲ, କୋଷାଧ୍ୟକ୍ଷ ମିନାକ୍ଷୀ ମିଶ୍ରଙ୍କ ସମେତ ସଂଘର ସକ୍ରିୟ ସଦସ୍ୟ ଦୁର୍ଯ୍ୟୋଧନ ଦଳେଇ, ଇନ୍ଦିରା ପ୍ରିୟଦର୍ଶିନୀ ସାମଲ, ବନ୍ଦିତା ଚୌଧୁରୀ ଓ ସାମ୍ବାଦିକ କୃଷ୍ଣଚନ୍ଦ୍ର ସାହୁଆଳ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଦାୟିତ୍ୱ ପାଇଥିବା ଲଳିତ କୁମାର ବେହେରାଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷକ ସମାଜର ସ୍ୱାର୍ଥ ଓ ଅଧିକାର ପାଇଁ ସଂଘ ଆହୁରି ସୁଦୃଢ଼ ଭାବେ କାର୍ଯ୍ୟ କରିବ ବୋଲି ସଭାରେ ଆଶା ପ୍ରକାଶ ପାଇଥିଲା।

# ଗାଡ଼ି ଧକ୍କାରେ ଜ୍ୟୋତିଷ ଗୁରୁତର



ରାଇରଙ୍ଗପୁର, ୨୫।୮ (ସମିସ): ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ପଣ୍ଡିତ ରଘୁନାଥ ମୁର୍ମୁ ଛକରେ ରାଇରଙ୍ଗପୁର ଅଞ୍ଚଳର ଜଣାଶୁଣା ଜ୍ୟୋତିଷ (ଗଣକ) ଶ୍ୟାମଶଙ୍କର ଆଚାର୍ଯ୍ୟ ପରିବା ନେଇ ଚାଲି ଚାଲି ଆସୁଥିବାବେଳେ ଏକ ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇଛନ୍ତି। ବିକାଶନଗରରେ ଶ୍ୟାମଶଙ୍କର ଆଚାର୍ଯ୍ୟଙ୍କୁ ତୁରନ୍ତ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ମହାତ୍ମା ଗାନ୍ଧୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟି ଗଠିତ



ବୈଶିଙ୍ଗା, ୨୫।୮ (ସମିସ): ବୈଶିଙ୍ଗାସ୍ଥ ମହାତ୍ମା ଗାନ୍ଧୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନରେ ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଛି। ଏ ନେଇ ଆୟୋଜିତ ସଭାରେ ବହୁ ସଂଖ୍ୟକ ଅଭିଭାବକ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବୀରେନ୍ଦ୍ର କୁମାର ବେହେରା ଅଧ୍ୟକ୍ଷତା କରି ଶିକ୍ଷାନୁଷ୍ଠାନର ଶୈକ୍ଷିକ ବିକାଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତିରେ ଅଭିଭାବକଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବେତନଟୀ ବ୍ଲକ ଶିକ୍ଷାଧିକାରୀଙ୍କ ପ୍ରତିନିଧି ଭାବେ ପର୍ଯ୍ୟବେକ୍ଷକ ନିଶିକାନ୍ତ ଗିରି ଓ ସହାୟକ ଶିକ୍ଷକ ମୀନକେତନ ସ୍ୱାଇଁ ଯୋଗଦେଇ ସରକାରୀ ନିର୍ଦ୍ଦେଶାନୁଯାୟୀ ପରିଚାଳନା କମିଟି ଗଠନର ବିଭିନ୍ନ ପ୍ରକ୍ରିୟା ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଇଥିଲେ। ପରେ ସର୍ବସମ୍ମତିକ୍ରମେ ବିଭିନ୍ନ ବର୍ଗର ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେଇ ୧୯ ଜଣ ସଦସ୍ୟଙ୍କୁ ନେଇ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା। କମିଟି ଗଠନ ପରେ ଅଧ୍ୟକ୍ଷ ନବନିର୍ବାଚିତ କମିଟିର ସଦସ୍ୟସଦସ୍ୟା, ପର୍ଯ୍ୟବେକ୍ଷକ ଓ ଶିକ୍ଷକ-କର୍ମଚାରୀ ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ସମସ୍ତେ ସାମୂହିକ ଫଟୋ ଉଠାଇବା ସହ ବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ସର୍ବାଙ୍ଗୀନ ବିକାଶ ପାଇଁ ଏକତ୍ରିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।

### ସରକାରୀ ନିୟମ ଉଲ୍ଲଂଘନ ଅଭିଯୋଗ

# ରାସନ ବଣ୍ଟନ ଅନୁମତି ପତ୍ର ବାତିଲ ଦାବି

ବାରିପଦା, ୨୫।୮ (ସମିସ): କୁଳିଅଣା ବ୍ଲକ ମାରାଂତାଣ୍ଡି ପଞ୍ଚାୟତର ପଳାଶବଣୀ ଗ୍ରାମରେ ରାସନ ବଣ୍ଟନକୁ ନେଇ ଉଦବେଗ ପ୍ରକାଶ ପାଇଛି। ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ହିତାଧିକାରୀଙ୍କୁ ହଇରାଣ କରାଯାଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।



ସୂଚନା ଯୋଗ୍ୟ, ମାରାଂତାଣ୍ଡି ପଞ୍ଚାୟତଠାରୁ ପଳାଶବଣୀ ଓ ଜିଆଣି ଗ୍ରାମର ଦୂରତା ପ୍ରାୟ ପାଞ୍ଚରୁ ଛଅ କିଲୋମିଟର ହେତୁ ପଳାଶବାଣୀ ଗ୍ରାମରେ ମା' ଭଗବତୀ ସ୍ୱେଚ୍ଛାସେବୀ ସ୍ୱୟଂସହାୟିକା ଗୋଷ୍ଠୀକୁ ଏକ ସୁଲଭ ମୂଲ୍ୟ ଦୋକାନ ଭାବେ ରାସନ ବଣ୍ଟନ ପାଇଁ ଅନୁମତି ମିଳିଛି। ତେବେ ଏହି ଗ୍ରୁପର ସମ୍ପାଦିକା ସରକାରୀ ନିୟମକୁ ଉଲ୍ଲଂଘନ କରି ପଞ୍ଚାୟତର ଏକ ଗୋଦାମ ଗୃହକୁ ଭଡା ସୂତ୍ରରେ ନେଇ ସେଠାରେ ରାସନ ବଣ୍ଟନ କରୁଛନ୍ତି। ଫଳରେ ଉଭୟ ଗ୍ରାମର ହିତାଧିକାରୀ ଓ ବୃଦ୍ଧାବୃଦ୍ଧ ବର୍ଷା ଓ ଖରା ଦିନରେ ହଇରାଣ ହେବା ସହିତ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତତସହିତ ଯେଉଁଦିନ ଇଣ୍ଟରନେଟ ସର୍ଭର ସମସ୍ୟା ରହୁଛି, ସେଦିନ ଘଣ୍ଟା ଘଣ୍ଟା ଅପେକ୍ଷା କରି ଏତେ ଦୂରରୁ ଫେରି ଆସିବାରେ ବହୁତ କଷ୍ଟକର ହୋଇପଡୁଛି। ମା' ଭଗବତୀ ସ୍ୱେଚ୍ଛାସେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ଜଣେ ସିଆରପି ଭାବେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ରହି ସେ କେମିତି ଓ କେଉଁ ନିୟମ ଅନୁସାରେ ରାସନ ବଣ୍ଟନର ଅନୁମତି ପତ୍ର ପାଇଲେ, ତାହା ତଦନ୍ତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ପଞ୍ଚାୟତର ନିଜସ୍ୱ ଗୋଟିଏ ଗୋଦାମ ଗୃହ ଥିବା ସତ୍ତ୍ୱେ ସେହି ଗୃହକୁ ଭଡା ଆକାରରେ ଦେଇ କାହା ସ୍ୱାର୍ଥରେ ଗ୍ରାମପଞ୍ଚାୟତ କେମିତି ଓ କେଉଁ ନିୟମରେ ରାଜୀବ ଗାନ୍ଧୀ ଭବନକୁ ରାସନର ଗୋଦାମ ଗୃହ ଭାବେ ବ୍ୟବହାର କରୁଛନ୍ତି, ତାହାର ତଦନ୍ତ କରାଯାଉ। ଗୋଦାମ ଗୃହର ଷ୍ଟକ୍ ଓ ପିଓଏସ୍ ମେସିନର ଷ୍ଟକ୍ ତାଳମେଳ ରହୁ ନ ଥିବାରୁ ବିଭିନ୍ନ ସମୟରେ ଅନ୍ୟାନ୍ୟ ଗ୍ରାମର ହିତାଧିକାରୀ ରାସନ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏହାର ତଦନ୍ତ କରାଯାଉ। ଜୁଲାଇ ଓ ଅଗଷ୍ଟ ମାସର ବଣ୍ଟନର ତଦନ୍ତ କରାଯାଉ। ଏହି ଗ୍ରୁପ କାହା ସ୍ୱାର୍ଥରେ ଓ କାହା ଅନୁମତିରେ ନିୟମ ଉଲ୍ଲଂଘନ କରୁଛି, ତାହାର ଏକ ନିରପେକ୍ଷ ତଦନ୍ତ କରି ବିଧିବଦ୍ଧ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଏଥିସହିତ ପଳାଶବଣୀଠାରେ ଗରିବ ଅସହାୟ ହିତାଧିକାରୀଙ୍କ ସୁବିଧା ନିମନ୍ତେ ଏକ ନୂତନ ଗ୍ରୁପକୁ ବିଧିବଦ୍ଧ ଭାବେ ଚୟନ କରି ରାସନ ବଣ୍ଟନର ଦାୟିତ୍ୱ ପ୍ରଦାନ କରାଯାଉ। ଯଦି ଏହି ଦାବି କାର୍ଯ୍ୟକାରୀ ହେବାରେ ବିଳମ୍ବ ହୁଏ, ତେବେ ଆମ୍ଭେ ହିତାଧିକାରୀ ସାମ୍ବିଧାନିକ ପଦ୍ଧତିରେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବାକୁ ବାଧ ହେବୁ ବୋଲି ଜ୍ଞାନରଞ୍ଜନ ବେହେରା ଓ ହରିଶ ବେହେରା କହିଛନ୍ତି।

# ଯଶିପୁରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ବିଜେଡିର ପ୍ରତିକାର ଦାବି

ଯଶିପୁର,୨୬ା୮ (ସମିସ)

ଯଶିପୁର ନିର୍ବାଚନମଣ୍ଡଳୀର ଶୁକ୍ଳି, ରରୁଆଁ ବ୍ଲକ ଓ ଯଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବହୁ ସମସ୍ୟା ଦେଇ ଗତି କରୁଥିବା ଦେଖିବାକୁ ମିଳିଛି। ବିଗତ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ନ ଥିବା ଅସୁବିଧା ଦ୍ୱାରା ସାଧରଣ ଜଣସାଧାରଣ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିକାର ପାଇଁ ଜଣସାଧାରଣଙ୍କ ଅନୁରୋଧ କ୍ରମେ ଯଶିପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମଙ୍କ ନେତୃତ୍ୱରେ କୁସୁମୀ ବ୍ଲକ ଯୁବ ବିଜେଡ଼ି ସଭାପତି ଅଭିଷେକ ସାହୁ, କୁସୁମୀ ବ୍ଲକ ସଭାପତି ପତି କାରୁଆ, ସୁଲୋଚନା ହେମ୍ବ୍ରମ, ଦର୍ପନାରାୟଣ ମହାନ୍ତ, ଯଶିପୁର ଏନଏସି ସଭାପତି ଶମ୍ଭୁନାଥ ମହାକୁଡ଼ ମିଳିତ ଭାବେ ଶୁକ୍ଳି, ରରୁଆଁ ଓ ଯଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସମସ୍ୟା ଦେଖି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ପ୍ରତିକାର ପାଇଁ ସେମାନେ ଦାବି କରିଛନ୍ତି।

ଶୁକ୍ଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବର୍ଷା ହେଲେ ୫ ଫୁଟ ପାଣି ଜମି ରହିବା ଦ୍ୱାରା ରୋଗୀ ଓ ଜନସାଧରଣ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଲଘୁଚାପ ବର୍ଷା ପରେ ଆଜିକୁ ୧୫ ଦିନ ପରେ ମଧ୍ୟ ମୁଖ୍ୟ କେନାଲରେ ପାଣି ଜମି ରହିବା ଓ ଏଥିପ୍ରତି ଗୁରୁତ୍ୱ ନ ଦେବା ପରିତାପର ବିଷୟ। ଏଥିପାଇଁ ଦାୟୀ କିଏ ? ଏଥିସହିତ ମେଡିକାଲ ପରିପାର୍ଶରେ ଡ୍ରେନ୍ ସଫା ନ ହେବା ଓ ମେଡିକାଲ



ଡ୍ରେନରୁ ପାଣି ନିଷ୍କାସନ ପାଇଁ ବାହାରକୁ ଡ୍ରେନ ବ୍ୟବସ୍ଥା ହୋଇନପାରି ପାଣି ଜମି ରହି ମେଡିକାଲ ବିଲଡିଂ ଓ ଷ୍ଟାଫ କ୍ୱାଟର ନଷ୍ଟ ହେବାକୁ ବସିଲାଣି। ଛାତ ଉପରୁ ପାଣି ଗଳୁଥିବାରୁ ରୋଗୀ ଅସୁବିଧା ଭୋଗୁଛନ୍ତି। ମେଡିକାଲ ମଧ୍ୟରେ ଷ୍ଟାଫ ମଧ୍ୟ ଆବଶକ ଅନୁସାରେ ନ ଥିବାରୁ ଉତ୍ତମ ସେବା ପ୍ରଦାନ କରିବାରେ ସମସ୍ୟା ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆଜି ପର୍ଯ୍ୟନ୍ତ କୌଣସି ଅର୍ଥ ମଞ୍ଜୁର ହୋଇ ନ ଥିବାରୁ ଅସନ୍ତୋଷ ଦେଖିବାକୁ ମିଳିଛି।

ସେହିପରି ରରୁଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଅନୁରୂପ ସମସ୍ୟା ଦେଖିବାକୁ ପାଇଛନ୍ତି ବିଜେଡି ଟିମ। ବର୍ଷା ଦ୍ୱାରା ମେଡିକାଲରେ ପାଣି ଜମି ରହୁଛି। ବାହାରକୁ ପାଣି ଯିବା ପାଇଁ ଡ୍ରେନ ସୁବିଧା ନଥିବା ହେତୁ ପୋଖରୀ ପରି ମେଡିକାଲ ମଧ୍ୟରେ ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ବର୍ଷାପାଣି ଦ୍ୱାରା ସମସ୍ତ ମେଡିକାଲ ଗୃହ ଓ ଷ୍ଟାଫ କ୍ୱାଟର ନଷ୍ଟ ହେବା ଅବସ୍ଥାରେ ଥିବା ପରିଲିଖିତ ହୋଇଛି। ତଦନୁରୂପ ରରୁଆଁ ପ୍ରାଣୀ ଚିକିତ୍ସା ବିଲଡିଂ ମଧ୍ୟ ପାଣି ଘେରରେ ରହିଥିବା ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଘାଗରବେଡାଠାରୁ ଝାଡ଼ଖଣ୍ଡ ଅଞ୍ଚଳର ରୋଗୀ ଭରସା କରନ୍ତି। ତେବେ ଆବଶ୍ୟକ ସଂଖ୍ୟକ ଷ୍ଟାଫ୍ ନ ଥିବାରୁ ରୋଗୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଶୁକ୍ଳି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସମାନ ସମସ୍ୟା ରହିଛି। ଏହି ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ସମସ୍ୟା ସ୍ୱାସ୍ଥ୍ୟମନ୍ତ୍ରୀ ଓଡିଶା ସରକାର, ମୟୁରଭଞ୍ଜ ଜିଲ୍ଲା ଜିଲ୍ଲାପାଳ, ଏଡିଏମ ରାଇରଙ୍ଗପୁର ସହ ଉପଜିଲ୍ଲାପାଳ କରଞ୍ଜିଆ, ସିଡିଏମଓ ବାରିପଦା, ଏନଆରଏଚଏମ ବିଭାଗୀୟ ଅଧିକାରୀ, ସମ୍ପୃକ୍ତ ବିଡ଼ିଓ ଓ ତହସିଲଦାର ଦୃଷ୍ଟି ଦେବାକୁ ଶ୍ରୀ ହେମ୍ବ୍ରମ ଦାବି କିରିଛନ୍ତି।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରକ୍ଷା ବନ୍ଧନ



ରାଇରଙ୍ଗପୁର, ୨୬ା୮ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦର ସଦସ୍ୟ ବୃନ୍ଦ ପାତ୍ର ରକ୍ଷାବନ୍ଧନ ଉଦ୍ଦେଶ୍ୟରେ ଆଜି ମୟୂରଭଞ୍ଜ ଜିଲ୍ଲାର ବହଳଦା ଧରଣୀଲାଲ କଲେଜରେ ଅଧ୍ୟାପକ ଅଧାପିକା, ଛାତ୍ରଛାତ୍ରୀଙ୍କୁ ରାକ୍ଷୀ ବାନ୍ଧି ସମ୍ମାନ ଜଣାଇଥିଲେ। ପରେ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ, କର୍ମଚାରୀ ଓ ରୋଗୀଙ୍କୁ ରାକ୍ଷୀ ପିନ୍ଧାଇଥିବାବେଳେ ହଳଦା ବନ୍ୟାଞ୍ଚଳ କାର୍ଯ୍ୟାଳୟରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀ, ପରେ ବହଳଦା ଥାନାରେ ଥାନାଧିକାରୀ ଓ ପୁଲିସ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏବିଭିପିର ଏହି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି। ଶିଖା ସାହୁ, ସିମରନ ବେହେରା, ପ୍ରୀତିପ୍ରଜ୍ଞା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଦାଦୀ ପ୍ରକାଶମଣିଙ୍କ ସ୍ମୃତି ଦିବସ




ବିଶୋଇ,୨୬ା୮ (ସମିସ): ଦାଦୀ ପ୍ରକାଶମଣିଙ୍କ ୧୯ତମ ସ୍ମୃତି ଦିବସ ବ୍ରହ୍ମାକୁମାରୀ ଶିବଜ୍ୟୋତି ଭବନ ପରିସରରେ ଆୟୋଜିତ ହୋଇଛି। ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ମହେଶ୍ୱର ମୁର୍ମୁ ଓ ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ନନ୍ଦ ଓ ନିହାର ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଦାଦୀଜୀଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଭବନର ସଞ୍ଚାଳିକା ମାନସୀ ଭଉଣୀ ଦାଦୀଜୀଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ବ୍ରହ୍ମାକୁମାର ବାସୁଦେବ ଭାଇ ଦାଦୀଜୀଙ୍କ ତ୍ୟାଗ, ତପସ୍ୟା, ସେବା ଓ ରାଜଯୋଗ ଦ୍ୱାରା କିପରି ବିଶ୍ୱ ଭାଇଚାରା ସୃଷ୍ଟି ହୋଇପାରିବ ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବି.କେ ସସ୍ମିତା, ବି.କେ.ଦେବକୀ ଓ ବି.କେ ବୈଶାଖୀ ସହଯୋଗ କରିଥିଲେ।

## ବିଦ୍ୟୁତ୍ କର୍ମଚାରୀଙ୍କୁ ତାଲିମ



ଉଦଳା, ୨୬ା୮ (ସମିସ): ବିଦ୍ୟୁତ ବିଭାଗ କର୍ମଚାରୀ ଶିଖିଲେ ଆପତ୍ତକାଳୀନ ପରିସ୍ଥିତିର ମୁକାବିଲା ଶୈଳୀ। ଉଦଳା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରେ ଏହାକୁ ନେଇ ମକଡ୍ରିଲ ହୋଇଛି। ଉଦଳା ଅଗ୍ନିଶମ ବିଭାଗ କର୍ମଚାରୀ କିଭଳି ଭାବେ ଜରୁରିକାଳୀନ ପରିସ୍ଥିତିରେ ଫଶି ରହିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇପାରିବ, ତାହାର ପ୍ରଶିକ୍ଷଣ ଦେଇଥିଲେ। ବିଶେଷକରି ଉଚ୍ଚ ବିଲଡିଂ ଉପରେ କିମ୍ବା ବିଦ୍ୟୁତ ଖୁଣ୍ଟ ଉପରେ ଯଦି କେହି ଫଶି ରହିଥା'ନ୍ତି, ଉଦ୍ଧାର କରିବା ଶୈଳୀ ଶିଖିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପ୍ରଶିକ୍ଷଣ ଦେଇଥିଲେ। ଯାହାକି ବିଦ୍ୟୁତ କର୍ମଚାରୀ ବିଦ୍ୟୁତ ଖୁଣ୍ଟରେ ଚଢି କାମ କରିବା ସମୟରେ ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଜରୁରୀ ବୋଲି ପ୍ରାଥମିକତା ଦିଆଯିବ ବୋଲି କୁହାଯାଇଥିଲା।

## ସମାଜସେବୀ କୁଳଧର ଦାସଙ୍କ ପରଲୋକ



ବାରିପଦା, ୨୬ା୮ (ସମିସ): ବାରିପଦା ଷ୍ଟେସନ ବଜାରବନ୍ଧ ନିକଟସ୍ଥ ୱାର୍ଡ ନମ୍ବର ୧୧ ଢିପାସାହି ବାସିନ୍ଦା ସମାଜସେବୀ କୁଳଧର ଦାସଙ୍କ ୮୭ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥାଇ ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ସୋମବାର ସନ୍ଧ୍ୟା ୬ ଘଟିକା ୪୨ ମିନିଟରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଜଣେ ମେଳାପୀ, ପରୋପକାରୀ ଓ ସ୍ନେହୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ରାଜନେତା, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଶୁଭେଚ୍ଛୁ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଆନନ୍ଦପୁର କଲେଜରେ ଶକ୍ତିଶ୍ରୀ ସଚେତନତା



ଆନନ୍ଦପୁର, ୨୬ା୮ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ନାରାୟଣ ପତ୍ରିଙ୍କ ସଭାପତିତ୍ୱରେ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଛାତ୍ରୀଙ୍କୁ ସଚେତନ କରାଇଥିଲେ। ପୁଷ୍ପଲତା ରାମ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଶକ୍ତିଶ୍ରୀ ସଂଯୋଜିକା ଡକ୍ଟର ମିତାଶ୍ରୀ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଦୁର୍ଗାଶଙ୍କର ପରିଡା, ମଧୁସ୍ମିତା ସାହୁ, ଭାରତି ସାହୁ, ଅନିତା ଦାସ, ସବିନା ଅର୍ ବେଗମ, ତନୁଶ୍ରୀ ପଣ୍ଡା, ସୁବ୍ରତ ସାହାଣୀ, ଶଶିକାନ୍ତ ଜେନା, ସତ୍ୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟରେ ନିଶାମୁକ୍ତି ଅଭିଯାନ



ଆନନ୍ଦପୁର, ୨୬ା୮ (ସମିସ): କେନ୍ଦ୍ର ସରକାରଙ୍କ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଆନନ୍ଦପୁର ଶାଖା ଆନୁକୂଲ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ପଦ୍ମିନୀ ଛାତ୍ରଛାତ୍ରୀଙ୍କୁ ନିଶା ଯେ ସାମାଜିକ ଓ ପାରିବାରିକ ଜୀବନକୁ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ନୀତି, ନୈତିକତା ଓ ମୂଲ୍ୟବୋଧର ଅବକ୍ଷୟ କରାଉଛି, ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବ୍ରହ୍ମକୁମାର ଶ୍ରୀଧର ଭାଇ ଛାତ୍ରଛାତ୍ରୀ, ଶିକ୍ଷକ ଓ ଉପସ୍ଥିତ ଭାଇଭଉଣୀଙ୍କୁ ନିଶା ତ୍ୟାଗ ପାଇଁ ଏକ ଶପଥପାଠ କରାଇଥିଲେ। ଏହି ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ, ବିନୋଦ ଭାଇ, ରାମ ଭାଇ, ଯଶୋବନ୍ତ ଭାଇ, ବଳରାମ ଭାଇ, ତାରା ଭଉଣୀ, ନର୍ମଦା ଭଉଣୀ, ଚିନୁ ଭଉଣୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଗା କାର୍ଯ୍ୟକ୍ରମ ମାଧ୍ୟମରେ ବ୍ରହ୍ମାକୁମାରୀ ଆଶ୍ରମ ତରଫରୁ ଉପଖଣ୍ଡର ପ୍ରାୟ ସମସ୍ତ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ଆୟୋଜନ କରାଯାଇ ଛାତ୍ରଛାତ୍ରୀଙ୍କୁ ବ୍ୟାପକ ଭାବେ ସଚେତନ କରାଯାଇଛି।

## ନାଳରେ ଭାସିଗଲେ ଦୁଇ; ଶୋକର ଛାୟା

ବଡ଼ବିଲ, ୨୬ା୮ (ସମିସ): ଲଗାଣ ବର୍ଷା ଯୋଗୁଁ ନାଳରେ ପ୍ରବଳ ଜଳସ୍ରୋତରେ ଭାସିଯାଇ ବଡ଼ବିଲ ଅଞ୍ଚଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଦୁଇଜଣ ହେଲେ ବଡ଼ବିଲ ଅଞ୍ଚଳର ସୋମନାଥ ସିଧୁ ଓ ସୁକୁମାରୀ ମୁଣ୍ଡା। ସୂଚନା ଅନୁଯାୟୀ, ସୋମନାଥ ସିଧୁ ଦଲକୀ ନାଳରେ ଏବଂ ସୁକୁମାରୀ ମୁଣ୍ଡା ରାଇକା ନାଳରେ ଲଗାଣ ବର୍ଷା ଯୋଗୁଁ ପ୍ରବଳ ଜଳସ୍ରୋତରେ ଭାସିଯାଇଥିଲେ। ଉଭୟଙ୍କ ଗତକାଲି ମୃତ୍ୟୁ ଘଟିଥିଲା। ଉଭୟ ମୃତଦେହକୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଶବ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ବଡ଼ସାହି ବିଇଓ ଅଫିସ ବଡ଼ବାବୁ ଜି.ବି.ନଗରକୁ ବଦଳି

ବଡ଼ସାହି,୨୬ା୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ବହୁ ବର୍ଷ ଧରି କାର୍ଯ୍ୟରତ ଥିବା ବଡ଼ବାବୁ ତଥା ସେକ୍ସନ ଅଫିସର (ଏସଓ) ସରୋଜ ମହାନ୍ତିଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ବଡ଼ସାହିରୁ ତୁରନ୍ତ ଜି.ବି. ନଗର ବିଇଓ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଏ ନେଇ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) କାର୍ଯ୍ୟାଳୟ ପକ୍ଷରୁ ଆଦେଶନାମା (ସଂଖ୍ୟା ୯୯୬୬/୨୫-୦୮-୨୦୨୫) ଜାରି କରାଯାଇ ଶ୍ରୀ ମହାନ୍ତିଙ୍କୁ ତୁରନ୍ତ ବଡ଼ସାହିରୁ ଦାୟିତ୍ୱ ହସ୍ତାନ୍ତର କରି ନୂତନ କାର୍ଯ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବଡ଼ସାହି ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ସଞ୍ଜୟ ଜେନାଙ୍କ ନେତୃତ୍ୱରେ ଶିକ୍ଷକମାନେ ଉକ୍ତ ସେକ୍ସନ ଅଫିସରଙ୍କ ବିରୋଧରେ ଶିକ୍ଷକଙ୍କ ଆଡଭାନ୍ସ ଇନକ୍ରିମେଣ୍ଟ, ପେନସନ ପେପର ପ୍ରସ୍ତୁତି, ମେଡିକାଲ ବିଲ୍ (ଆରସିଏମ୍) ପାସ୍ କରାଇବା ଓ ସେବା ପୁସ୍ତିକା ସଂଶୋଧନ ନାଁରେ ବ୍ୟାପକ ପିସି କାରବାର ତଥା ଲାଞ୍ଚ ଆଦାୟ ଭଳି ୧୫ ଦଫା ଅଭିଯୋଗ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାଖଲ କରିଥିଲେ। ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଶିକ୍ଷକ ସମାଜରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ଓ ପୁନର୍ବାର ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ଶେଷରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ତାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯିବା ପରେ ସ୍ଥାନୀୟ ଶିକ୍ଷକ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି।



## ● ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଚଢ଼ଉ ଛେନା ଓ ପନିରର ନମୁନା ସଂଗ୍ରହ

ରାଇରଙ୍ଗପୁର, ୨୬ା୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବହଳଦା ଓ ତିରିଂ ଅଞ୍ଚଳର ବିଭିନ୍ନ ହୋଟେଲରେ ଚଢ଼ଉ କରାଯାଇ ମିଠା, ଛେନା ଓ ପନିର ଜାତୀୟ ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ନିକଟରେ ରାଜ୍ୟର ବିଭିନ୍ନ ବଡ଼ ସହରର ହୋଟେଲଗୁଡ଼ିକରୁ ନକଲି ପନୀର ଓ ଛେନା ଜାତୀୟ ଖାଦ୍ୟ ସାମଗ୍ରୀ ଜବତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ବହଳଦା ଓ ତିରିଂ ଅଞ୍ଚଳରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଏହି ଯାଞ୍ଚ କରାଯାଇଛି। ତିରିଂ ଅଞ୍ଚଳର ୩ଟି, ତିରିଂ ଡାଳିମା ଅଞ୍ଚଳର ୪ଟି ଏବଂ ବହଳଦାର ୪ଟି ହୋଟେଲରେ ଚଢ଼ାଉ କରାଯାଇ ଛେନା ଓ ପନିର ଜାତୀୟ ସାମଗ୍ରୀର ନମୁନା ସଂଗ୍ରହ କରାଯାଇଛି। ଏହି ନମୁନାଗୁଡ଼ିକୁ ପରୀକ୍ଷା ପାଇଁ ପଠାଯିବା ପରେ ଖାଦ୍ୟ ସାମଗ୍ରୀର ମାନ ସମ୍ପର୍କରେ ସ୍ୱଷ୍ଟ ଚିତ୍ର ମିଳିବ। ତେବେ ଅଞ୍ଚଳର ହୋଟେଲଗୁଡ଼ିକରେ ଗ୍ରାହକଙ୍କୁ ମାନସମ୍ମତ ଖାଦ୍ୟ ସାମଗ୍ରୀ ପରିବେଷଣ କରାଯାଉଛି ନା ନକଲି ଖାଦ୍ୟ ସାମଗ୍ରୀ ଦିଆଯାଇ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ କରାଯାଉଛି, ନମୁନା ପରୀକ୍ଷା ରିପୋର୍ଟ ପରେ ତାହା ସ୍ୱଷ୍ଟ ହେବ। ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ ସହ ନିୟମିତ ଏଭଳି ଚଢ଼ାଉ କରାଯିବାକୁ ସାଧାରଣରେ ଦାବି ହୋଇଛି।

## ସ୍କୁଲରୁ ଚୋରି

ଉଦଳା,୨୬ା୮ (ସମିସ): ଡିହିରାକୂଳ ସରକାରୀ ଉଚ୍ଚବିଦ୍ୟାଳୟରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଆଜି ସକାଳେ ପ୍ରଧାନଶିକ୍ଷକ ବିଦ୍ୟାଳୟରେ ପହଞ୍ଚିବା ପରେ ବିଦ୍ୟାଳୟରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ବିଦ୍ୟାଳୟର ଅଫିସ ଗୃହ କବାଟ ଭାଙ୍ଗି ସେଠାରେ ଥିବା ଇନଭାଇଟର ବ୍ୟାଟେରି, ପଙ୍ଖା ସହିତ ପ୍ରାୟ ୧୫ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଲୁଟି ନେଇଛନ୍ତି। ଏଥିସହିତ ସମସ୍ତ କ୍ଲାସ ରୁମରୁ ପଙ୍ଖା ସହିତ ସିସିଟିଭି ହାର୍ଡ ଡିସ୍କ ଚୋରି କରିନେଇଛନ୍ତି ଦୁର୍ବୃତ୍ତ। ଅଭିଯୋଗ ପାଇବା ପରେ ଉଦଳା ପୁଲିସ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ସ୍ତରରେ ସାନ୍ତାଳୀ ଭାଷା ପ୍ରଚଳନ ଦାବି

କୁଳିଅଣା,୨୬ା୮ (ସମିସ): ସମ୍ବିଧାନ ସ୍ୱୀକୃତ ସାନ୍ତାଳୀ ଭାଷାକୁ ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ଶ୍ରେଣୀରେ ପ୍ରଚଳନ ନିମନ୍ତେ ସାନ୍ତାଳୀ ମାସିକ ଖବରକାଗଜ ଫାଗୁନ ପକ୍ଷରୁ ସାନ୍ତାଳୀ ଭାଷା ଅଲଚିକି ଲିପିରେ ଲେଖା ଯାଇଥିବା ଏକ ଦାବିପତ୍ର ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରାଯାଇଛି। ୨୦୦୩ ଡିସେମ୍ବର ୨୨ ତାରିଖରେ ସାନ୍ତାଳୀ ଭାଷା ଭାରତ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହେବାପରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଓଡ଼ିଶା, ଆସାମ ରାଜ୍ୟ ସରକାର ସାନ୍ତାଳୀ ଭାଷା ଶିକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ଓଡ଼ିଶାରେ ସାନ୍ତାଳୀ ଭାଷା ୧୫୩୧ଟି ଅଙ୍ଗନବାଡି କେନ୍ଦ୍ର, ୪୪୧ଟି ପ୍ରାଥମିକ ବିଦ୍ୟାଳୟ, ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ସାନ୍ତାଳୀ ଭାଷାରେ ପାଠ ପଢ଼ାଯାଉଛି। କିନ୍ତୁ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ସାନ୍ତାଳୀ ଭାଷାକୁ ଅଦ୍ୟାବଧି ପ୍ରଚଳନ କରାଯାଇନାହିଁ। ଏହି ଭାଷାକୁ ପ୍ରଚଳନ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଫାଗୁନର ସହସମ୍ପାଦିକା ସୁଶ୍ରୀ ସୁରୁକୁନୀ ମୁର୍ମୁ, ଆଜୀବନ ସଦସ୍ୟ ରଘୁନାଥ ହେମ୍ବ୍ରମ, ଘାସିରାମ ହେମ୍ବ୍ରମ ପ୍ରମୁଖ ଉପସ୍ଥିତି ଥିଲେ। ଏ ଅବସରରେ ଅଲଚିକି ଶତବାର୍ଷିକୀ ନୂଆଦିଲ୍ଲୀରେ ଉନ୍ମୋଚିତ ହୋଇଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଡାକ ଟିକଟ, ସ୍ମାରକୀ ମୁଦ୍ରାର ନକଲ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

## ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ

ଶୁକ୍ଳି,୨୬ା୮ (ସମିସ): ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟରେ ଚାଲିଥିବା ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ବିଜୟଲକ୍ଷ୍ମୀ ପରିଚ୍ଛା ପ୍ରଶିକ୍ଷଣ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ଯୋଗ ଦେଇଥିବାବେଳେ ଅଧ୍ୟକ୍ଷ ମନ୍ମଥ ମହାନ୍ତ ସଭାପତିତ୍ୱ କରିଥିଲେ। ପ୍ରଶିକ୍ଷିକା ବିଜୟଲକ୍ଷ୍ମୀ ପରିଚ୍ଛା, ଅଧ୍ୟାପକ ଦେବେନ୍ଦ୍ର ସାହୁ, ମାଧୁରୀ ତିର୍କୀ, କ୍ରୀଡା ଶିକ୍ଷକ ସୁଦାମ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚତୁର୍ଥ ଶ୍ରେଣୀ କର୍ମଚାରୀ ସରସ୍ୱତୀ ମହାନ୍ତ ସହଯୋଗ କରିଥିଲେ। କୃତୀ ଛାତ୍ରୀଙ୍କୁ ମୁଖ୍ୟଅତିଥି ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ଜାତୀୟ ରାଜପଥରେ ଖସିଲା ମାଟି ଅତଡ଼ା



ବଡ଼ବିଲ, ୨୬ା୮ (ସମିସ): କେନ୍ଦୁଝର ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ବର୍ଷା ଯୋଗୁଁ ପାହାଡ଼ରୁ ମାଟି ଅତଡ଼ା ଖସି ଜାତୀୟ ରାଜପଥ ଉପରେ ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖଣି ଅଞ୍ଚଳ ରଗୁଡ଼ି ଥାନା ଅନ୍ତର୍ଗତ ବାରବାଙ୍କ ନିକଟରେ ଏହି ଘଟଣା ଘଟିଛି। ଜାତୀୟ ରାଜପଥ-୫୨୦ ଉପରକୁ ପାହାଡ଼ରୁ ମାଟି ଅତଡ଼ା ଖସି ଆସିବାରୁ ଚାରିଧାଡିଆ ରାସ୍ତାର ଗୋଟିଏ ପାର୍ଶ୍ୱ ମାଟିରେ ଅବରୋଧ ହୋଇଯାଇଥିଲା। ଫଳରେ ରାଜପଥରେ ଯାନବାହନ ଚଳାଚଳ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଗୋଟିଏ ପାର୍ଶ୍ୱ ରାସ୍ତା ଦେଇ ଯାନବାହନ ଚଳାଚଳକୁ ସ୍ୱାଭାବିକ କରିଥିଲା। ଲଗାଣ ବର୍ଷା ଜାରି ରହିଥିବାରୁ ପାହାଡ଼ିଆ ରାସ୍ତାରେ ମାଟି ଅତଡ଼ା ଖସିବା ଆଶଙ୍କା ଥିବାରୁ ଯାତ୍ରୀ ଓ ଚାଳକମାନଙ୍କ ମଧ୍ୟରେ ସତର୍କତା ଦେଖାଦେଇଛି।

## ବ୍ଲୁ-ଲେକ୍ ଅଘଟଣରୁ ବର୍ତ୍ତିଲେ ରୋଶନ୍

### ପ୍ରାଣ ହରାଇଲେ ୨ ସାଙ୍ଗ

ହାଟଡ଼ିହୀ,୨୬ା୮ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧୀନ ମିତ୍ରପୁର ଓ ମଛୁଆ ଗ୍ରାମ ନିକଟ ତଥା ସ୍ୱର୍ଣ୍ଣଚୂଡ଼ ପର୍ବତର ପାଦଦେଶ ଅଞ୍ଚଳରେ ଥିବା ବ୍ଲୁ-ଲେକ୍ କିଛି ବର୍ଷ ଭିତରେ ଏକାଧିକ ଜୀବନ ନେଇଥିବା ବେଳେ ଗତ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ୩ ଜଣ ସାଙ୍ଗ ଏକ ବାଇକରେ ଗାଧୋଇବା ପାଇଁ ଯାଇଥିଲେ। ଜଣେ ଜଣେ ପହଁରା ଶିଖି ନଥିବାରୁ ସେ ଆଡ଼ି ଉପରେ ରହିଥିଲେ। ପାଣି ଭିତରେ ୨ ସାଙ୍ଗ ବୁଡ଼ି ଯାଇଥିଲେ। ଆଡ଼ିରେ ଥିବା ସାଙ୍ଗକୁ ହାତ ହଲେଇ ଉଦ୍ଧାର କରିବାକୁ କହୁଥିଲେ। ସେଠାରେ ପହଁରି ପହଁରି ଆସୁଥିବା ଅନ୍ୟ ଜଣେ ଯୁବକଙ୍କୁ ଆଡ଼ିରେ ଥିବା ସାଙ୍ଗ ଜଣକ ବୁଡ଼ିଯାଉଥିବା ୨ ସାଙ୍ଗଙ୍କୁ ଉଦ୍ଧାର କରିବା ପାଇଁ ନେହୁରା ହୋଇଥିଲେ। ମାତ୍ର ଗଭୀର ପାଣି ଥିବାରୁ ଯୁବକ ଜଣକ ଅସହାୟ ବ୍ୟକ୍ତ କରିଥିଲେ। ନିଖୋଜ ୨ ସାଙ୍ଗ ହେଲେ ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳର ଭବିଷ୍ୟ ପାତ୍ର(୧୮) ଓ ଭଦ୍ରକ ଅଞ୍ଚଳର ଅଂଶୁମାନ ପାତ୍ର(୧୮)। ଉଭୟେ ବାଲେଶ୍ୱର ଫକୀରମୋହନ କଲେଜରେ ଯୁକ୍ତ ୨ ବାଣିଜ୍ୟରେ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ରକ୍ଷା ପାଇଯାଇଥିବା ଛାତ୍ର ଜଣକ କେନ୍ଦୁଝର ଜିଲ୍ଲା ସୋସୋ ଥାନା ଆତୁରିକଣା ଗ୍ରାମର ଅର୍ଜୁନ ନାୟକଙ୍କ ଏକମାତ୍ର ପୁଅ ରୋଶନ ନାୟକ (୧୮)। ସେ ରେମୁଣା କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର।

## ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ମା' ବାସୁଳି ପୀଠକୁ ସହାୟତା

ତୁରୁମୁଙ୍ଗା, ୨୬ା୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମୂଷାଖୋରୀ ପଞ୍ଚାୟତ ମୁଖ୍ୟାଳୟରେ ଥିବା ପ୍ରସିଦ୍ଧ ମା' ବାସୁଳୀ ଠାକୁରାଣୀ ପୀଠରେ ଦୂର ହେଲା ଦୀର୍ଘଦିନର ପାନୀୟ ଜଳ ସମସ୍ୟା। ଭାରତୀୟ ଷ୍ଟେଟବ୍ୟାଙ୍କ ପକ୍ଷରୁ ପୀଠକୁ ୪୦୦ ଲିଟର କ୍ଷମତା ବିଶିଷ୍ଟ ଶୁଦ୍ଧ ପାନୀୟଜଳ ଯନ୍ତ୍ର ବା ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ଏନେଇ ମଙ୍ଗଳବାର ପୀଠରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରତୀୟ ଷ୍ଟେଟବ୍ୟାଙ୍କ ଭୁବନେଶ୍ୱର ସର୍କଲର ଜିଏମ୍ ନେଟୱାର୍କ-୧ ଡ. ବନ୍ଦନା ଅଗ୍ରୱାଲ ଯୋଗ ଦେଇଥିଲେ। ସମାଜ କଲ୍ୟାଣ ପାଇଁ ଷ୍ଟେଟବ୍ୟାଙ୍କ ସର୍ବଦା ଲୋକଙ୍କ ସହ ରହିଛି ଏବଂ ଆଗକୁ ମଧ୍ୟ ରହିବ ବୋଲି ସେ ମତ ରଖିଥିଲେ। ମଣ୍ଡଳ ପରିଚାଳକ ସଞ୍ଜିତ ମିଶ୍ର, ସହକାରୀ ସାଧାରଣ ପରିଚାଳକ ରମାକାନ୍ତ ବେହେରା, ମୁଷାଖୋରୀ ସରପଞ୍ଚ ଭାମାମଣି ଦାସ, ଏଫ୍‌ଆଇ ବିଶ୍ୱରଞ୍ଜନ ପୃଷ୍ଟି, ଜନସମ୍ପର୍କ ମୁଖ୍ୟ ସତ୍ୟପ୍ରିୟ ଦୁଷ୍ମନ୍ତ ବାରିକ ଏବଂ ପାଟଣା ଶାଖା ପରିଚାଳକ ଶୁଭ୍ରାଂଶୁ ଶେଖର ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପୀଠରେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ରହିଥିବା ଜାଣିବା ପରେ ଷ୍ଟେଟବ୍ୟାଙ୍କ ପକ୍ଷରୁ ଏହାର ସମାଧାନ ପାଇଁ ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ଏହାଦ୍ୱାରା ଠାକୁରାଣୀ ପୀଠକୁ ଆସୁଥିବା ଭକ୍ତ ଓ ସ୍ଥାନୀୟ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ। କାର୍ଯ୍ୟକ୍ରମରେ ଗ୍ରାମର ବୁଦ୍ଧିଜୀବୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ବହୁ ସଂଖ୍ୟାରେ ଗ୍ରାମବାସୀ ଯୋଗଦେଇ ଷ୍ଟେଟବ୍ୟାଙ୍କର ଏହି ସାମାଜିକ ପଦକ୍ଷେପକୁ ସ୍ୱାଗତ କରିଥିଲେ।





## ନୂଆ ପିଢ଼ିକୁ ଦାୟିତ୍ୱ ହସ୍ତାନ୍ତର ପାଇଁ ସମୟ ଆସିଛି: ଗଡ଼କରୀ

ନାଗପୁର, ୨୫।୮(ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଏବେ ଆଉ ପୂର୍ବଭଳି ଅଧିକ କାର୍ଯ୍ୟ କରିବାକୁ ସମର୍ଥ ନୁହନ୍ତି ବୋଲି ମଙ୍ଗଳବାର କହିଛନ୍ତି। ଏହାସହ ବର୍ତ୍ତମାନ ଯୁବ ପିଢ଼ିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାର ସମୟ ଉପନୀତ ହୋଇଥିବା ଏହି ୬୯ ବର୍ଷୀୟ ନେତା ପ୍ରକାଶ କରିଛନ୍ତି। ବ୍ୟବସ୍ଥା ମଧ୍ୟକୁ ଅନେକ ନୂତନ ପିଢ଼ିର ବ୍ୟକ୍ତି ପ୍ରବେଶ କରିଛନ୍ତି, ବରିଷ୍ଠ ନେତାମାନେ ବର୍ତ୍ତମାନ ସେମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି। ନାଗପୁରରେ ଆୟୋଜିତ ଏକଲବ୍ୟ ଏକଲ ବିଦ୍ୟାଳୟ ଶିକ୍ଷକ-ପରିଦର୍ଶକ ପ୍ରଶିକ୍ଷଣ ଶିବିରରେ ଉଦ୍‌ବୋଧନ ଦେଇ ଗଡ଼କରୀ କହିଛନ୍ତି, 'ମୁଁ ଏବେ ଆଉ ଅଧିକ କାମ କରିପାରୁନାହିଁ। ଯେତେବେଳେ ମୋର ସାମର୍ଥ୍ୟ ଥିଲା, ମୁଁ ପ୍ରଚୁର କାମ କରିଛି। ବର୍ତ୍ତମାନ କାର୍ଯ୍ୟକ୍ଷେତ୍ରରେ ମୋର ସମ୍ପୃକ୍ତି ପୂର୍ବ ଅପେକ୍ଷା ହ୍ରାସ ପାଇଛି'। ଏହି ସମୟ ମଧ୍ୟରେ ସେ ଅନେକ ସଫଳତା ଓ ବିଫଳତା ଦେଖିଛନ୍ତି ଏବଂ ଅନେକ ପୁରସ୍କାର ମଧ୍ୟ ପାଇଛନ୍ତି ବୋଲି କହିଥିଲେ। ଏବେ କାର୍ଯ୍ୟରୁ ନିଜକୁ କିଛି ମାତ୍ରାରେ ଦୂରେଇ ରଖିବା ସହ ସେ ବର୍ତ୍ତମାନ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ହୋଇଛନ୍ତି। ଏହି ଅବସରରେ ସେ ଯୁବକମାନଙ୍କୁ ଏକ ସୁସ୍ଥ ଜୀବନଶୈଳୀ ପାଇଁ ପ୍ରତିଦିନ ବ୍ୟାୟାମ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ନିଜ ରାଜନୈତିକ କ୍ୟାରିୟରର ପ୍ରାରମ୍ଭିକ ଦିନଗୁଡ଼ିକର କିଛି ରୋଚକ ସ୍ମୃତି ସଭାଗୃହରେ ବାଣ୍ଟିଥିଲେ। ନିଜର ପ୍ରାରମ୍ଭିକ ଜୀବନ ଅତ୍ୟନ୍ତ ଅନିୟମିତ ଥିଲା ଏବଂ ସେହି ସମୟରେ ସେ ଅତ୍ୟନ୍ତ ଉତ୍ସାହର ସହିତ ସାଇକେଲ ଏବଂ ସ୍କୁଟର ଯୋଗେ ଦଳୀୟ କାର୍ଯ୍ୟ ପାଇଁ ଯାତ୍ରା କରୁଥିଲେ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କ ନେତୃତ୍ୱରେ ନୂତନ ୭୫ ଜଣିଆ ଜାତୀୟ ଟିମ୍ ଘୋଷଣା କରିଛି, ଯେଉଁଥିରେ ୫୧ ଜଣ ନୂଆ ମୁହଁ ସ୍ଥାନ ପାଇଛନ୍ତି। ଏହି ସମୟରେ ଗଡ଼କରୀଙ୍କ ଏପରି ମନ୍ତବ୍ୟ ରାଜନୈତିକ ମହଲରେ ନାନା ଆଲୋଚନା ସୃଷ୍ଟି କରିଛି। ତେବେ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ମନ୍ତବ୍ୟର କୌଣସି ରାଜନୈତିକ ପ୍ରସଙ୍ଗ ନଥିବା କୁହାଯାଇଛି।



## ରୁଷିଆରେ ଓହ୍ଲାଇଲା ଆମେରିକାର ରହସ୍ୟମୟ ସାମରିକ ବିମାନ



ମସ୍କୋ, ୨୫।୮(ଏଜେନ୍ସି): ୟୁକ୍ରେନ ବିବାଦକୁ ନେଇ ୱାସିଂଟନ ଏବଂ ମସ୍କୋ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ଥିବା ସମୟରେ ରୁଷିଆର ଏକ ପ୍ରମୁଖ ବିମାନବନ୍ଦରରେ ଆମେରିକାର ଏକ ସାମରିକ ବିମାନ ଅବତରଣ କରିବା ଘଟଣା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ମଙ୍ଗଳବାର ଆମେରିକାର

**ମୁହଁ ଖୋଲୁନାହାନ୍ତି ଆମେରିକା-ରୁଷ**

ଏହି ସାମରିକ ବିମାନଟି ମସ୍କୋର ଭ୍ନୁକୋଭୋ ବିମାନବନ୍ଦରରେ ଅବତରଣ କରିଛି। ଫ୍ଲାଇଟ୍ ଟ୍ରାକିଂ ଡାଟା ଏବଂ ଅନ୍ୟାନ୍ୟ ସୂତ୍ର ଅନୁଯାୟୀ, ଅବତରଣ କରିଥିବା ଏହି ବିମାନଟି ଆମେରିକା ବାୟୁସେନାର ଏକ ବୋଇଂ ସି-୧୭ ଗ୍ଲୋବମାଷ୍ଟର-୩ ପରିବହନ ବିମାନ ବୋଲି ଜଣାପଡ଼ିଛି। ଏହି ବିଶାଳକାୟ ସାମରିକ ବିମାନଟି ସାଧାରଣତଃ ସୈନ୍ୟ, ଯୁଦ୍ଧ ସରଞ୍ଜାମ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଦୂର ସ୍ଥାନକୁ ପରିବହନ କରିବା ପାଇଁ ବ୍ୟବହୃତ ହୋଇଥାଏ। ତେବେ ଏହି ବିମାନଟି କେଉଁ ଉଦ୍ଦେଶ୍ୟରେ ମସ୍କୋ ଆସିଛି, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ବିମାନରେ କେଉଁ ସାମଗ୍ରୀ କିମ୍ବା କେଉଁ ବ୍ୟକ୍ତି ଅଛନ୍ତି, ତାହା ଏବେ ବି ରହସ୍ୟଘେରରେ ରହିଛି। ଏହି ବିଷୟରେ ଆମେରିକା କିମ୍ବା ରୁଷିଆ ପକ୍ଷରୁ କୌଣସି ସରକାରୀ ମତ ଜାରି କରାଯାଇନାହିଁ। ବିମାନର ରେକର୍ଡରୁ ଜଣାପଡ଼ିଛି ଯେ, ଆମେରିକାର ପ୍ରସିଦ୍ଧ ଆଣ୍ଡ୍ରୁଜ୍ ଏୟାରଫୋର୍ସ ବେସରୁ ବାହାର ଅଗଷ୍ଟ ୨୩ରେ ବିମାନଟି ରିଗାରେ ପହଞ୍ଚିଥିଲା। ଏହି ବେସଟି ଆମେରିକା ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ବିମାନ ଏୟାରଫୋର୍ସ ୱାନର ମୁଖ୍ୟ କେନ୍ଦ୍ର ହେବା ସହ ଆମେରିକା ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କର ବିମାନ ଯାତ୍ରାର ଏକ ପ୍ରମୁଖ ହବ୍ ଅଟେ। ତେଣୁ ଏହି ଘଟଣାକୁ ନେଇ ବିଶ୍ୱ ରାଜନୈତିକ ପରିବେଶରେ ହଇଚଇ ସୃଷ୍ଟି ହୋଇଛି।

## ୨୦ ବିଦ୍ରୋହୀ ଟିଏମ୍‌ସି ସାଂସଦଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଲୋକସଭାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୨୦ ଜଣ ବିଦ୍ରୋହୀ ସାଂସଦଙ୍କ ଅଯୋଗ୍ୟତା ସମ୍ପର୍କିତ ଆବେଦନ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ସମ୍ପୃକ୍ତ ସାଂସଦମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଟିଏମସିର ସାଧାରଣ ସମ୍ପାଦକ ତଥା ଲୋକସଭା ଦଳୀୟ ନେତା ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ରିଟ୍ ପିଟିସନ (ଆବେଦନ) ଉପରେ କୋର୍ଟ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟରେ ଏହି ସାଂସଦମାନଙ୍କ ବିରୋଧରେ ଦାଖଲ ହୋଇଥିବା ଆବେଦନର ଶୁଣାଣିରେ ହେଉଥିବା ବିଳମ୍ବକୁ ଅଭିଷେକ ବାନାର୍ଜୀ ଚ୍ୟାଲେଞ୍ଜ କରିଛନ୍ତି। ଏହି ସମ୍ପର୍କରେ ତୁରନ୍ତ ତଥା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଲୋଡ଼ିଛନ୍ତି। ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚି ଏବଂ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଏହି ଆବେଦନରେ ବାଚସ୍ପତି ଓମ୍ ବିର୍ଲାଙ୍କୁ ପ୍ରଥମ ପ୍ରତିପକ୍ଷ ଭାବରେ ଦର୍ଶାଯାଇଥିଲେ ମଧ୍ୟ ସୁପ୍ରିମକୋର୍ଟ ତାଙ୍କ ବିରୋଧରେ କୌଣସି ନୋଟିସ୍ ଜାରି କରିନାହାନ୍ତି। ଶୁଣାଣି ସମୟରେ ଖଣ୍ଡପୀଠ ବାଚସ୍ପତିଙ୍କୁ ମଧ୍ୟ ନୋଟିସ୍ ଜାରି କରିବାକୁ ପ୍ରସ୍ତୁତ ଥିଲେ। ହେଲେ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ ଯେ ସେ ବାଚସ୍ପତି ବିର୍ଲାଙ୍କ ପକ୍ଷରୁ କୋର୍ଟରେ ହାଜର ହେବେ ଏବଂ ବାଚସ୍ପତି ପୂର୍ବରୁ ହିଁ ଏହି ଅଯୋଗ୍ୟତା ଆବେଦନଗୁଡ଼ିକ ଉପରେ ନୋଟିସ୍ ଜାରି କରିସାରିଛନ୍ତି। ତେବେ ଶୁଣାଣି ବେଳେ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚି ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଶୁଣାଣି ପ୍ରକ୍ରିୟାକୁ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

**■ ଅଯୋଗ୍ୟ ଘୋଷଣା ପାଇଁ ମାମଲା**
**■ ବାଚସ୍ପତିଙ୍କ ଦ୍ୱାରା ନିଷ୍ପତ୍ତି ନେବାରେ ବିଳମ୍ବ**



ଉଲ୍ଲେଖଯୋଗ୍ୟ, ଦଳବଦଳ ଓ ନୂତନ ଦଳ ନେଇ ଟିଏମସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନରେ ୨୦ ଜଣ ସାଂସଦଙ୍କୁ ପ୍ରତିପକ୍ଷ କରାଯାଇଛି। ଏହି ସାଂସଦମାନେ ଚଳିତ ବର୍ଷ ଆରମ୍ଭରେ ଟିଏମସି ଟିକେଟରେ ବିଧାନସଭା ନିର୍ବାଚନ ଜିତିଥିଲେ। କିନ୍ତୁ ମେ'ରେ ନିର୍ବାଚନ ଫଳାଫଳ ଘୋଷଣା ହେବାର ସଙ୍ଗେ ସଙ୍ଗେ ସେମାନେ ଦଳ ବଦଳ କରି ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ ନାମକ ଏକ ଅପରିଚିତ ରାଜନୈତିକ ଦଳରେ ଯୋଗ ଦେଇଥିଲେ। ଦଳବଦଳ ବିରୋଧୀ ଆଇନ ଆଧାରରେ ବିଦ୍ରୋହୀ ସାଂସଦମାନଙ୍କୁ ତୁରନ୍ତ ସଂସଦ ସଭ୍ୟ ପଦରୁ ଅଯୋଗ୍ୟ ଘୋଷଣା କରିବାକୁ ଟିଏମ୍‌ସି ଦାବି କରିଆସୁଛି।

## ଜାମ୍ମୁ-କାଶ୍ମୀରରେ ୬ ସନ୍ଦିଗ୍ଧ ଆତଙ୍କବାଦୀ ଗିରଫ

ଶ୍ରୀନଗର, ୨୫।୮(ଏଜେନ୍ସି): ଜାମ୍ମୁ-କାଶ୍ମୀରରେ ସୁରକ୍ଷା ବାହିନୀ ବିଳମ୍ବିତ ରାତିରେ କାଶ୍ମୀରର ବିଭିନ୍ନ ସ୍ଥାନରେ ଯାଞ୍ଚ ଅଭିଯାନ କରିଛି। ଏଥିରେ ୬ ଜଣ ସନ୍ଦିଗ୍ଧ ଆତଙ୍କବାଦୀ ଓ ସେମାନଙ୍କର ସହଯୋଗୀଙ୍କୁ ଗିରଫ କରାଯିବା ସହ ବିପୁଳ ପରିମାଣର ବିସ୍ଫୋରକ ଓ ସାମଗ୍ରୀ ଜବତ କରାଯାଇଛି। ଯାଞ୍ଚ ଅଭିଯାନରେ ଗିରଫ ୬ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ନିକଟରୁ ଦୁଇଟି ହାତଗ୍ରେନେଡ ଏବଂ ହିଜବୁଲ ମୁଜାହିଦ୍ଦିନର ନାମ ଥିବା ୫ଟି ପୋଷ୍ଟର ଜବତ କରାଯାଇଛି। ସେହିପରି, ପୁଲୱାମା ଜିଲ୍ଲାର ୟାରୱାନ ଜଙ୍ଗଲ ଅଞ୍ଚଳରେ ସର୍ଚ୍ଚ ଅପରେସନ ବେଳେ ୨ ଜଣ ସନ୍ଦିଗ୍ଧ ଆତଙ୍କବାଦୀ ସହଯୋଗୀଙ୍କୁ ଗିରଫ କରାଯାଇଛି। ସେମାନେ ଲତିଫ ଅହମ୍ମଦ ଦିଦାଦ ଏବଂ ଏଜାଜ ଅହମ୍ମଦ ବାଜାଦ ବୋଲି ପରିଚୟ ମିଳିଛି।

## ଫ୍ରାନ୍ସରେ ଘୂର୍ଣ୍ଣିଝଡ଼; ୩୯ ଆହତ

ପୋମାସ, ୨୫।୮(ଏଜେନ୍ସି): ଫ୍ରାନ୍ସର ଦକ୍ଷିଣ-ପଶ୍ଚିମ ଅଞ୍ଚଳର ପୋମାସ ଗ୍ରାମରେ ଘୂର୍ଣ୍ଣିଝଡ଼ ଫଳରେ ବ୍ୟାପକ ଧ୍ୱଂସ ହୋଇଛି। ଏଥିରେ ପ୍ରାୟ ୩୯ ଜଣ ଆହତ ହୋଇଛନ୍ତି ଏବଂ ଶତାଧିକ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଆହତଙ୍କ ମଧ୍ୟରୁ ୧୫ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଦୁଇ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଘଣ୍ଟା ପ୍ରତି ୧୧୭ କିଲୋମିଟର ବେଗରେ ପ୍ରବାହିତ ଏହି ଘୂର୍ଣ୍ଣିଝଡ଼ ଯୋଗୁଁ କାରକାସୋନର ଦକ୍ଷିଣରେ ଥିବା ଏହି ଗ୍ରାମରେ ପ୍ରାୟ ୩୦୦ଟି ଘରର ଛାତ ଉଡ଼ିଯାଇଛି ଏବଂ ଅନେକ ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ବିଗତ ୧୦୦୦ ବର୍ଷର ଐତିହାସିକ ପଥର ଦୁର୍ଗର ପ୍ରାୟ ଏକ-ତୃତୀୟାଂଶ ଅଂଶ ଏହି ଝଡ଼ ପ୍ରଭାବରେ ଭୁଶୁଡ଼ି ପଡ଼ିଛି। ଏହି ଝଡ଼ରେ ପୋମାସ ସମେତ ଆଖପାଖର ୧୦ଟି ଗ୍ରାମର ପ୍ରାୟ ୨, ୮୦୦ ଘରକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଛି। ଝଡ଼ ଯୋଗୁଁ ପ୍ୟାରିସର ଅନେକ ବିମାନବନ୍ଦରଗୁଡ଼ିକରେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

## ଆଇଆଇଟିରେ ବି ବଢ଼ୁଛି ଆତ୍ମହତ୍ୟା

**୫ ବର୍ଷରେ ବିଭିନ୍ନ ଆଇଆଇଟିରେ ୬୫ ଛାତ୍ର ଆତ୍ମହତ୍ୟା**




ନୂଆଦିଲ୍ଲୀ, ୨୫।୮(ଏଜେନ୍ସି): ଆଇଆଇଟି ଦିଲ୍ଲୀର ପଦାର୍ଥ ବିଜ୍ଞାନ ଏମଏସସି ଛାତ୍ର ଋଷିକେଶ କୁମାରଙ୍କ ଆତ୍ମହତ୍ୟାକୁ ନେଇ କ୍ୟାମ୍ପସରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହାପରେ ଛାତ୍ରଛାତ୍ରୀଙ୍କ ବ୍ୟାପକ ବିକ୍ଷୋଭ ପରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ଏକ ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦେବା ସହ ଏକ ୫ ଜଣିଆ ବିଶେଷ କମିଟି ଗଠନ କରିଛି। ଏହି କମିଟି ଆଗାମୀ ଦୁଇ ସପ୍ତାହ ମଧ୍ୟରେ ନିଜର ବିସ୍ତୃତ ତଦନ୍ତ ରିପୋର୍ଟ ପ୍ରଦାନ କରିବ। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ପ୍ରାୟ ୩୦୦ ରୁ ଅଧିକ ଛାତ୍ରଛାତ୍ରୀ କ୍ୟାମ୍ପସ ପରିସରରେ ଏକାଠି ହୋଇଥିଲେ। ସେମାନେ ଋଷିକେଶଙ୍କ ମୃତ୍ୟୁ ମାମଲାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହ ସେମାନେ ଡିନଙ୍କ ଇସ୍ତଫା ଦାବି କରିଛନ୍ତି। ଆଇଆଇଟି ଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ରଞ୍ଜନ ବାନାର୍ଜୀ ୫ ଜଣିଆ କମିଟି ଋଷିକେଶଙ୍କ ମୃତ୍ୟୁ ସହ ଜଡ଼ିତ ସମସ୍ତ ପରିସ୍ଥିତିର ଯାଞ୍ଚ କରିବ ବୋଲି ଜଣାଇଛନ୍ତି। କମିଟିରେ ଉତ୍ତରାଖଣ୍ଡର ପୂର୍ବତନ ମହାନିର୍ଦ୍ଦେଶକ ଅଶୋକ କୁମାର, ଦିଲ୍ଲୀ ଏମ୍ସର ମାନସିକ ରୋଗ ବିଭାଗର ମୁଖ୍ୟ ପ୍ରଫେସର ପ୍ରତାପ ଶର୍ମା ସଦସ୍ୟ ରହିବେ। ଏହାସହ ଛାତ୍ର ପ୍ରତିନିଧି ଏବଂ ଆଇଆଇଟି ଦିଲ୍ଲୀର ରେଜିଷ୍ଟ୍ରାର କମିଟିର ସଚିବ ଏବଂ ଆବାହକ ଭାବେ ଦାୟିତ୍ୱ ତୁଲାଇବେ।

**ଆଇଆଇଟି ଦିଲ୍ଲୀ ଛାତ୍ର ଋଷିକେଶ ଆତ୍ମହତ୍ୟା ମାମଲା; ବିକ୍ଷୋଭ ପରେ ତଦନ୍ତ ନିର୍ଦ୍ଦେଶ**

ସୂଚନା ଅନୁଯାୟୀ, ଋଷିକେଶ ଜୁଲାଇ ୨୦୨୫ରେ ଆଇଆଇଟି ଦିଲ୍ଲୀରେ ଯୋଗ ଦେଇଥିଲେ। ସେ ଶିବାଳିକ ହଷ୍ଟେଲରେ ରହୁଥିଲେ। ତେବେ ମାର୍ଚ୍ଚ ୨୦୨୬ ରେ ତାଙ୍କର ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସାମ୍ନାକୁ ଆସିଥିଲା। ପରେ ସେ ଦ୍ୱିତୀୟ ସେମିଷ୍ଟାରରୁ ଓହରିଯାଇ କ୍ୟାମ୍ପସ ବାହାରେ ନିଜ ଅଭିଭାବକଙ୍କ ସହ ରହୁଥିଲେ। ଜୁଲାଇ ୨୦୨୬ ରେ ସେ ପୁଣି କ୍ୟାମ୍ପସକୁ ଫେରିଥିଲେ। ସ୍ୱାସ୍ଥ୍ୟ ଯାଞ୍ଚ କରି ତାଙ୍କୁ ପୁନର୍ବାର ପରିବାର ସହ ରହିବାକୁ ପରାମର୍ଶ ଦିଆଯାଇଥିଲା ଏବଂ ପଦାର୍ଥ ବିଜ୍ଞାନ ବିଭାଗ ତାଙ୍କର ତୃତୀୟ ସେମିଷ୍ଟାରରୁ ଓହରିଯିବା ଅନୁରୋଧକୁ ମଞ୍ଜୁର କରିଥିଲା। ବର୍ତ୍ତମାନ ଋଷିକେଶଙ୍କ ପରିବାରକୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବା ସହ ତାଙ୍କ ଚିକିତ୍ସାର ଖର୍ଚ୍ଚ ଭରଣା କରାଯିବ। ଏଥିସହିତ ପରିବାରକୁ ଅତିରିକ୍ତ ସହାୟତା ପାଇଁ ଏକ ନୂତନ ସ୍ୱେଚ୍ଛାକୃତ ପାଣ୍ଠି ଗଠନ କରାଯିବ। ଏହାସହ ମାନସିକ ସ୍ୱାସ୍ଥ୍ୟ ସହାୟତା ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୂତନ ମେଣ୍ଟର ବ୍ୟବସ୍ଥା ଆରମ୍ଭ କରାଯିବ। ସେପଟେ ଗତ ୫ ବର୍ଷରେ ବିଭିନ୍ନ ଆଇଆଇଟିରେ ୬୫ ଜଣ ଛାତ୍ର ଆତ୍ମହତ୍ୟା କରିବା ଏକ ତୃଣମୂଳ ସମସ୍ୟା ବୋଲି ସିଜେପି କହିଛି। ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ସିଜେପି ଦାବି କରିଛି।

## ତରୁଣ ତେଜପାଲଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୫।୮(ଏଜେନ୍ସି): ବରିଷ୍ଠ ସାମ୍ବାଦିକ ତରୁଣ ତେଜପାଲଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଆଶ୍ୱସ୍ତି ମିଳିନାହିଁ। ୨୦୧୩ର ଏକ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ପାଇଥିବା 'ତେହଲକା' ପତ୍ରିକାର ପୂର୍ବତନ ସମ୍ପାଦକ ତରୁଣ ତେଜପାଲଙ୍କ ଆତ୍ମସମର୍ପଣରୁ ମୁକ୍ତି ପାଇଁ ଦାଖଲ ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଛନ୍ତି। ତାଙ୍କୁ ଆସନ୍ତା ୩ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଜଷ୍ଟିସ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହି ସମ୍ବନ୍ଧୀୟ ଆବେଦନର ଶୁଣାଣି ଆଜି ଏହି ରାୟ ଶୁଣାଇଛନ୍ତି। ତେବେ ଆବେଦନକାରୀ ତେଜପାଲଙ୍କୁ ଆତ୍ମସମର୍ପଣ କରିବା ଏବଂ କୋର୍ଟରେ ଆତ୍ମସମର୍ପଣ ପ୍ରମାଣପତ୍ର ଦାଖଲ କରିବା ପାଇଁ ୩ ସପ୍ତାହ ସମୟ ପ୍ରଦାନ କରାଯାଇଛି। ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଅପିଲ୍ ଶୁଣାଣି ପୂର୍ବରୁ ଅଭିଯୁକ୍ତଙ୍କ ଆତ୍ମସମର୍ପଣ କରିବା ବାଧ୍ୟତାମୂଳକ ଅଟେ। ସୂଚନାଯୋଗ୍ୟ, ତରୁଣ ତେଜପାଲ (୬୨)ଙ୍କ ବିରୋଧରେ ଗୋଆର ଏକ ହୋଟେଲର ଲିଫ୍ଟ ଭିତରେ ଜଣେ କନିଷ୍ଠ ମହିଳା ସହକର୍ମୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ୨୦୧୩ରେ ପତ୍ରିକା ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ଘଟିଥିଲା। ପୂର୍ବରୁ ତେଜପାଲ ନିଜକୁ ରାଜନୈତିକ ଆକ୍ରୋଶର ଶିକାର ବୋଲି ଦାବି କରିଥିଲେ। ଚଳିତ ବର୍ଷ ଅଗଷ୍ଟ ୬ରେ ବମ୍ବେ ହାଇକୋର୍ଟ, ନିମ୍ନ ଅଦାଲତଙ୍କ ଦ୍ୱାରା ତେଜପାଲଙ୍କୁ ଖଲାସ କରାଯିବା ନିଷ୍ପତ୍ତିକୁ ରଦ୍ଦ କରି ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଥିଲେ। ହାଇକୋର୍ଟ ପ୍ରଥମେ ତାଙ୍କୁ ଆତ୍ମସମର୍ପଣ ପାଇଁ ଦୁଇ ସପ୍ତାହ ସମୟ ଦେଇଥିଲେ, ଯାହାକୁ ପରବର୍ତ୍ତୀ ସମୟରେ ଓକିଲଙ୍କ ଅନୁରୋଧ କ୍ରମେ ଚାରି ସପ୍ତାହକୁ ବୃଦ୍ଧି କରାଯାଇଥିଲା। ଏହା ବିରୋଧରେ ତେଜପାଲ ଅଗଷ୍ଟ ୨୦ରେ ସର୍ବୋଚ୍ଚ ଅଦାଲତର ଦ୍ୱାରସ୍ଥ ହୋଇଥିଲେ।



## ପାଟନାରେ ଛାତ୍ର-ପୁଲିସ ମୁହାଁମୁହିଁ

ପାଟନା, ୨୫।୮(ଏଜେନ୍ସି): ବିହାରର ରାଜଧାନୀ ପାଟନାରେ ମଙ୍ଗଳବାର ୭୦ତମ ବିହାର ଲୋକସେବା ଆୟୋଗ (ବିପିଏସ୍‌ସି) ପରୀକ୍ଷା ବାତିଲ ଦାବିରେ ହଜାର ହଜାର ଛାତ୍ରଛାତ୍ରୀ ପ୍ରତିବାଦ କରିଛନ୍ତି। ଆନ୍ଦୋଳନକାରୀ ରାଜଭବନ ଅଭିମୁଖେ ବିଶାଳ ଶୋଭାଯାତ୍ରା କରିଥିବା ବେଳେ ପୁଲିସ ସହ ପ୍ରବଳ ସଂଘର୍ଷ ହୋଇଛି। ଗାନ୍ଧୀ ମଇଦାନରୁ ବାହାରିଥିବା ଏହି ଆନ୍ଦୋଳନକାରୀ ଛାତ୍ରମାନେ ପୁଲିସ ବାରିକେଡ୍ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରିବାକୁ ଉଦ୍ୟମ କରିଥିଲେ। ପରିସ୍ଥିତି ଅନିୟନ୍ତ୍ରିତ ହେବାରୁ ପୁଲିସ ପକ୍ଷରୁ ପାଣି ମାଡ କରାଯାଇଥିଲା ଏବଂ ଅନେକ ଛାତ୍ରଙ୍କୁ ପୁଲିସ ହେପାଜତକୁ ନେଇଛି। ସୂଚନା ଅନୁସାରେ, ପ୍ରତିବାଦକାରୀମାନେ ନିଷେଧାଞ୍ଚଳ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ବାରିକେଡ୍ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଆଗେଇଥିଲେ। ଏହି ସମୟରେ ଛାତ୍ର ଏବଂ ପୁଲିସ ବାହିନୀ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ଦେଖିବାକୁ ମିଳିଥିଲା। ଉତ୍ତେଜନା ବୃଦ୍ଧି ପାଇବା ପରେ ପୁଲିସ ପକ୍ଷରୁ ଜଳକମାଣ ବ୍ୟବହାର କରିଥିଲା।

୭୦ତମ ବିପିଏସସି ପରୀକ୍ଷାରେ ବ୍ୟାପକ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ କରି ଛାତ୍ରମାନେ ଏହି ପରୀକ୍ଷାକୁ ବାତିଲ କରିବାକୁ ଦାବି କରୁଛନ୍ତି। ଏହା ସହିତ ପ୍ରସ୍ତାବିତ ଚତୁର୍ଥ ପର୍ଯ୍ୟାୟ ଶିକ୍ଷକ ନିଯୁକ୍ତି ପରୀକ୍ଷା (ଟିଆର୍‌ଇ ୪.୦)କୁ ଦୁଇଟି ପର୍ଯ୍ୟାୟ ପରିବର୍ତ୍ତେ ଗୋଟିଏ ପର୍ଯ୍ୟାୟରେ ଶେଷ କରିବାକୁ ଏବଂ ଏଥିରୁ ନେଗେଟିଭ୍ ମାର୍କିଂ ଉଚ୍ଛେଦ କରିବାକୁ ଦାବି ହୋଇଛି। ଆନ୍ଦୋଳନକୁ କଂଗ୍ରେସ ନେତା ସୁଶୀଲ କୁମାର ସମର୍ଥନ କରିଛନ୍ତି। ନେଗେଟିଭ୍ ମାର୍କିଂ ହଟାଇବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି ଏବଂ ଛାତ୍ର ପ୍ରତିନିଧି ଦଳ ସହ ଆଲୋଚନା କରିବାକୁ ଦାବି କରିଛନ୍ତି। ଅନ୍ୟପଟେ ଆନ୍ଦୋଳନକାରୀ ଛାତ୍ର ବିକାଶ ଭଟ୍ଟ ରାଜ୍ୟ ଶିକ୍ଷା ଓ ନିଯୁକ୍ତି ପ୍ରକ୍ରିୟା ଉପରେ କ୍ଷୋଭ ପ୍ରକାଶ କରି କହିଛନ୍ତି, 'ବିହାରରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେଉଛି। ବିଗତ ୧୮ ବର୍ଷ ହେବ ଲାଇବ୍ରେରିଆନ୍ ନିଯୁକ୍ତି ହୋଇନାହିଁ। ବିହାର କର୍ମଚାରୀ ଚୟନ ଆୟୋଗ (ବିଏସ୍‌ଏସ୍‌ସି) ତିନୋଟି ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ ୩ ବର୍ଷ ପରେ ବି ପରୀକ୍ଷା କରାଯାଇ ନାହିଁ। ଏହି ପ୍ରସଙ୍ଗରେ ବିହାରର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଏକ ପତ୍ର ଲେଖିଛନ୍ତି। ସରକାର ତୁରନ୍ତ ଛାତ୍ରମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରନ୍ତୁ ବୋଲି ସେ ଦାବି କରିଛନ୍ତି।



## ମୁମ୍ବାଇରେ ୧୦ କିମିକୁ ୫୦୦ ଟଙ୍କା



ମୁମ୍ବWWଇ, ୨୫।୮(ଏଜେନ୍ସି): ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ଅଟୋ-ରିକ୍ସା, ଟ୍ୟାକ୍ସି ଏବଂ ଆପ୍-ଆଧାରିତ କ୍ୟାବ୍ ଚାଳକମାନଙ୍କ ପାଇଁ ମରାଠୀ ଭାଷାର କାର୍ଯ୍ୟକାରୀ ଜ୍ଞାନ ବାଧ୍ୟତାମୂଳକ କରାହୋଇଛି। ମହାରାଷ୍ଟ୍ର ସରକାର ଗତ ଅଗଷ୍ଟ ୧୨ରେ ଏକ ବିଜ୍ଞପ୍ତି ଜରିଆରେ ଏହି ନୂତନ ନିୟମ ପ୍ରଣୟନ କରିଥିଲେ। ଚାଳକମାନେ ଅଭିଯୋଗ କରିଛନ୍ତି ଯେ, ଏହି ନିୟମ ସେମାନଙ୍କର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ମୋଟର ଯାନ ଅଧିନିୟମ, ୧୯୮୮ରେ ଡ୍ରାଇଭିଂ ଲାଇସେନ୍ସ ପାଇବା କିମ୍ବା ବ୍ୟବସାୟିକ ଯାନ ଚଳାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଭାଷା ଶିଖିବାର ସର୍ତ୍ତ ନାହିଁ। ଚାଳକମାନେ ଏହି ବିଜ୍ଞପ୍ତି ଉପରେ ତୁରନ୍ତ ରହିତାଦେଶ ଜାରି କରିବାକୁ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ସେପଟେ ମରାଠୀ ଭାଷା ଶିକ୍ଷାକୁ ବିରୋଧ କରି ଚାଲିଥିବା ଧର୍ମଘଟ ଯୋଗୁଁ ଯାତ୍ରୀମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଡ଼ିର ଅଭାବ କାରଣରୁ ଅନ୍‌ଲାଇନ୍ ଆପ୍ ଗୁଡ଼ିକରେ ଯାତ୍ରା ଭଡ଼ା ପ୍ରାୟ ୧୦୦% ରୁ ଅଧିକ ବୃଦ୍ଧି ପାଇଛି। ୧୦ କିଲୋମିଟର ପାଇଁ ସରକାରୀ ଭଡ଼ା ୧୭୨

## ନାଗପୁରରେ କ୍ଲୋରିନ୍ ଗ୍ୟାସ୍ ଲିକ୍; ୫୬ ଅସୁସ୍ଥ



ନାଗପୁର, ୨୫।୮(ଏଜେନ୍ସି): ମହାରାଷ୍ଟ୍ର ନାଗପୁର ନିକଟ ଗୋଡନୀ ଗ୍ରାମପଞ୍ଚାୟତରେ ଥିବା ମହାରାଷ୍ଟ୍ର ଜୀବନ ପ୍ରାଧିକରଣ (ଏମ୍‌ଜେପି) ଜଳ ବିଶୋଧନ କେନ୍ଦ୍ରରେ ବିଷାକ୍ତ କ୍ଲୋରିନ୍ ଗ୍ୟାସ୍ ଲିକ୍ ହୋଇଛି। ଗ୍ୟାସ୍ ଲିକ୍ ଯୋଗୁଁ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫୬ ଜଣ ବାସିନ୍ଦା ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସାଧୀନ ରହିଛନ୍ତି। ଏହି ବିଷାକ୍ତ ଗ୍ୟାସ୍ ପ୍ରଭାବରେ ସ୍ଥାନୀୟ ବାସିନ୍ଦାଙ୍କୁ ଶ୍ୱାସକ୍ରିୟାରେ ପ୍ରବଳ କଷ୍ଟ ହେବା ସହ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୂଚନା ଅନୁଯାୟୀ, ଜଳ ବିଶୋଧନ କେନ୍ଦ୍ରରେ ସଂରକ୍ଷିତ ଥିବା ଦୁଇଟି କ୍ଲୋରିନ୍ ସିଲିଣ୍ଡର ମଧ୍ୟରୁ ଗୋଟିକରୁ ଗ୍ୟାସ୍ ଲିକ୍ ହୋଇଥିଲା। ଉଦ୍ଧାରକାରୀ ଦଳ ଲିକ୍ ହୋଇଥିବା କ୍ଲୋରିନ୍ ସିଲିଣ୍ଡରକୁ ନିଷ୍କ୍ରିୟ କରିବାରେ ସଫଳ ହୋଇଛନ୍ତି। ବର୍ତ୍ତମାନ ଲିକ୍‌କୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରାଯାଇଛି। ଗ୍ୟାସ୍ ପ୍ରଭାବକୁ ହ୍ରାସ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରହିଛି। ଚିକିତ୍ସିତ ହେଉଥିବା ୫୬ ଜଣଙ୍କ ମଧ୍ୟରୁ ୧୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଏବଂ ଅବଶିଷ୍ଟ ୪୫ ଜଣଙ୍କର ଚିକିତ୍ସା ଜାରି ରହିଛି।

## ଇସ୍‌ଲାମ୍‌ରେ ହିଜାବ ଅନିବାର୍ଯ୍ୟ ନୁହେଁ: ଆହ୍ଲାବାଦ ହାଇକୋର୍ଟ



ପ୍ରୟାଗରାଜ, ୨୫।୮(ଏଜେନ୍ସି): ବିଦ୍ୟାଳୟର ନିର୍ଦ୍ଧାରିତ ୟୁନିଫର୍ମ (ପୋଷାକ) ସହିତ ହିଜାବ ପିନ୍ଧିବା ପାଇଁ ଅନୁମତି ମାଗୁଥିବା ଜଣେ ମୁସଲିମ ଛାତ୍ରୀଙ୍କ ଆବେଦନକୁ ଆହ୍ଲାବାଦ ହାଇକୋର୍ଟ ସମ୍ପୂର୍ଣ୍ଣ ରୂପେ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଜେଜେ. ମୁନିର ଏବଂ ଜଷ୍ଟିସ୍ ଇନ୍ଦ୍ରଜିତ ଶୁକ୍ଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ, ମୁଣ୍ଡରେ ସ୍କାର୍ଫ ବା ହିଜାବ ପିନ୍ଧିବା ସମ୍ବିଧାନର ଧାରା ୨୫ ଅନ୍ତର୍ଗତ ଏକ ଅନିବାର୍ଯ୍ୟ ଧାର୍ମିକ ପ୍ରଥା ଭାବରେ ପ୍ରତିଷ୍ଠା କରାଯାଇପାରିବ ନାହିଁ। ତଥା ଏହା ପ୍ରମାଣ କରିବା ପାଇଁ ଆବେଦନକାରୀଙ୍କ ପକ୍ଷରୁ କୌଣସି ପର୍ଯ୍ୟାପ୍ତ ଧାର୍ମିକ କିମ୍ବା ଆଇନଗତ ଆଧାର ଉପସ୍ଥାପନ କରାଯାଇ ପାରିନାହିଁ। ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଶିକ୍ଷାନୁଷ୍ଠାନଗୁଡ଼ିକର ନିଜସ୍ୱ ନିୟମ ଓ ଶୃଙ୍ଖଳା ରହିଛି। ସମସ୍ତ ଛାତ୍ରଛାତ୍ରୀ ୟୁନିଫର୍ମ ସମ୍ବନ୍ଧୀୟ ସେହି ଅନୁଷ୍ଠାନିକ ନିୟମାବଳୀକୁ ପାଳନ କରିବା ବାଧ୍ୟତାମୂଳକ।

### ପାସିନ୍ଦୁ ସୁରିଆବାନ୍ଦରା, ସୋନାଲ ଦିନୁଶାଙ୍କ ଦମ୍‌ଦାର ଅର୍ଦ୍ଧଶତକ

# ଫଲୋଅନ ଏଡ଼ାଇବାକୁ ଶ୍ରୀଲଙ୍କାର ସଂଘର୍ଷ


ସୋନାଲ ଦିନୁଶା- ୮୫*


ପାସିନ୍ଦୁ ସୁରିଆବାନ୍ଦରା- ୮୦

କଲମ୍ବୋ, ୨୫।୮ (ଏଜେନ୍ସି): ନବାଗତ ବ୍ୟାଟର ପାସିନ୍ଦୁ ସୁରିଆବାନ୍ଦରା ଓ ସୋନାଲ ଦିନୁଶାଙ୍କ ଦମ୍‌ଦାର ଅର୍ଦ୍ଧଶତକ ସତ୍ତ୍ୱେ ଏଠାରେ ଭାରତ ସହ ଚାଲିଥିବା ଦ୍ୱିତୀୟ ତଥା ଶେଷ ଟେଷ୍ଟରେ ଶ୍ରୀଲଙ୍କା ଦଳ ଫଲୋଅନ୍ ଏଡାଇବାକୁ ସଂଘର୍ଷ କରୁଛି। ଏହି ମ୍ୟାଚ୍‌ରେ ସୁରିଆବାନ୍ଦରା ୮୦ ଓ ଦିନୁଶା ଅପରାଜିତ ୮୫ ରନ୍ କରିବା ଫଳରେ ବର୍ଷା ଯୋଗୁଁ ଖେଳ ବନ୍ଦ ରହିଲାବେଳକୁ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୮ ଓିକେଟ ହରାଇ ୨୬୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଫଲୋଅନ୍ ଏଡାଇବାକୁ ହେଲେ ଶ୍ରୀଲଙ୍କାକୁ ବାକିଥିବା ୨ ଓିକେଟ ବିନିମୟରେ ଆଉ ୩୯ ରନ୍ ଆବଶ୍ୟକ ହେଉଛଇ। ଅନ୍ୟ ପକ୍ଷରେ ଭାରତକୁ ୩୮ ରନ୍ ମଧ୍ୟରେ ଘରୋଇ ଦଳର ଶେଷ ୨ଜଣ ଖେଳାଳିଙ୍କୁ ଆଉଟ କରିବା ଆବଶ୍ୟକ। କ୍ରିଜ୍‌ରେ ୧୩୭ ବଲ୍ ଖେଳି ଦିନୁଶା ଓ ୫୦ବଲ୍ ଖେଳି ୮ ରନ୍ କରିଥିବା ଲାହିରୁ କୁମାରା ଭାରତୀୟ ସଫଳତାରେ ପ୍ରତିବନ୍ଧକ ହୋଇ ଛିଡା ହୋଇଛନ୍ତି। ପୂର୍ବରୁ ୯ ଓିକେଟରେ ୫୦୩ ରନ୍ କରିବା ପରେ ଭ୍ରମଣକାରୀ ଭାରତ ତାହାର ପ୍ରଥମ ଇନିଂସ ଘୋଷଣା କରିଥିଲା।ଖେଳ ଆଉ ୨ ଦିନ ବାକିଥିଲାବେଳେ ଯଦିଓ ୨୩୮ ରନ୍‌ରେ ଆଗୁଆ ରହିଛି, ତଥାପି ଶ୍ରୀଲଙ୍କାକୁ ଫଲୋଅନ କରି ନ ପାରିଲେ, ସମୟ ଅଭାବରୁ ଶ୍ରୀଲଙ୍କା ଏହି ମ୍ୟାଚ୍‌କୁ ଡ୍ର ରଖିବାର ସମ୍ଭାବନା ରହିଛି।

ଗତକାଲି ଭାରତ ୯/୫୦୩ ରନ୍‌ରେ ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିବା ପରେ ଶ୍ରୀଲଙ୍କା ୩ ଓଭର ବ୍ୟାଟିଂ କରି ୮ ରନ୍‌ରେ ୨ ଓିକେଟ ହରାଇଥିଲା। ଆଜି ସେହିଠାରୁ ଖେଳ ଆରମ୍ଭ କରିଥିଲେ ମଧ୍ୟ ଗତକାଲିର ଅପରାଜିତ ବ୍ୟାଟର କାମିଲ ମିଶରା ୧୯ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦ୍ୱିତୀୟ ଶିକାର ବନିଥିଲେ। ପ୍ରଥମ ଟେଷ୍ଟରେ କନକସନ ଖେଳାଳି ଭାବେ ଡେବ୍ୟୁ କରି ଡକ୍‌ରେ ଆଉଟ ହୋଇଥିବା ପାସିନ୍ଦୁ ସୁରିଆବାନ୍ଦରା ଓ କାମିନ୍ଦୁ ମେଣ୍ଡିସ୍ ଚତୁର୍ଥ ଓିକେଟରେ ୮୭ ରନ୍ ଉଠାଇ ଦଳକୁ ସଂଘର୍ଷ କରିବାକୁ ପ୍ରଥମେ ସୁଯୋଗ ଦେଇଥିଲେ। ଫର୍ମରେ ନ ଥିବା କାମିନ୍ଦୁ ୩୨ ଓ ଅଧିନାୟକ ଧନଞ୍ଜୟ ଡି ସିଲ୍‌ଭା ୮ରନ୍ କରି ପାଭିଲିଅନ ଫେରିଥିଲେ। ଏହି ସମୟରେ ହଟ ଫର୍ମରେ ଥିବା ସୋନାଲ ଦିନୁଶା ବ୍ୟାଟିଂ କରିବାକୁ ଆସି ସୁରିଆବାନ୍ଦରାଙ୍କ ସହ ଏକ ବଡ଼ ପାର୍ଟନରସିପ୍ କରିବାକୁ ଯୋଜନା କରିଥିଲେ। କିନ୍ତୁ ୧୩୩ବଲ୍‌ରୁ ୯ ଚୌକା ସହ ୮୦ ରନ୍ କରିଥିବା ସୁରିଆବାନ୍ଦରାଙ୍କୁ ରବୀନ୍ଦ୍ର ଜାଡେଜା ଓ ଏହାର ୩ଟି ବଲ୍‌ପରେ ନିରୋସନ ଡିକ୍‌ୱେଲା ଖାତା ଖୋଲିବା ପୂର୍ବରୁ ମହମ୍ମଦ୍ ସିରାଜଙ୍କ ଦ୍ୱାରା ଆଉଟ ହୋଇଯାଇଥିଲେ। ଫଳରେ ଶ୍ରୀଲଙ୍କା ୪୫.୩ ଓଭର ସୁଦ୍ଧା ୧୭୩ ରନ୍‌ରେ ୭ ଓିକେଟ ହରାଇ ଫଲୋ÷ନର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ଦିନୁଶା ନିଜ ଫର୍ମ ଦେଖାଇ ଗୋଟିଏ ପଟେ ପାହାଡ ଭଳି ଛିଡ଼ା ହୋଇଥିଲେ। ୮ମ ଓିକେଟରେ କେଶରା ନୁୱାନ୍ଥା (୭୪ବଲ୍‌ରେ ୧୮ ରନ୍)ଙ୍କ ସହ ୧୩୭ବଲ୍‌ର ସାମ୍ନା କରି ୫୬ରନ୍ ଏବଂ ଅବିଭକ୍ତ ୮ମ ଓିକେଟରେ ଲାହିରୁ କୁମାରା (୫୦ବଲ୍‌ରେ ୮ରନ୍)ଙ୍କ ସହ ୯୨ ବଲ୍‌ରୁ ୩୫ ରନ୍ ଉଠାଇ ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଦିନୁଶା ୮୫ ରନ୍‌ରେ ଅପରାଜିତ ରହିଥିଲେ। ସେ ମଧ୍ୟ ପ୍ରଥମ ଟେଷ୍ଟରେ ୧୦୦ ଓ ୮୪ରନ୍‌ର ଦମ୍‌ଦାର ଇନିଂସ ଖେଳିଥିଲେ। ଏଠାରେ ମଧ୍ୟ ନିମ୍ନ ଭାଗର ବ୍ୟାଟରଙ୍କୁ ନେଇ ଶ୍ରୀଲଙ୍କା ଫଲୋଅନ ଏଡାଇବାକୁ ଯେଉଁ ଉଦ୍ୟମ କରୁଛି ତାହାର ନେତୃତ୍ୱ ନେଉଛନ୍ତି ଦିନୁଶା। ଭାରତ ଆଜି ଦ୍ୱିତୀୟ ନୋ ବଲ୍ ନେଇଥିଲାବେଳେ ଆସନ୍ତାକାଲି ସକାଳେ ତିଷ୍ଠିବା କଷ୍ଟକର ହୋଇପାରେ। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ମାନବ ସୁତାର ୩ଟି ଲେଖାଏଁ, ମହମ୍ମଦ୍ ସିରାଜ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ଓିକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୦୩/୯, ଘୋଷଣା (ପାଡିକଲ-୧୧୭, ଜୁରେଲ-୧୧୫*, ଅସିଥା-୪/୧୦୬)।
ଶ୍ରୀଲଙ୍କ ପ୍ରଥମ ଇନିଂସ: ୨୬୫/୮, ୮୩.୪ ଓଭର (ଦିନୁଶା ବ୍ୟାଟିଂ-୮୫, ସୁରିଆବାନ୍ଦରା-୮୦, ପ୍ରସିଦ୍ଧ-୩/୪୭, ମାନବ-୩/୮୩)।

# ଜୟସୂରିଆଙ୍କୁ ଚେତାବନୀ

କଲମ୍ବୋ,୨୫।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ତୃତୀୟ ଖେଳାଳି ଭାବେ ପ୍ରବାତ ଜୟସୂରିଆ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିଛନ୍ତି। ଜୟସୁରିଆ ଆଇସିସି ଆଚରଣ ସଂହିତାର ଧାରା ୨.୨ ଉଲ୍ଲଙ୍ଘନ କରିଥିବା ଜଣାଯାଇଛି। ଏଥିରେ କାହାରି କିଛି କ୍ଷତି ହେବାର ନ ଥିବାରୁ ଏବଂ ଗତ ୨୪ ମାସ ମଧ୍ୟରେ ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ତାଙ୍କୁ କେବଳ ଚେତାବନୀ ଦିଆଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ଦିଆଯାଇ ଛାଡ଼ିଦିଆଯାଇଛି। ଗତକାଲି ସନ୍ଧ୍ୟାରେ ଆଉଟ ହେବା ପରେ ପାଭିଲିଅନ ଫେରୁଥିବାବେଳେ ଜୟସୁରିଆ ବାଉଣ୍ଡାରୀ ଦୌଡାକୁ ନିଜ ବ୍ୟାଟରେ ଜୋରରେ ପିଟିଥିଲେ। ଫଳରେ ସେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିଲେ ବୋଲି ମ୍ୟାଚ୍ ପରିଚାଳନା ଲାଗି ନିଯୁକ୍ତ ୪ଜଣ ଯାକ ଅମ୍ପାୟାର ମ୍ୟାଚ୍ ରେଫରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଜୟସୂରିଆ ନିଜ ଦୋଷ ସ୍ୱୀକାର କରିନେବା ପରେ ଏହି ଅଭିଯୋଗର ଆଉ ଶୁଣାଣି କରାଯାଇ ନ ଥିଲା, ଚେତାବନୀ ଓ ଗୋଟିଏ ଡିମେରିଟ୍ ପଏଣ୍ଟ ଦେଇ ଛାଡ଼ିଦିଆଯାଇଥିଲା। ମ୍ୟାଚ୍‌ର ପ୍ରଥମ ଦିନରେ ଭାରତର ଯଶସ୍ୱୀ ଜୟସ୍ୱାଲ ଓ ଶ୍ରୀଲଙ୍କାର ଅସିଥା ଫର୍ଣ୍ଣାଣ୍ଡୋ ମୁହାଁମୁହିଁ ହେବା ସହ ଆଚରଣ ସଂହିତା ଉଲ୍ଲଙ୍ଘନ କରି ୨୫ ଶତକଡ଼ା ମ୍ୟାଚ୍ ଫି ହରାଇଥିଲେ।

# ଅଷ୍ଟ୍ରେଲିଆରେ ଖେଳିବେ ଅନୟା



ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗରଙ୍କ ଝିଅ ଅନୟା ଲିଙ୍ଗଗତ ଅସ୍ତ୍ରୋପଚାର ପରେ କ୍ରିକେଟକୁ ଫେରିଛନ୍ତି। ଅଷ୍ଟ୍ରେଲିଆରେ ମହିଳା ସମ୍ପ୍ରଦାୟ କ୍ରିକେଟ ଖେଳିବାକୁ ୨୫ ବର୍ଷୀୟା ଅନୟାଙ୍କୁ ସବୁଜ ସଙ୍କେତ ମିଳିଛି। ଏଥିଲାଗି ଅନୟା କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ)କୁ ଧନ୍ୟବାଦ ଜଣାଇଛନ୍ତି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଅନାୟ ଅଷ୍ଟ୍ରେଲିଆରେ ଶୀର୍ଷସ୍ତରୀୟ କ୍ରିକେଟ୍ ଖେଳିବାକୁ ଯୋଗ୍ୟ ହେବେ। ପ୍ରତିଯୋଗିତା ପାଇଁ ତାଙ୍କୁ ପ୍ରଥମେ ସିଏ'ର ମାନଦଣ୍ଡ ପୂରଣ କରିବାକୁ ପଡିବ। ସିଏ'ର ନୀତି ଅନୁଯାୟୀ, ଅନୟାଙ୍କ ସେରମ୍ ଟେଷ୍ଟୋଷ୍ଟେରନ୍ ସାନ୍ଦ୍ରତା ଅତି କମରେ ୧୨ ମାସ ପାଇଁ ୧୦ ନାନୋମଲ୍ ପର୍ ଲିଟର ତଳେ ରହିବାକୁ ପଡିବ। ଏସମସ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ଅନୟାଙ୍କ ମହିଳା ବିଗ୍ ବାସ୍ ଲିଗ୍ (ଡବ୍ଲ୍ୟୁବିଏଲ୍) ଭଳି ଅଷ୍ଟ୍ରେଲିଆର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟ ହେବେ। ପ୍ରକାଶଯୋଗ୍ୟ, ମୁମ୍ବଇରେ ଜନ୍ମିତ ଅନାୟ ଲିଙ୍ଗଗତ ଅସ୍ତ୍ରୋପଚାର ନିଷ୍ପତ୍ତି ନେବା ପୂର୍ବରୁ ବାଳକବର୍ଗରେ ମୁମ୍ବଇ ପକ୍ଷରୁ ବିଭିନ୍ନ ବୟସବର୍ଗରେ କ୍ରିକେଟ୍ ଖେଳିଥିଲେ। ଭାରତୀୟ କ୍ରିକେଟର ସର୍ଫରାଜ ଏବଂ ତାଙ୍କ ଭାଇ ମୁସୀର ଖାନଙ୍କ ଅନୟା ଏକାଠି ମୁମ୍ବଇ ପାଇଁ ଖେଳିଥିଲେ। ଏବେ କିନ୍ତୁ ସେ ଅସ୍ତ୍ରୋପଚାର କରି ପୁଅରୁ ଝିଅ ପାଲଟିଯାଇଛନ୍ତି।

■ ସିନ୍‌ସିନାଟି ଓପନ୍

# ବର୍ଷର ପ୍ରଥମ ଟାଇଟଲ୍ ଜିତିଲେ କୋକୋ ଗଫ୍

ଓହିଓ, ୨୫।୮ (ଏଜେନ୍ସି): ଆମେରିକାର ଓହିଓରେ ଅନୁଷ୍ଠିତ ସିନ୍‌ସିନାଟି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ କୋକୋ ଗଫ୍ ଓ ଆର୍ଥର ଫାଇଲ୍ସ ଚାମ୍ପିଅନ ହୋଇଛନ୍ତି। ସୋମବାର ମହିଳା ସିଙ୍ଗଲ୍ସ ଫାଇନାଲ ଦୁଇ ଆମେରିକୀୟ ଖେଳାଳି ଗଫ୍ ଓ ଜେସିକା ପେଗୁଲାଙ୍କ ମଧ୍ୟରେ ଖେଳାଯାଇଥିଲା। ତେବେ ଗଫ୍ ଏକ ଘଣ୍ଟା ୧୪ ମିନିଟ ସମୟ ନେଇ ୬-୨, ୬-୪ ସିଧାସଳଖ ସେଟରେ ପେଗୁଲାଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ୨୨ ବର୍ଷୀୟା ଗଫ୍‌ଙ୍କ ଚଳିତ ସିଜନରେ ଏହା ପ୍ରଥମ ଟାଇଟଲ୍ ଥିଲା। ସେହିଭଳି ସେରେନା ୱିଲିୟମ୍ସ ଓ ଭିକ୍ଟୋରିଆ ଆଝାରେଙ୍କାଙ୍କ ପରେ ତୃତୀୟ ଖେଳାଳି ଭାବେରେ ଗଫ୍ ଦ୍ୱିତୀୟଥର ଲାଗି ସିନ୍‌ସିନାଟି ଓପନ୍ ଚାମ୍ପିଅନ ହୋଇଛନ୍ତି। ଏଥିପୂର୍ବରୁ ୨୦୨୩ ସଂସ୍କରଣରେ ସେ ଏଠାରେ ଟାଇଟଲ୍ ଜିତିଥିଲେ।

# ପୂର୍ବତନ ଫୁଟବଲ୍ ଖେଳାଳି ଯୁଧିଷ୍ଠିରଙ୍କ ବିୟୋଗ



ଭୁବନେଶ୍ୱର, ୨୫।୮ (ସମିସ): ଓଡ଼ିଶା ଫୁଟବଲ ଦଳର ପୂର୍ବତନ ଖେଳାଳି ଯୁଧିଷ୍ଠିର ସେଠୀଙ୍କ ବିୟୋଗ ଘଟିଛି। ମଙ୍ଗଳବାର ୭୫ ବର୍ଷ ବୟସରେ ଯୁଧିଷ୍ଠିର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ତାଙ୍କ ପତ୍ନୀ ଓ ୩ ଝିଅ ଉପସ୍ଥିତ ରହିଥିଲେ। ଯୁଧିଷ୍ଠିର ସମ୍ମାନଜନକ ସନ୍ତୋଷ ଟ୍ରଫି ସମେତ ଏକାଧିକ ଜାତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେହିଭଳି ସେ ଓଡ଼ିଶା ଗଭରମେଣ୍ଟ ପ୍ରେସରେ ଚାକିରି କରି ଅବସର ନେଇଥିଲେ। ଯୁଧିଷ୍ଠିରଙ୍କ ବିୟୋଗରେ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

ଦୁଲୀପ ଟ୍ରଫି କ୍ରିକେଟ

# ପୂର୍ବାଞ୍ଚଳର ଇନିଂସ ବିଜୟ

ବେଙ୍ଗାଲୁରୁ,୨୫।୮ (ଏଜେନ୍ସି): ବେଙ୍ଗଲର ଶାହାବାଜ ଅହମ୍ମଦ୍‌ଙ୍କ ଅଲରାଉଣ୍ଡ ସଫଳତା, ତ୍ରିପୁରା ପେସର ଅଭିଜିତ ସରକାର ଓ ଝାଡ଼ଖଣ୍ଡ ସ୍ପିନର ଅନୁକୂଳ ରୟଙ୍କ ସଫଳ ବୋଲିଂ ଫଳରେ ଏଠାରେ ଅନୁଷ୍ଠିତ ଦୁଲୀପ୍ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲରେ ଉତ୍ତର-ପୂର୍ବାଞ୍ଚଳକୁ ଏକ ଇନିଂସ ଓ ୨୧୦ ରନ୍‌ରେ ପରାସ୍ତ କରି ପୂର୍ବାଞ୍ଚଳ ଦୁଲିପ୍ ଟ୍ରଫି ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ସେମିଫାଇନାଲରେ କେନ୍ଦ୍ରାଞ୍ଚଳକୁ ଭେଟିବ। ଏହି ଦିନ ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ସହ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ମଧ୍ୟରେ ଚାଲିଥିବା ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ବିଜେତା ଦଳ ଭେଟିବ।

ଏଠାରେ ଅନୁଷ୍ଠିତ ମ୍ୟାଚରେ ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୪୬୭ ରନ୍ କରିଥିଲା। ଦଳ ପକ୍ଷରୁ ଶାହାବାଜ୍ ଅହମ୍ମଦ୍ ୧୬୭ ଓ ସୁଦୀପ କୁମାର ଘରାମୀ ୧୪୬ ରନ୍ କରିଥିଲେ। ଜବାବରେ ଉତ୍ତରପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୧୧୧ ଓ ଦ୍ୱିତୀୟ ଇନିଂସରେ ୧୪୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ପ୍ରଥମ ଇନିଂସରେ ପୂର୍ବାଞ୍ଚଳ ପକ୍ଷରୁ ଅଭିଜିତ ୫ଟି ଓ ଶାହାବାଜ ୩ଟି ଓିକେଟ ପାଇଥିଲେ। ଦ୍ୱିତୀୟ ଇନିଂସରେ ଅନୁକୂଳ ୫ଟି ଓ ବୈଭବ ସୂର୍ଯ୍ୟବଂଶୀ ୨ଟି ଓିକେଟ ନେଇଥିଲେ।

## ଉତ୍ତର-ପଶ୍ଚିମ ମଧ୍ୟରେ କଡ଼ା ସଂଘର୍ଷ

ବିସିସିଆଇ ଗ୍ରାଉଣ୍ଡ-୨'ରେ ଚାଲିଥିବା ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜିତିବାକୁ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ମଧ୍ୟରେ ଘମାଘୋଟ ସଂଘର୍ଷ ଚାଲିଛି। ଏହି ମୁକାବିଲାର ଆଜି ତୃତୀୟ ଦିନ ଖେଳ ଶେଷରେ ମ୍ୟାଚ୍ ଜିତିବା ଲାଗି ପଶ୍ଚିମାଞ୍ଚଳକୁ ବାକିଥିବା ୩ଟି ଦ୍ୱିତୀୟ ଇନିଂସ ଓିକେଟ ବଳରେ ଶେଷ ଦିନରେ ଆଉ ୬୭ ରନ୍ ଆବଶ୍ୟକ ହେଉଛି। ଅନ୍ୟ ପକ୍ଷରେ ଉତ୍ତରାଞ୍ଚଳକୁ ୬୫ ରନ୍ ମଧ୍ୟରେ ଏହି ୩ଟି ଓିକେଟ ଆବଶ୍ୟକ ହେଉଛି। ପଶ୍ଚିମାଞ୍ଚଳ ପକ୍ଷରୁ ଅପରାଜିତ ବ୍ୟାଟର ଉର୍ଭିଲ ପଟେଲ (୧୭)ଙ୍କ ସହ ତନୁସ କୋଟିଆନ, ଶାର୍ଦ୍ଦୁଳ ଠାକୁର ଓ ତୁଷାର ଦେଶପାଣ୍ଡେ ଖେଳିବାକୁ ଥିବାରୁ ପଶ୍ଚିମାଞ୍ଚଳ ସପକ୍ଷରେ ମ୍ୟାଚ୍ ରହିଛି।

ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସରେ ୨୨୨ରନ୍ କରିଥିଲା। ଆୟୁଷ ବଦୋନି ୫୦, ଅବଦୁଲ ସମଦ ୩୦, ନିଶାନ୍ତ ସିନ୍ଧୁ ୪୪ ରନ୍‌ର ଯୋଗଦାନ ଦେଇଥିଲେ। ପଶ୍ଚିମାଞ୍ଚଳର ମୁଲାନି ଓ କୋଟିଆନଙ୍କୁ ପୁଣିଥରେ ୪ଟି ଲେଖାଏଁ ଓିକେଟ ମିଳିଥିଲା। ଏମାନେ ମୋଟି ୧୬ଟି ଓିକେଟ ନେଇଛନ୍ତି। ଏହା ଫଳରେ ପଶ୍ଚିମାଞ୍ଚଳ ଆଗରେ ୨୮୭ ରନ୍‌ର ବିଜୟ ଲକ୍ଷ୍ୟ ଥିଲା। ଏହାକୁ ପିଛା କରି ମୁସିର ଖାନ୍ ୯୬ ଓ ଅଧିନାୟକ ରତୁରାଜ ଗାଏକ୍ୱାଡ ୬୬ ରନ୍ କରିବା ଫଳରେ ତୃତୀୟ ଦିନ ଖେଳ ଶେଷସୁଦ୍ଧା ପଶ୍ଚିମାଞ୍ଚଳ ୭ ଓିକେଟରେ ୨୨୦ ରନ୍ ଭରଣା କରିନେଇଛି। ଆସନ୍ତାକାଲି ଅର୍ଶଦୀପ, ଆବିଦ୍ ଓ ଅଂଶୁଲଙ୍କ ଉପରେ ଏହି ମ୍ୟାଚ୍‌ର ଫଳାଫଳ ନିର୍ଭର କରୁଛି। ପ୍ରଥମ ଇନିଂସରେ ଉତ୍ତରାଞ୍ଚଳ ୬୪ ରନ୍‌ରେ ଆଗୁଆ ରହିଥିଲେ ମଧ୍ୟ ଦ୍ୱିତୀୟ ଇନିଂସ୍‌ରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

# ବିଶ୍ୱ ମାନ୍ୟତାରେ ୧୨ଟି ସ୍ଥାନ ଉଠିଲେ ତ୍ରିସା-ଗାୟତ୍ରୀ

କ୍ୱାଲାଲୁମ୍ପୁର, ୨୫।୮ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍ ପକ୍ଷରୁ ସଦ୍ୟ ପ୍ରକାଶିତ ର‍୍ୟାଙ୍କିଙ୍ଗରେ ଭାରତର ତ୍ରିସା ଜୋଲି ଓ ଗାୟତ୍ରୀ ଗୋପିଚାନ୍ଦ ଯୋଡ଼ିଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ମହିଳା ଡବଲ୍ସ ମାନ୍ୟତାରେ ତ୍ରିସା-ଗାୟତ୍ରୀ ଯୋଡ଼ି ୧୨ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୨୭ତମ ସ୍ଥାନରେ ରହିଛନ୍ତି। ନିକଟରେ ଦିଲ୍ଲୀରେ ଶେଷ ହୋଇଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ରେ ତ୍ରିସା-ଗାୟତ୍ରୀ ଯୋଡ଼ି ଐତିହାସିକ କାଂସ୍ୟ ପଦକ ସଫଳତା ପାଇଥିଲେ। ଏହି ଭାରତୀୟ ଯୋଡ଼ି ସେମିଫାଇନାଲରେ ହାରିଯାଇଥିଲେ ମଧ୍ୟ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ଫଳରେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ରେ ଦୀର୍ଘ ୧୫ ବର୍ଷ ପରେ ଭାରତକୁ ମହିଳା ଡବଲ୍ସରେ ପଦକ ସଫଳତା ମିଳିଥିଲା। ଏହି ସଫଳତା ଲାଗି ତ୍ରିସା-ଗାୟତ୍ରୀ ଯୋଡ଼ି ୩୯ ରୁ ୨୭ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ଭାରତୀୟ ଯୋଡ଼ିଙ୍କ ମୋଟ୍ ର‍୍ୟାଙ୍କିଙ୍ଗ ପଏଣ୍ଟ ବର୍ତ୍ତମାନ ୧୦,୫୦୦ ରହିଛି।



ଏଫ୍‌ଆଇଏଚ୍ ହକି ବିଶ୍ୱକପ୍

# ସେମିଫାଇନାଲ ମୁକାବିଲା ୨୭ରୁ

ଆମଷ୍ଟଲଭିନ,୨୫।୮ (ଏଜେନ୍ସି): ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ର ଉଭୟ ପୁରୁଷ ଓ ମହିଳା ବିଭାଗରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆସନ୍ତା ୨୮ରେ ହେବାକୁ ଥିବା ପୁରୁଷ ବିଭାଗ ସେମିଫାଇନାଲରେ ନେଦରଲ୍ୟାଣ୍ଡସ ସହ ସ୍ପେନ୍‌ର ଓ ଏହି ଦିନ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ସହ ଆର୍ଜେଣ୍ଟିନାର ମୁକାବିଲା ହେବ। ପ୍ରଥମ ମ୍ୟାଚ୍‌ଟି ଆମଷ୍ଟଲଭିନ ଓ ଦ୍ୱିତୀୟ ମ୍ୟାଚ୍ ବେଲଜିୟମର ୱାଭରେଠାରେ ଖେଳାଯିବ। ବେଲଜିୟମ କ୍ରସଓଭର ପୁଲ୍‌ରେ ଚତୁର୍ଥ ତଥା ଶେଷ ସ୍ଥାନ ଅଧିକାର କରି ଟାଇଟଲ ଲଢ଼େଇରୁ ବାଦ୍ ପଡ଼ିଛି। ସେମିଫାଇନାଲର ବିଜେତାଙ୍କ ମଧ୍ୟରେ ଫାଇନାଲ ଅଗଷ୍ଟ ୩୦ରେ ଓ ପରାଜିତଙ୍କ ମଧ୍ୟରେ ତୃତୀୟ ସ୍ଥାନ ଲାଗି ମଧ ସମାନ ଦିନରେ ମୁକାବିଲା ହେବ।

ମହିଳା ବିଭାଗର ସେମିଫାଇନାଲ ଅଗଷ୍ଟ ୨୭ରେ ଖେଳାଯିବ। ଏହି ଦିନ ଆମଷ୍ଟଲଭିନରେ ପ୍ରଥମ ସେମିଫାଇନାଲ ଡିଫେଣ୍ଡିଂ ଚାମ୍ପିଅନ ନେଦରଲ୍ୟାଣ୍ଡସ ଓ ଯୁଗ୍ମ ଆୟୋଜକ ବେଲଜିୟମ ମଧ୍ୟରେ ଏବଂ ଦ୍ୱିତୀୟ ସେମିଫାଇନାଲ ଆର୍ଜେଣ୍ଟିନା ଓ ଅଷ୍ଟ୍ରେଲିଆ ମଧ୍ୟରେ ୱାଭରେଠାରେ ଖେଳାଯିବ। ଏମାନଙ୍କ ବିଜେତାଙ୍କ ମଧ୍ୟରେ ଫାଇନାଲ ଓ ତୃତୀୟ ସ୍ଥାନ ଲାଗି ମୁକାବିଲା ଅଗଷ୍ଟ ୨୯ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**ସେମିଫାଇନାଲ ସୂଚୀ-ମହିଳା**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ସମୟ |
|---|---|---|---|
| ୨୭।୮ | ନେଦରଲ୍ୟାଣ୍ଡସ-ବେଲଜିୟମ | ଆମଷ୍ଟଲଭିନ | ରାତି ୯ଟା |
| ୨୭।୮ | ଆର୍ଜେଣ୍ଟିନା-ଅଷ୍ଟ୍ରେଲିଆ | ୱାଭରେ | ରାତି ୧୨ଟା |

**ସେମିଫାଇନାଲ ସୂଚୀ-ପୁରୁଷ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ସମୟ |
|---|---|---|---|
| ୨୮।୮ | ନେଦରଲ୍ୟାଣ୍ଡସ-ସ୍ପେନ୍ | ଆମଷ୍ଟଲଭିନ | ରାତି ୯ଟା |
| ୨୮।୮ | ଜର୍ମାନୀ-ଆର୍ଜେଣ୍ଟିନା | ୱାଭରେ | ରାତି ୧୨ଟା |

# ଅପିଲ୍ କରିବେ ମାର୍କେତା

ଲାଉସାନେ,୨୫।୮: ପୂର୍ବତନ ଓିମ୍ବଲଡନ୍ ଚାମ୍ପିଅନ୍ ମାର୍କେତା ଭୋଣ୍ଡ୍ରୋସୋଭା ତାଙ୍କର ଚାରି ବର୍ଷର ବାସନ୍ଦ ବିରୋଧରେ ବିଶ୍ୱ କ୍ରୀଡ଼ାର ସର୍ବୋଚ୍ଚ ଅଦାଲତ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର୍ ସ୍ପୋର୍ଟ (କାସ୍)ର ଦ୍ୱାରସ୍ଥ ହୋଇଛନ୍ତି। ଆଣ୍ଟି-ଡୋପିଂ ପରୀକ୍ଷାକୁ ମନା କରିବା ଅଭିଯୋଗରେ ଚେକ୍ ଗଣରାଜ୍ୟର ଏହି ଟେନିସ ତାରକାଙ୍କୁ ୪ ବର୍ଷ ଲାଗି ବାସନ୍ଦ କରାଯାଇଥିଲା। ୨୭ ବର୍ଷୀୟା ମାର୍କେତା ଏବେ ଏହି ଦଣ୍ଡାଦେଶ ବିରୋଧରେ କାସ୍'ରେ ଆବେଦନ କରିଛନ୍ତି।

### ଏସିଆ ରଗ୍‌ବୀ ସେଭେନ ସିରିଜ

# ଭାରତୀୟ ଦଳରେ ଓଡ଼ିଶାର ୬ ଖେଳାଳି




ଭୁବନେଶ୍ୱର,୨୫।୮ (ସମିସ): ଚାଇନାର ସୁଝୋଉଠାରେ ଅଗଷ୍ଟ ୨୯ରୁ ଦୁଇଦିନ ଧରି ଏସିଆ ରଗବୀ ଏମିରେଟ୍ସ ସେଭେନ ସିରିଜ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିଲାଗି ଘୋଷିତ ଭାରତୀୟ ସିନିଅର ପୁରୁଷ ଓ ମହିଳା ରଗ୍‌ବୀ ଦଳରେ ଓଡ଼ିଶାର ୬ଜଣ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଦଳରେ ଆଶିଷ ଶବର ଓ ଗଣେଶ ଧଙ୍ଗଡ଼ା ମାଝୀଙ୍କୁ ସୁଯୋଗ ମିଳିଛି। ସେହିଭଳି ମାମା ନାଏକ, ନିର୍ମାଲ୍ୟ ରାଉତ, ସନ୍ଧ୍ୟାରାଣୀ ଟୁଡୁ ଓ ଡୁମୁଣି ମାର୍ଣ୍ଡିଙ୍କୁ ମହିଳା ଦଳରେ ନିଆଯାଇଛି। ଡୁମୁଣିଙ୍କୁ ମହିଳା ଦଳର ଉପ-ଅଧିନାୟିକା ନିଯୁକ୍ତ କରାଯାଇଛି। ମନୋନୀତ ଖେଳାଳିଙ୍କ ମଧ୍ୟରୁ ଆଶିଷ, ଗଣେଶ, ମାମା, ନିର୍ମାଲ୍ୟ ଓ ଡୁମୁଣି କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଦଳ ଜାପାନ, ୟୁଏଇ ଓ ସିଙ୍ଗାପୁର ସହ ପୁଲ୍-ଏ'ରେ ସ୍ଥାନ ପାଇଛି। ସେହିଭଳି ଭାରତୀୟ ମହିଳା ଦଳ ପୁଲ୍-ଡି'ରେ ଡିଫେଣ୍ଡିଂ ଚାମ୍ପିଅନ ଜାପାନ, ୟୁଏଇ ଓ ଇରାନ ସହ ରହିଛି। ଏହି ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି କୋଲକାତାର ସାଇ ସେଣ୍ଟରରେ ଜୁଲାଇ ୧୯ରୁ ଅଗଷ୍ଟ ୨୫ ତାରିଖ ପର୍ଯ୍ୟନ୍ତ ଜାତୀୟ କୋଚିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କିଟ୍ ଓ କିସ୍'ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ଓଡ଼ିଶା ରଗ୍‌ବୀ ଫୁଟବଲ୍ ସଂଘର ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି ମନୋନୀତ ହୋଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

■ ଫାଓ ଦ୍ୱିତୀୟ ଡିଭିଜନ ଲିଗ୍

# ଓଜିପି, ତାର୍ଜନ କ୍ଲବ ବିଜୟୀ

ଭୁବନେଶ୍ୱର, ୨୫।୮ (ସମିସ): ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବିଡ଼ାନାସୀ ଗ୍ରାଉଣ୍ଡରେ ଚାଲିଥିବା ଫାଓ ଦ୍ୱିତୀୟ ଡିଭିଜନ ଲିଗ୍‌ର ୭ମ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦିବସରେ ଦୁଇଟି ମ୍ୟାଚ୍ ଖେଳାଯାଇଥିବାବେଳେ ତାର୍ଜନ କ୍ଲବ ଓ ଓଡ଼ିଶା ଗଭରମେଣ୍ଟ ପ୍ରେସ୍ (ଓଜିପି) କ୍ଲବ ବିଜୟୀ ଲାଭ କରିଛି। ପ୍ରତିଯୋଗିତାର ୧୩ତମ ମ୍ୟାଚରେ ଆଜାଦ ହିନ୍ଦ କ୍ଲବ ଓ ତାର୍ଜନ କ୍ଲବ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚରେ ତାର୍ଜନ କ୍ଲବ ୩-୦ ଗୋଲରେ ଆଜାଦ୍ ହିନ୍ଦକୁ ହରାଇଥିଲା। ବିଜୟ ସହ ତାର୍ଜନ କ୍ଲବକୁ ୩ ପଏଣ୍ଟ ମିଳିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ଓଜିପି ୪-୦ ଗୋଲରେ ସିଡିଏର ମର୍ଣ୍ଣିଂ ଏଫସିକୁ ହରାଇଛି। ଓଜିପି ଦଳର ରୁଦ୍ରପ୍ରତାପ ମାନସିଂ ଦୁଇଟି ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମ୍ୟାଚର ୧୧ତମ ଓ ୬୨ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ।

ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ସ୍ନୁକର

# ରାକେଶଙ୍କୁ ହରାଇଲେ ପ୍ରତୀକ ଲାଲ୍



ଭୁବନେଶ୍ୱର,୨୫।୮ (ସମିସ): ସିଡେଡ ଖେଳାଳି ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ୩-୦ ସିଧାସଳଖ୍ ସେଟ୍‌ରେ ପରାସ୍ତ କରି ଝାଡଖଣ୍ଡର ପ୍ରତୀକ ଲାଲ ଏଠାରେ ଚାଲିଥିବା ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ପୂର୍ବାଞ୍ଚଳ ଓପନ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଓଡ଼ିଶାର ନାମି ଦାମି ଖେଳାଳିଙ୍କ ମଧ୍ୟରେ ଗଣାଯାଉଥିବା ଡାକ୍ତର ରାକେଶ ଏହି ମୁକାବିଲାରେ ଗୋଟିଏ ହେଲେ ଫ୍ରେମ୍‌ରେ ବିଜୟୀ ହୋଇ ପାରି ନ ଥିଲେ। ପ୍ରତୀକଙ୍କ ସହ ଝାଡଖଣ୍ଡର ଅନ୍ୟ ଖେଳାଳି ସୁଶାନ୍ତ ସିହ୍ନା ୩-ରେ ଆୟୋଜକ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ସଂଘ ସମ୍ପାଦକ ଅମୀର ଅଲିଙ୍କୁ, ଅମନ କୁମାର ୩-୦ରେ ସୁଦୀପ୍ତ ଦାଶଙ୍କୁ, ଗୌରବ ପଟେଲ ୱାକ୍ ଓଭର ପାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ଅବନାଶ ମହାପାତ୍ରଙ୍କଠାରୁ ୩-୧ ଫ୍ରେମ୍‌ରେ ପରାଜିତ ହୋଇ ଝାଡଖଣ୍ଡର ନୀରଜ ସିଂ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ରାଜ୍ୟ ବାହାରର ଅନ୍ୟ ଜଣେ ଖେଳାଳି ଯଥା ପଶ୍ଚିମବଙ୍ଗର ସୟଦ ଜୋହାନାନଥ ୩-୧ରେ ଓଡ଼ିଶାର ଇନ୍ଦ୍ରଜିତ ଷଡଙ୍ଗୀଙ୍କୁ ପରାସ୍ତ କରିଛନ୍ତି।

ଆଜି ଖେଳାଯାଇଥିବା ଅନ୍ୟ ପ୍ରଥମ ରାଉଣ୍ଡ ଖେଳରେ ମିଶାଲ ସ୍ୱାଇଁ ୩-୨ରେ ଆରନ ଆନିୟାନ୍‌ଙ୍କୁ, ସତ୍ୟଜିତ ରଣା ୩-୦ରେ ରାହୁଲ ହାଲିଙ୍କୁ, ଶାରଦା ବେହେରା ୩-୨ରେ ବିଶେଷ ସିଙ୍ଘାଲଙ୍କୁ, ସନ୍ଦୀପ ଅଗରୱାଲ ୩-୦ରେ ଅନୁରାଗ ସାହୁଙ୍କୁ ଓ ତାରିଣୀ ସାମଲ ୩-୧ରେ ରଶ୍ମି ମାର୍ଣ୍ଡିଙ୍କୁ ପରାସ୍ତ କରିଥିଲେ। ଆଜି ଗୋଟିଏ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଖେଳାଯାଇଛି। ଏଥିରେ ଭେଟେରାନ ଖେଳାଳି ଜିତେନ ଷଡଙ୍ଗୀ ୩-୧ରେ ରୁମିତ ଗୁପ୍ତାଙ୍କୁ ପରାସ୍ତ କରି ପ୍ରଥମ ଖେଳାଳି ଭାବେ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଓ ଭୁବନେଶ୍ୱର କ୍ଲବ୍ ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତଭାବେ ଆୟୋଜନ କରୁଥିଲାବେଳେ ଅଗଷ୍ଟ ୨୯ରେ ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS